

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-150 ◆WEDNESDAY ◆26 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୫୦ ◆ବୁଧବାର ◆୨୬ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଆସନ୍ତାକାଲିଠାରୁ ବିଧାନସଭା ଅଧିବେଶନ

# ମୌସୁମୀରେ ଧୋଇଗଲା; ଶୀତରେ ଚାଲିବ ତ !



### ଆଜି ଅନୁଷ୍ଠିତ ହେବ ସର୍ବଦଳୀୟ ବୈଠକ
### ବିରୋଧୀଙ୍କ ହାତରେ ପୁଳାପୁଳା ପ୍ରସଙ୍ଗ
### ନୂଆପଡ଼ା ବିଜୟ ପରେ ଶାସକ ଉତ୍ସାହିତ

■ ଭୁବନେଶ୍ୱର, ୨୫।୧୧ (ସମିସ): ଗତ ମୌସୁମୀ ଅଧିବେଶନରେ ମାତ୍ର ୭ଟି କାର୍ଯ୍ୟଦିବସ ଥିଲା; ତାହାବି ସୁରୁଖୁରୁରେ ଚାଲି ପାରିଲା ନାହିଁ। ଗୋଟିଏ ଦିନ ଆଗରୁ ବିଧାନସଭାକୁ ମୁଲତବୀ ଘୋଷଣା କରାଗଲା। ଆସନ୍ତା ୨୭ ତାରିଖରୁ ବିଧାନସଭା ଶୀତ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ବିଧାନସଭା ଯେ ସୁରୁଖୁରୁରେ ଚାଲିବ, ତାହାକୁ ନେଇ ଏବେଠାରୁ ସନ୍ଦେହ ପ୍ରକାଶ ପାଇଲାଣି। ଆସନ୍ତା ଡିସେମ୍ବର ୩୧ ତାରିଖ ଯାଏଁ ବିଧାନସଭା ଚାଲିବାକୁ ଥିବାବେଳେ ଅଧିବେଶନରେ ମୋଟ ୨୯ଟି କାର୍ଯ୍ୟଦିବସ ରହିଛି। ତେବେ ବିରୋଧୀଙ୍କ ହାତରେ ସରକାରଙ୍କୁ ଘେରିବା ପାଇଁ ମାଳମାଳ ପ୍ରସଙ୍ଗ ଥିବାରୁ ଶୀତ ଅଧିବେଶନ ବେଶ୍ ଉଷ୍ମ ହେବ ବୋଲି ଆକଳନ କରିଛନ୍ତି ରାଜନୈତିକ ସମୀକ୍ଷକ।

ଏହି ଲମ୍ବା ଅଧିବେଶନ ଯେପରି ସୁରୁଖୁରୁରେ ଚାଲିବ, ସେଥିପାଇଁ ବୁଧବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ଅଧିବେଶନ ସୁରୁଖୁରୁରେ ଚାଲିବା ନେଇ ବାଚସ୍ପତି ସମସ୍ତଙ୍କର ସହଯୋଗ ଲୋଡ଼ିବେ। ତେବେ ମୌସୁମୀ ଅଧିବେଶନ ପରି ଶୀତ ଅଧିବେଶନ ଯେ ମୂଳରୁ କମ୍ପମାନ ହେବ, ସେନେଇ ଆକଳନ କଲେଣି ରାଜନୈତିକ ସମୀକ୍ଷକ। ଚଳିତ ଖରିଫ୍ ଋତୁ ପାଇଁ ଧାନ କିଣାର ବିଭ୍ରାଟ ଘଟିବା ନେଇ ଆଶଙ୍କା ଦେଖାଦେଇଛି। ବିଶେଷକରି ମଣ୍ଡି ଖୋଲିବାରେ ବିଳମ୍ବତାକୁ ନେଇ ବିରୋଧୀ ସରକାରଙ୍କୁ ଷଣ୍ଢୁଆଖୀ ଆକ୍ରମଣ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ଯେପରି ନିୟମିତ ଭାବେ ତଳକୁ ତଳକୁ ଯାଉଛି, ସେନେଇ ସରକାରଙ୍କୁ ଜବାବ୍ ମାଗିବାକୁ ପ୍ରସ୍ତୁତ ହୋଇ ସାରିଛନ୍ତି ବିରୋଧୀ। ନୂଆପଡ଼ା ଉପ ନିର୍ବାଚନରେ ସରକାରୀ ଦଳ ଯେପରି ପ୍ରଶାସନକୁ ସମ୍ପୂର୍ଣ୍ଣ ଅକ୍ତିଆରକୁ ନେଇ ନିର୍ବାଚନ ଲଢ଼ିଲା, ଆଚରଣ ବିଧିର ଧଜ୍ଜିଆ ଉଡ଼ାଇଲା ତାହା ମଧ୍ୟ ବଡ଼ ପ୍ରସଙ୍ଗ ହେବ ବୋଲି ବିରୋଧୀ ବିଧାୟକମାନେ ସୂଚନା ଦେଇଛନ୍ତି। ଏତଦ୍‌ବ୍ୟତୀତ ରାଜ୍ୟରେ ଲଘୁ ଖଣିଜ ଦ୍ରବ୍ୟ ବିଶେଷକରି ବାଲିର ବେଧଡ଼କ ଚୋରି, ପ୍ରଶ୍ନପତ୍ର ଲିକ୍ ମାମଲା, ଦାଦନ, ଦରଦାମ ବୃଦ୍ଧି, ମହାନଦୀ, ପୋଲାଭରମ୍ ଓ କୋଟିଆ ସମସ୍ୟାକୁ ନେଇ ଗୃହକୁ ସରଗରମ କରିବାକୁ ବିରୋଧୀ ପ୍ରସ୍ତୁତ ହେଉଛନ୍ତି। ଏହିକ୍ରମରେ ଆସନ୍ତାକାଲି ବିଜେଡି ଓ କଂଗ୍ରେସ ବିଧାୟକ ଦଳ ଅନୁଷ୍ଠିତ ହେବାକୁ ଥିବାବେଳେ ଉଭୟେ ନିଜ ▶ପୃଷ୍ଠା-୧୦

# ୨୧ ଲକ୍ଷ ମୋବାଇଲ ନମ୍ବର ବ୍ଲକ୍

### ୧ ଲକ୍ଷ ସଂସ୍ଥା କଳା ତାଲିକାଭୁକ୍ତ

■ ନୂଆଦିଲ୍ଲୀ, ୨୫।୧୧ (ଏଜେନ୍ସି): ଦେଶରେ ସମ୍ପ୍ରତି ସ୍ପାମ୍ କଲ୍, ନକଲି ମେସେଜ୍ ଏବଂ ଡିଜିଟାଲ୍ ଠକେଇ ଘଟଣା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏହି ଧାରା ଉପରେ ରୋକ ଲଗାଇବା ପାଇଁ ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଥିରେ ଟ୍ରାଇ ବର୍ଷକ ମଧ୍ୟରେ ୨.୧ ନିୟୁତରୁ ଅଧିକ ମୋବାଇଲ୍ ନମ୍ବର ବ୍ଲକ୍ କରିଛି ଏବଂ ପ୍ରାୟ ୧ ଲକ୍ଷ ସଂସ୍ଥାକୁ କଳା ତାଲିକାଭୁକ୍ତ କରିଛି। ଏଗୁଡ଼ିକ ସେହି ସମାନ ନମ୍ବର ଯାହା ଡୁ ନଟ୍ ଡିଷ୍ଟର୍ବ (ଡିଏନ୍‌ଡି) ଆପ୍ ମାଧ୍ୟମରେ ରିପୋର୍ଟ କରାଯାଇଥିଲା। ଆହୁରିମଧ୍ୟ ଏହି କାର୍ଯ୍ୟାନୁଷ୍ଠାନ ସେହି କଲରମାନଙ୍କ ବିରୋଧରେ ନିଆଯାଇଛି ଯେଉଁମାନେ କେୱାଇସି, ବ୍ୟାଙ୍କ ଆକାଉଣ୍ଟ, ଜାଲ୍ ଅଫର ଏବଂ ସରକାରୀ ପରିଚୟ ଦେଇ ଗ୍ରାହକଙ୍କୁ ଠକିବାକୁ ଚେଷ୍ଟା କରିଥାନ୍ତି। ତେବେ ଗତ ବର୍ଷକ ମଧ୍ୟରେ ସ୍ପାମ୍ କଲ୍ ଏବଂ ଠକେଇ କରୁଥିବା ଜାଲ୍ ଫୋନ୍ ନମ୍ବର ବିରୋଧରେ ଏହାକୁ ସବୁଠାରୁ ବଡ଼ କାର୍ଯ୍ୟାନୁଷ୍ଠାନ କୁହାଯାଉଛି।

ଏହାଛଡ଼ା ଟ୍ରାଇ ଲୋକମାନଙ୍କୁ କେବଳ ସେମାନଙ୍କ ଫୋନ୍‌ରେ ଏପରି ନମ୍ବରଗୁଡ଼ିକୁ ଅବରୋଧ କରିବା ପାଇଁ ନୁହେଁ ବରଂ ଡିଏନ୍‌ଡି ଆପ୍‌ରେ ରିପୋର୍ଟ କରିବାକୁ ମଧ୍ୟ କହିଛି। ଏଥିରେ ଟ୍ରାଇ ନାଗରିକଙ୍କଠାରୁ ସର୍ବାଧିକ ଅଭିଯୋଗ ପାଉଥିବା ନମ୍ବରଗୁଡ଼ିକୁ ଅବରୋଧ କରିଛି। ଡିଏନ୍‌ଡି ଆପ୍‌ରେ କରାଯାଇଥିବା ଅଭିଯୋଗକୁଆଧାର କରି ଟ୍ରାଇ ଏବଂ ଟେଲିକମ୍ କମ୍ପାନୀଗୁଡ଼ିକ ନକଲି ନମ୍ବରଗୁଡ଼ିକୁ ▶ପୃଷ୍ଠା-୧୦

## ୧୨ ହଜାର ବର୍ଷ ପରେ ସକ୍ରିୟ ହେଲା ଜ୍ୱାଳାମୁଖୀ

# ଇଥିଓପିଆରେ ଉଦ୍‌ଗୀରଣ; ଦିଲ୍ଲୀରେ ପାଉଁଶ




■ ଆଡିସ ଆବାବା, ୨୫।୧୧ (ଏଜେନ୍ସି): ପୂର୍ବ ଆଫ୍ରିକୀୟ ଦେଶ ଇଥିଓପିଆରେ ହେଲି ଗୁବି ଆଗ୍ନେୟଗିରିର ଜ୍ୱାଳାମୁଖିରେ ଦୀର୍ଘ ୧୨,୦୦୦ ବର୍ଷ ପରେ ରବିବାର ହଠାତ ବିସ୍ଫୋରଣ ହୋଇଛି। ବିସ୍ଫୋରଣ ହେବା ପରେ ପାଉଁଶ ଓ ସଲଫର ଡାଇଅକ୍ସାଇଡ୍ ପାଖାପାଖି ଆକାଶର ୧୫ କିମି ଉଚ୍ଚକୁ ଉଠିଥିଲା। ଏହା ରେଡ୍ ସି ଅର୍ଥାତ ଲାଲ ସାଗର ପାରକରି ମଧ୍ୟପ୍ରାଚ୍ୟ ଦେଶ ୟେମେନ ଓ ଓମାନ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା। ଆଶ୍ଚର୍ଯ୍ୟନକ ଭାବେ ଏହି ପାଉଁଶ ସୋମବାର ରାତି ୧୧ଟାରେ ଇଥିଓପିଆଠାରୁ ୪,୩୦୦ କିମି ଦୂରରେ ଥିବା ଭାରତର ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, ଦିଲ୍ଲୀ-ଏନ୍‌ସିଆର ଓ ପଞ୍ଜାବ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା। ରାତିରେ ପଶ୍ଚିମ ଉତ୍ତରପ୍ରଦେଶ ଓ ହିମାଚଳ ପ୍ରଦେଶର ପାହାଡ଼ି ଅଞ୍ଚଳରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ▶ପୃଷ୍ଠା-୧୦

# ବିଦ୍ୟୁତ୍ ଉପଭୋକ୍ତାଙ୍କ ସହ ଠକ୍କକତା

## ୟୁନିଟ୍ ପିଛା ୩୬ ପଇସା ଅଧିକ ଆଦାୟ କରିଛି ଟାଟା ପାୱାର




■ ଭୁବନେଶ୍ୱର, ୨୫।୧୧ (ସମିସ): ବିଦ୍ୟୁତ୍ ଶୁଳ୍କ ଆଦାୟ କ୍ଷେତ୍ରରେ ଉପଭୋକ୍ତାଙ୍କ ସହ ଠକ୍କକତା କରିଛି ଟାଟା ପାୱାର। ଏହାର ୪ଟି ବିତରଣକାରୀ ସଂସ୍ଥା ଓଇଆର୍‌ସିଙ୍କ ଧାର୍ଯ୍ୟ ୟୁନିଟ୍ ପିଛା ୫ଟଙ୍କା ୬୭ ପଇସା ପରିବର୍ତ୍ତେ ଉପଭୋକ୍ତାଙ୍କଠାରୁ ଆଦାୟ କରିଛି ୬.୦୩ ପଇସା। ଅର୍ଥାତ୍ ପ୍ରତି ୟୁନିଟ୍ ପିଛା ଟାଟାପାୱାର ଉପଭୋକ୍ତାଙ୍କଠାରୁ ୩୬ ପଇସା ଅଧିକ ନେଇଛି। ସଦ୍ୟ ପ୍ରକାଶିତ ଟାଟା ପାୱାରର ୪ଟି କମ୍ପାନୀ ଓ ଗ୍ରୀଡ୍‌କୋର ୨୦୨୪-୨୫ ବର୍ଷର କାର୍ଯ୍ୟଦକ୍ଷତା ସମୀକ୍ଷା ରିପୋର୍ଟ ପ୍ରଦର୍ଶିତ ହୋଇଛି ଏହି ସାଂଘାତିକ ତଥ୍ୟ। ରିପୋର୍ଟ ଅନୁସାରେ ୨୦୨୪-୨୫ ପାଇଁ ଟାଟା ପାୱାରର ୪ ବିତରକ କମ୍ପାନୀକୁ ୟୁନିଟ ପିଛା ହାରାହାରି ଟାରିଫ ୫ ଟଙ୍କା ୬୭ ପଇସା ହିସାବରେ ୩୦୭୯୫ ନିୟୁତ ୟୁନିଟ ବିଦ୍ୟୁତ ବିକ୍ରି ପାଇଁ ଓଇଆର୍‌ସି ଅନୁମୋଦନ ▶ପୃଷ୍ଠା-୧୦

# ଲଜ୍ଜା

## ଆଇସକ୍ରିମ୍‌ର ଲୋଭ ଦେଖାଇ ୩ ନାବାଳିକାଙ୍କୁ ଦୁଷ୍କର୍ମ

■ ଏମ୍‌ଭି ୭୯/କାଲିମେଲା, ୨୫।୧୧ (ସମିସ): ଆଇସକ୍ରିମ୍‌ର ଲୋଭ ଦେଖାଇ ୩ ନାବାଳିକାଙ୍କୁ ଦୁଷ୍କର୍ମ। ମାଲକାନଗିରି ଜିଲ୍ଲା ଏମ୍‌ଭି ୭୯ ଥାନା ଅଞ୍ଚଳରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ଏନେଇ ପୀଡ଼ିତାଙ୍କ ପରିବାରଲୋକ ଅଭିଯୋଗ କରିବା କରିବା ପରେ ପୁଲିସ ଅଭିଯୁକ୍ତକୁ ଥାନାରେ ଅଟକ ରଖିଛି। ପୀଡ଼ିତାମାନଙ୍କ ବୟସ ୧୦ ବର୍ଷରୁ କମ୍ ବୋଲି ଜଣାପଡ଼ିଛି। ଏହି ଖବର ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସୂଚନାନୁଯାୟୀ, ଅଭିଯୁକ୍ତଜଣଙ୍କ ନାବାଳିକାଙ୍କ ପଡ଼ୋଶୀ। ଆଜି ସେମାନେ ଘର ଆଗରେ ଖେଳୁଥିବା ବେଳେ ଅଭିଯୁକ୍ତଜଣଙ୍କ ସେମାନଙ୍କୁ ଆଇସକ୍ରିମ୍ ଦେବ ବୋଲି କହି ଘର ଭିତରକୁ ଡାକିଥିଲା। ପରେ ଘର ଭିତରେ ସେମାନଙ୍କୁ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ ନାବାଳିକାଙ୍କ ପରିବାରଲୋକ ଜାଣିବା ▶ପୃଷ୍ଠା-୧୦

## ପ୍ରଥମ ଦିନରେ ୧୭ଟି ମାମଲା ଶୁଣାଣି କଲେ ମୁଖ୍ୟ ବିଚାରପତି




ନୂଆଦିଲ୍ଲୀ, ୨୫ ।୧୧(ଏଜେନ୍ସି): ମୁଖ୍ୟ ବିଚାରପତି (ସିଜେଆଇ) ଜଷ୍ଟିସ ସୂର୍ଯ୍ୟକାନ୍ତ ସୋମବାର ଦାୟିତ୍ୱ ନେବା ପରେ ସୁପ୍ରିମକୋର୍ଟର ପ୍ରକ୍ରିୟାରେ ବଡ଼ ପରିବର୍ତ୍ତନ ଆଣିଛନ୍ତି । ସେ ମାମଲାଗୁଡିକୁ ଜରୁରୀ ତାଲିକାଭୁକ୍ତ କରିବା ପାଇଁ ମୌଖିକ ଉଲ୍ଲେଖ କରିବା ପ୍ରକ୍ରିୟା ବନ୍ଦ କରିଛନ୍ତି । ପ୍ରଥମ ଦିନରେ ଦୁଇଘଣ୍ଟାର କାର୍ଯ୍ୟରେ ୧୭ଟି ମାମଲାର ଶୁଣାଣି କରିଥିଲେ । ସିଜେଆଇ ସୂର୍ଯ୍ୟକାନ୍ତଙ୍କ ପୂର୍ବରୁ ପୂର୍ବତନ ସିଜେଆଇ ସଞ୍ଜୀବ ଖାନ୍ନା ମଧ୍ୟ ମୌଖିକ ଉଲ୍ଲେଖ ପ୍ରକ୍ରିୟା ବନ୍ଦ କରିଥିଲେ । କିନ୍ତୁ ପୂର୍ବତନ ସିଜେଆଇ ବିଆର ଗଭାଇ ଏହାକୁ ପୁଣି ଦ୍ୱିତୀୟଥର ପାଇଁ ଆରମ୍ଭ କରିଥିଲେ । ଏବେ କେବଳ ଲିଖିତ ମେସିନିଙ୍ଗ ସ୍ଲିପ୍ ବୈଧ ହେବ । ତେବେ କେତେକ ଅସାଧାରଣ ସ୍ଥିତିରେ, ଯେପରିକି ମୃତ୍ୟୁଦଣ୍ଡ କିମ୍ବା ବ୍ୟକ୍ତିଗତ ସ୍ୱାଧୀନତା ମାମଲାରେ ମୌଖିକ ଉଲ୍ଲେଖ ପ୍ରକ୍ରିୟା ଅବଲମ୍ବନ କରାଯିବ । ଫାଇଲ୍ ଅଟକିଲେ ମଧ୍ୟ ନ୍ୟାୟ ପ୍ରକ୍ରିୟା ବନ୍ଦ ହେବା ଆବଶ୍ୟକ ନୁହଁ ବୋଲି ସେ କହିଛନ୍ତି । ଜଷ୍ଟିସ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ରେ ଦେଶର ୫୩ତମ ମୁଖ୍ୟ ବିଚାରପତି ଭାବେ ହିନ୍ଦୀରେ ଶପଥ ନେଇଥିଲେ । ୧୪ ମାସ ପାଇଁ ସିଜେଆଇ ସୂର୍ଯ୍ୟକାନ୍ତ ଦାୟିତ୍ୱରେ ରହିବେ । ସୁପ୍ରିମକୋର୍ଟ କଲେଜିୟମର ମୁଖ୍ୟ ହେବେ ସିଜେଆଇ ସୂର୍ଯ୍ୟକାନ୍ତ ।

## ଚାରିଧାମରେ ପହଞ୍ଚିଲେ ୫୦ ଲକ୍ଷ ଶ୍ରଦ୍ଧାଳୁ

ଡେରାଡୁନ୍, ୨୫ ।୧୧(ଏଜେନ୍ସି): ଉତ୍ତରାଖଣ୍ଡରେ ମଙ୍ଗଳବାର ଚାମୋଲିରେ ବଦ୍ରିନାଥ ଧାମ ମନ୍ଦିରର ଦ୍ୱାର ବନ୍ଦ ହେବା ସହ ୪ ଧାମ ଯାତ୍ରା ଶେଷ ହୋଇଛି । ଚଳିତ ବର୍ଷ ୫୦ ଲକ୍ଷ ଶ୍ରଦ୍ଧାଳୁ ଚାରିଧାମ ଯାତ୍ରା କରିଛନ୍ତି । ଏହି ଯାତ୍ରା ଅକ୍ଷୟ ତୃତୀୟା ଦିନ ଅର୍ଥାତ ୨୦୨୫ ଏପ୍ରିଲ ୩୦ରେ ଯମୁନୋତ୍ରୀ ଓ ଗଙ୍ଗୋତ୍ରୀର ଦ୍ୱାର ଖୋଲିବା ସହ ଆରମ୍ଭ ହୋଇଥିଲା । ପୂରା ୬ ମାସ ସାରା ଉତ୍ତରାଖଣ୍ଡର ପାହାଡି ଉପତ୍ୟକାରେ 'ଜୟ ବଦ୍ରି ବିଶାଲ' ଏବଂ 'ହର ହର ମହାଦେବ' ଧ୍ୱନିରେ ଗୁଞ୍ଜରିତ ହୋଇଥିଲା । ଗତବର୍ଷ ତୁଳନାରେ ଏବର୍ଷ ଯାତ୍ରୀଙ୍କ ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ହୋଇଥିବା ଲକ୍ଷ୍ୟ କରାଯାଇଛି । ୨୦୧୪ରେ ବଦ୍ରିନାଥ ଓ କେଦାରନାଥରେ ଦର୍ଶନ କରିଥିବା ଶ୍ରଦ୍ଧାଳୁ ରେକର୍ଡ ସୃଷ୍ଟି କରିଥିବା ବେଳେ ୨୦୨୫ରେ ଏହି ରେକର୍ଡ ଭଙ୍ଗାଯାଇଛି । ଗତବର୍ଷ କେଦାରନାଥରେ ୧୬ ଲକ୍ଷ ୫୨ ହଜାର ୭୬ ଶ୍ରଦ୍ଧାଳୁ ପହଞ୍ଚିଥିବାବେଳେ ଏବର୍ଷ ୧୭ ଲକ୍ଷ ୬୮ ହଜାରରୁ ଅଧିକ ଶ୍ରଦ୍ଧାଳୁ ପହଞ୍ଚିଥିଲେ । ଗତବର୍ଷ ବଦ୍ରିନାଥରେ ୧୪ ଲକ୍ଷ ୩୫ ହଜାର ୩୪୧ ଜଣ ଓ ଏବର୍ଷ ୧୬ ଲକ୍ଷ ୫୨ ହଜାର ୯୭୧ ଶ୍ରଦ୍ଧାଳୁ ଦର୍ଶନ ପାଇଁ ପହଞ୍ଚିଥିଲେ । ସେହିପରି ଯମୁନୋତ୍ରୀ ଓ ଗଙ୍ଗୋତ୍ରୀରେ ମଧ୍ୟ ଏବର୍ଷ ଶ୍ରଦ୍ଧାଳୁଙ୍କ ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ହୋଇଛି । ଉତ୍ତରାଖଣ୍ଡରେ ଶୀତକାଳୀନ ଚାରିଧାମ ଯାତ୍ରା ଏଥର ଅକ୍ଟୋବର ୨୪ରୁ ଆରମ୍ଭ ହୋଇଛି ।

## ଆସନ୍ତାବର୍ଷ ଚୀନ୍ ଯିବେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ




ୱାସିଂଟନ, ୨୫ ।୧୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତାବର୍ଷ ଏପ୍ରିଲରେ ଚୀନ୍ ଗସ୍ତରେ ଯିବେ । ସେ ବେଜିଂ ଯିବା ନେଇ ସମ୍ମତି ଦେଇଛନ୍ତି ବୋଲି ଟ୍ରମ୍ପ କହିଛନ୍ତି । ସେହିପରି ଆସନ୍ତାବର୍ଷ ଆମେରିକା ଆସିବାକୁ ସେ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ନିମନ୍ତ୍ରଣ ଦେଇଛନ୍ତି । ଦୁଇ ରାଷ୍ଟ୍ରମୁଖ ଫୋନ୍‌ରେ କଥାବାର୍ତ୍ତା କରିବା ପରେ ଏ ନେଇ ଘୋଷଣା କରାଯାଇଛି । ପ୍ରାୟ ଏକମାସ ତଳେ ଦୁଇ ନେତା ଦକ୍ଷିଣ କୋରିଆରେ ପରସ୍ପରକୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଏଥିରେ ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ, ଫେଣ୍ଟାନିଲ୍ ଓ ତାଇୱାନ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଚୀନ୍ ସହିତ ଆମେରିକାର ସମ୍ପର୍କ ବହୁତ ଦୃଢ ବୋଲି ଟ୍ରମ୍ପ ସୋସିଆଲ ମିଡିଆ ଟ୍ରୁଥ୍‌ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି । ଦୁଇ ନେତା ପଖାପାଖି ଏକ ଘଣ୍ଟା ଫୋନରେ କଥା ହୋଇଥିଲେ ଓ ଏହା ମୁଖ୍ୟତଃ ବାଣିଜ୍ୟ ଉପରେ ଥିଲା ବୋଲି ହ୍ୱାଇଟ୍ ହାଉସ୍ ସଚିବ କାରୋଲିନ୍ ଲିଭିଟ୍ କହିଛନ୍ତି । ସେପଟେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଦୃଢ କରିବା ପାଇଁ ଆମେ ବଦ୍ଧପରିକର ବୋଲି ଚୀନ ତରଫରୁ କୁହାଯାଇଛି ।

## ସିନେଟରେ ବୁର୍ଖା ପିନ୍ଧି ଅଷ୍ଟ୍ରେଲିଆ ସାଂସଦ ନିଲମ୍ବିତ



ମେଲବୋର୍ଣ୍ଣ, ୨୫ ।୧୧ (ଏଜେନ୍ସି): ଅଷ୍ଟ୍ରେଲିଆ ସଂସଦର ଉପର ଗୃହ ସିନେଟରେ ଏକ ଅଭାବନୀୟ ଘଟଣା ଘଟିଛି । ଦକ୍ଷିଣପନ୍ଥୀ ସାଂସଦ ପାଓଲିନ ହାନସନ ସିନେଟକୁ ବୁର୍ଖା ପିନ୍ଧି ଆସିବାରୁ ତାଙ୍କୁ ୭ ଦିନ ପାଇଁ ନିଲମ୍ବିତ କରାଯାଇଛି । ସେ ବୁର୍ଖା ପିନ୍ଧି ଆସିବାରୁ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି । ଏହା ମୁସଲିମ୍ ସମ୍ପ୍ରଦାୟର ଅପମାନ ବୋଲି କେତେକ ସାଂସଦ କହିଥିଲେ । ପୂର୍ବରୁ ହାନସନ ସଂସଦରେ ବୁର୍ଖା ଓ ଚେହରାକୁ ଘୋଡାଉଥିବା ପୋଷାକକୁ ନିଷିଦ୍ଧ କରିବା ପାଇଁ ପ୍ରସ୍ତାବ ଆଣିବାକୁ ଚାହୁଁଥିଲେ । କିନ୍ତୁ ତାଙ୍କୁ ଏଥିପାଇଁ ଅନୁମତି ମିଳି ନଥିଲା । ଏହାପରେ ସେ ବିରୋଧ କରିବା ପାଇଁ ବୁର୍ଖା ପିନ୍ଧି ସଂସଦକୁ ଆସିଥିଲେ । ମୁସଲିମ ସାଂସଦମାନେ ହାନ୍‌ସନଙ୍କ ଉପରେ ଧାର୍ମିକ ଭେଦଭାବ ଓ ବର୍ଣ୍ଣବୈଷମ୍ୟର ଆକ୍ଷେପ ଆଣିଛନ୍ତି । ଅଷ୍ଟ୍ରେଲିଆ ବିଦେଶ ମନ୍ତ୍ରୀ ପେନି ୱଙ୍ଗ ହାନସନଙ୍କୁ ଏଥିପାଇଁ ସମାଲୋଚନା କରିଛନ୍ତି ଓ ଅଷ୍ଟ୍ରେଲିଆରେ ରହୁଥିବା ପାଖାପାଖି ୧୦ ଲକ୍ଷ ମୁସଲମାନଙ୍କ ଅପମାନ କରିଛନ୍ତି ବୋଲି ସେ କହିଛନ୍ତି । ପୂର୍ବରୁ ମଧ୍ୟ ହାନସନ ୨୦୧୭ରେ ସଂସଦରେ ବୁର୍ଖା ପିନ୍ଧି ଆସିଥିଲେ ଓ ଦେଶ ବ୍ୟାପୀ ବୁର୍ଖା ନିଷିଦ୍ଧ କରିବାକୁ ଦାବିକରିଥିଲେ ।

## ଭାରତୀୟ ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗକୁ ଖଣ୍ଡନ କଲା ଚୀନ୍



ବେଜିଂ, ୨୫ ।୧୧(ଏଜେନ୍ସି): ସାଂଘାଇ ବିମାନ ବନ୍ଦରରେ ଅରୁଣାଚଳ ପ୍ରଦେଶରେ ଜନ୍ମିତ ଭାରତୀୟ ମହିଳା ପେମ୍ ୱାଙ୍ଗଜାମ୍ ଥାଙ୍ଗଡ଼ୋକ୍‌ଙ୍କ ସହ ଦୁର୍ବ୍ୟବହାର ଅଭିଯୋଗକୁ ଚୀନ ଅନୁଷ୍ଠାନିକ ଭାବେ ଖଣ୍ଡନ କରିଛି । ଏ ସଂକ୍ରାନ୍ତରେ ଚୀନ୍‌ର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ ସ୍ପଷ୍ଟୀକରଣ ଦେଇଛନ୍ତି । ପେମ୍‌ଙ୍କୁ କୌଣସି ପ୍ରକାର ଜବରଦସ୍ତି, ଅଟକ କିମ୍ବା ସମସ୍ୟାରେ ପକାଇବା ଭଳି ବ୍ୟବହାର କରାଯାଇନାହିଁ । ଏୟାରଲାଇନ୍ସ ତାଙ୍କୁ ବିଶ୍ରାମ କରିବା ପାଇଁ ସୁବିଧା, ଖାଦ୍ୟ ଓ ପାଣିର ସୁବିଧା ପ୍ରଦାନ କରିଥିଲା ବୋଲି ସେ କହିଛନ୍ତି । ବ୍ରିଟେନରେ ରହୁଥିବା ପେମ୍ ଅଭିଯୋଗ କରିଥିଲେ ଯେ, ଚୀନ୍ ଅଧିକାରୀମାନେ ଭାରତୀୟ ପାସ୍‌ପୋର୍ଟ ଅବୈଧ ବୋଲି କହିଥିଲେ । ଅରୁଣାଚଳ ପ୍ରଦେଶରେ ଜନ୍ମଗ୍ରହଣ କରିଥିବାରୁ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିଲା । ସେ ନଭେମ୍ବର ୨୧ରେ ଲଣ୍ଡନରୁ ଜାପାନ ଯାଉଥିଲେ । ସାଂଘାଇ ବିମାନ ବନ୍ଦରରେ ତାଙ୍କର ୩ ଘଣ୍ଟାର ଟ୍ରାନଜିଟ୍ ଥିଲା । ଏହି ଅବସରରେ ତାଙ୍କୁ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରାଯାଇଥିଲା । ତାଙ୍କ ପାସ୍‌ପୋର୍ଟ ଜବତ କରାଯିବା ସହ ବିମାନରେ ଚଢ଼ିବାକୁ ଦିଆଯାଇ ନଥିଲା । ଭାରତୀୟ ଦୂତାବାସର ସହାୟତାରେ ସେ ବାହାରକୁ ଯିବା ପାଇଁ ସକ୍ଷମ ହୋଇଥିଲେ ବୋଲି କହିଥିଲେ । ଅରୁଣାଚଳ ପ୍ରଦେଶକୁ ଚୀନ ନିଜର ଅଂଶ ବୋଲି ଦାବି କରିଆସୁଛି । ଏଥିପାଇଁ ଏହି ସମସ୍ୟା ସୃଷ୍ଟି ହୋଇଥିଲା ବୋଲି କୁହାଯାଇଛି । କିନ୍ତୁ ଚୀନ୍ ତରଫରୁ ପେମ୍‌ଙ୍କ ସବୁ ଅଭିଯୋଗକୁ ଅସ୍ୱୀକାର କରାଯାଇଛି ।

# 'ନିର୍ବାଚନ କମିଶନ' ଏବେ 'ବିଜେପି କମିଶନ': ମମତା



କୋଲକାତା, ୨୫ ।୧୧(ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପୁଣିଥରେ ଦେଶର ନିର୍ବାଚନ କମିଶନଙ୍କୁ ସମାଲୋଚନା କରିଛନ୍ତି । କମିଶନ ଆଉ ପୂର୍ବପରି ନିରପେକ୍ଷ ହୋଇ ରହିନାହିଁ । ଏହା ଏବେ ବିଜେପି କମିଶନରେ ପରିଣତ ହୋଇଛି । ଯଦି ପଶ୍ଚିମବଙ୍ଗରେ କମିଶନଙ୍କୁ ଜବାବ ଦିଆଯାଏ, ତେବେ ସାରା ଦେଶରେ ବିଜେପିର ମୂଳଦୂଆ ଦୋହଲିଯିବ ବୋଲି ବୋନାଗାଁଓରେ ଆଣ୍ଟି-ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍ଆଇଆର) ରାଲିଙ୍କୁ ସମ୍ବୋଧନ କରିବାବେଳେ ସେ ଏହିକଥା କହିଛନ୍ତି । ଯଦି ରାଜ୍ୟରେ ମୋତୁଆ ବହୁଳ ଅଞ୍ଚଳରେ ରହୁଥିବା ଲୋକଙ୍କୁ ନାଗରିକତା ସଂଶୋଧନ ଅଧିନିୟମ ଅନୁସାରେ (ସିଏଏ) ବିଦେଶୀ ତଥା ଅନୁପ୍ରବେଶକାରୀ ବୋଲି ଘୋଷିତ କରାଯାଏ ତେବେ, ସେମାନଙ୍କୁ ତତ୍ତକ୍ଷଣାତ ଭୋଟର ତାଲିକାରୁ ହଟାଇ ଦିଆଯିବ । ଖାସ୍‌କରି ବିଜେପି ଶାସିତ ରାଜ୍ୟରେ ଏସ୍ଆଇଆର କାହିଁକି ଲାଗୁ କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି । ଯଦି ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ହଟାଇବାକୁ ଏସ୍ଆଇଆର ଲାଗୁ କରାଯାଉଛି, ତେବେ ବିଜେପି ଶାସିତ ରାଜ୍ୟରେ ଅନୁପ୍ରବେଶକାରୀ ଅଛନ୍ତି ବୋଲି ସ୍ପଷ୍ଟ ହେଉଛି । ଯଦି ବାଂଲାଦେଶୀ ଅନୁପ୍ରବେଶକାରୀ ସମସ୍ୟା ସୃଷ୍ଟି କରିଛି ତେବେ, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶରେ କାହିଁକି ଏସ୍ଆଇଆର୍ ଲାଗୁ କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି । ୨୦୨୪ରେ ଏହି ଭୋଟର ତାଲିକା ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭୋଟ ମିଳିଥିଲା । ଯଦି ଏହି ତାଲିକାରୁ ଜଣକ ନାମ ହଟାଇ ଦିଆଯାଏ, ତେବେ କେନ୍ଦ୍ର ସରକାରଙ୍କୁ ମଧ୍ୟ ହଟାଯିବା ଉଚିତ୍ ହେବ । ଯେପର୍ଯ୍ୟନ୍ତ ମୁଁ ଅଛି ସେପର୍ଯ୍ୟନ୍ତ କାହାକୁ ତାଲିକାରୁ ବାଦ୍ ପଡ଼ିବାକୁ ଦେବିନି ବୋଲି ମମତା ସ୍ପଷ୍ଟ କରିଛନ୍ତି । ଏସ୍ଆଇଆର୍ ହିଁ ବିହାର ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିଛି । କିନ୍ତୁ ବିରୋଧୀ ଦଳ ବିଜେପିର ଏହି ରଣନୀତିକୁ ବୁଝିବାରେ ବିଫଳ ହୋଇଛି । ଯଦି ପଶ୍ଚିମବଙ୍ଗରେ ବିଜେପି ମତେ କ୍ଷତି ପହଞ୍ଚାଏ, ତେବେ ସାରା ଦେଶରେ ବିଜେପିର ନିଅଁ ଦୋହଲାଇ ଦେବି ବୋଲି ସେ କହିଛନ୍ତି । ରାଜନୀତିରେ ବିଜେପି ମୋତେ ହରାଇ ପାରିବ ନାହିଁ ଓ ଚ୍ୟାଲେଞ୍ଜ ମଧ୍ୟ ଦେଇପାରିବ ନାହିଁ ବୋଲି ସେ କହିଛନ୍ତି ।

ଉଲ୍ଲେଖଥାଉ କି, ଅକ୍ଟୋବର ୨୮ରୁ ୧୨ ରାଜ୍ୟ ଓ କେନ୍ଦ୍ର ଶାସିତ ରାଜ୍ୟରେ ଏସ୍ଆଇଆର ଜାରି ରହିଛି ଓ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଜାରି ରହିଛି । ଏସ୍ଆଇଆର ପ୍ରକ୍ରିୟାରେ ଦାୟିତ୍ୱ ସମ୍ପାଦନ କରୁଥିବା କେତେଜଣ ବ୍ଲକ ଲିଭେଲ ଅଫିସର (ବିଏଲ୍ଓ)ଙ୍କ ମୃତ୍ୟୁକୁ ନେଇ ଚର୍ଚ୍ଚା ମଧ୍ୟ ଜାରି ରହିଛି ।

## ସୁପ୍ରିମକୋର୍ଟରେ ତାମିଲନାଡୁର ୬ଷ୍ଠ ଆବେଦନ

ନୂଆଦିଲ୍ଲୀ, ୨୫ ।୧୧(ଏଜେନ୍ସି): ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ନଭେମ୍ବର ୪ରୁ ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍ଆଇଆର) ପ୍ରକ୍ରିୟା ଜାରି ରହିଛି । ତାମିଲନାଡୁରେ ମଧ୍ୟ ଏହା ଚାଲୁ ରହିଛି । ଏବେ ଏସ୍ଆଇଆରକୁ ଆଉ ଜଣେ ରାଜନେତା ଓ ପାର୍ଟି ବିରୋଧ କରିଛନ୍ତି । ସେ ହେଉଛନ୍ତି ମରୁମଲାର୍ଚି ଦ୍ରବିଡ ମୁନେତ୍ରା କାଜଘମ (ଏମ୍‌ଡିଏମ୍‌କେ) ପାର୍ଟି ମୁଖ୍ୟ ଭାଇକୋ । ଏବେ ଭାଇକୋ ଏସ୍ଆଇଆର ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି । ଏସ୍ଆଇଆର ରାଜ୍ୟରେ ଏକାଧିକ ନିୟମ ଓ ଲୋକଙ୍କ ମୂଳ ଅଧିକାରର ଉଲ୍ଲଂଘନ କରିବ ବୋଲି ସେ କହିଛନ୍ତି । ଏହି ମାମଲାରେ ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ବାଚନ କମିଶନଙ୍କଠାରୁ ଜବାବ ମାଗିଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୨ରେ ହେବ । ଭାଇକୋଙ୍କୁ ବାଦ୍ ଦେଲେ ଡିଏମ୍‌କେ, ସିପିଆଇ(ଏମ୍), ଅଭିନେତା ବିଜୟଙ୍କ ପାର୍ଟି ଟିଭିକେ ଓ କେତେଜଣ ସାଂସଦ ଓ ବିଧାୟକ ଏସ୍ଆଇଆର୍ ପ୍ରକ୍ରିୟାକୁ ବିରୋଧ କରିଛନ୍ତି ।

## ସେନା ଅଧିକାରୀଙ୍କ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ



■ ଖ୍ରୀଷ୍ଟିଆନ ହୋଇଥିବାରୁ ଗୁରୁଦ୍ୱାରକୁ ଯିବାକୁ ମନା କରିଥିଲେ

ନୂଆଦିଲ୍ଲୀ, ୨୫ ।୧୧(ଏଜେନ୍ସି): ସୁପ୍ରିମକୋର୍ଟ ମଙ୍ଗଳବାର ସେନାର ଜଣେ ପୂର୍ବତନ ଖ୍ରୀଷ୍ଟିଆନ ଅଫିସରଙ୍କ ଆବେଦନକୁ ଖାରଜ କରିଛନ୍ତି । ତାଙ୍କ ସେନାରୁ ବରଖାସ୍ତ କରାଯାଇଥିବାରୁ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କିନ୍ତୁ ତାଙ୍କୁ ଏବେ ନିରାଶ ହେବାକୁ ପଡ଼ିଛି । ନିୟୋଜିତ ହୋଇଥିବା ସ୍ଥାନରେ ଏହି ଅଧିକାରୀ ଜଣକ ଧାର୍ମିକ ଗତିବିଧିରେ ଅଂଶଗ୍ରହଣ କରିବାକୁ ସିଧା ମନା କରିଥିଲେ । ଏହାପରେ ସେନା ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ବରଖାସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲା । ମୁଖ୍ୟ ବିଚରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟା ବାଗଚୀଙ୍କ ଖଣ୍ଡପୀଠ ଏହି ଅଧିକାରୀଙ୍କୁ ଭର୍ତ୍ସନା କରିଥିଲେ । ସେନାରେ କାର୍ଯ୍ୟ କରିବା ପାଇଁ ଆପଣ ଯୋଗ୍ୟ ନୁହେଁ ବୋଲି ଖଣ୍ଡପୀଠ କହିଥିଲେ ଓ ହାଇକୋର୍ଟଙ୍କ ରାୟକୁ ବଜାୟ ରଖିଥିଲେ । ଅଧିକାରୀଙ୍କ ଏହି ଆଚରଣ ଗମ୍ଭୀର ଅନୁଶାସନହୀନତାର ପରିଚୟ ଦେଉଛି ବୋଲି କୋର୍ଟ କହିଥିଲେ । ସେନା ଭଳି ସଂସ୍ଥାରେ ଏହାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଥିଲେ ।

ଏହି ମମାଲ ୨୦୧୭ରେ ଘଟିଥିଲା । ଅଧିକାରୀ ସାମୁଏଲ କମଲେସନ ତୃତୀୟ କାଭାଲରୀ ରେଜିମେଣ୍ଟରେ ଲେଫ୍ଟନାଣ୍ଟ ଭାବେ ଦାୟିତ୍ୱରେ ଥିଲେ । ତାଙ୍କ ୟୁନିଟ୍‌ରେ ଏକନ ମନ୍ଦିର ଓ ଗୁରୁଦ୍ୱାର ଥିଲା ଓ ଏଠାରେ ପ୍ରତି ସପ୍ତାହରେ ଧାର୍ମିକ ପରେଡ ହେଉଥିଲା । କିନ୍ତୁ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ହୋଇଥିବାରୁ ସେ ଭିତର ମନ୍ଦିର ଭିତରକୁ ଯିବାକୁ ମନା କରିଥିଲେ । ଆମ ଧର୍ମରେ ଦେବୀ ଦେବତାଙ୍କୁ ପୂଜା କରିବା ମନା ବୋଲି ସେ କହିଥିଲେ । ଫଳରେ ତାଙ୍କୁ ବରଖାସ୍ତ କରାଯାଇଥିଲା । ଗୁରୁଦ୍ୱାର ଏକ ଧର୍ମନିରପେକ୍ଷ ସ୍ଥାନ ହୋଇଥିବାରୁ ଏଭଳି ଆଚରଣ ଠିକ୍ ନୁହେଁ ବୋଲି କୋର୍ଟ କହିଥିଲେ । ଶେଷରେ ସାମୁଏଲ୍‌ଙ୍କୁ ଏଥିପାଇଁ ମୂଲ୍ୟ ଦେବାକୁ ହୋଇଛି ।

## କାନାଡ଼ାରେ ତ୍ରିରଙ୍ଗାର ଅପମାନ କଲେ ଖଲିସ୍ତାନୀ ଆତଙ୍କବାଦୀ



ଅଟାୱା, ୨୫ ।୧୧(ଏଜେନ୍ସି): କାନାଡ଼ାର ଅଟାୱା ସହରରେ ରବିବାର ଖଲିସ୍ତାନୀ ଆତଙ୍କବାଦୀମାନେ ଜନମତ ସଂଗ୍ରହ କରିବା ଅବସରରେ ଭାରତୀୟ ପତାକା ତ୍ରିରଙ୍ଗାର ଅପମାନ କରିଥିଲେ । ଏମାନେ ଭାରତ ପ୍ରଧାନମନ୍ତ୍ରୀ ଓ ଅଧିକାରୀଙ୍କୁ ମାରିଦିଅ ବୋଲି ସ୍ଲୋଗାନ ଦେଇଥିଲେ । ଏହି ଆତଙ୍କବାଦୀମାନେ ଏକ ଅନୌପଚାରିକ ତଥା ବେଆଇନ୍ ବେଟିଂରେ ଅଂଶଗ୍ରହଣ କରିଥିଲେ ଓ ଏହାକୁ 'ଖଲିସ୍ତାନ ରେଫରେଣ୍ଡମ' ବୋଲି କୁହାଯାଇଥିଲା । ଏହି ବେଟିଂ ଜରିଆରେ ସେମାନେ ଏକ ପ୍ରଶ୍ନ ପଚାରିଥିଲେ । ଭାରତଠାରୁ ପଞ୍ଜାବକୁ ଅଲଗା କରି ଏକ ନୂଆ ଦେଶ ଖଲିସ୍ତାନ ଗଠନ କରିବା ଆବଶ୍ୟକ କି ବୋଲି ପ୍ରଶ୍ନ କରିଥିଲେ । ଗଣମାଧ୍ୟମଗୁଡିକ ରିପୋର୍ଟ ଅନୁସାରେ ଏହି ବେଟିଂରେ ହଜାରରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ । ଲୋକମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ହଳଦିଆ ରଙ୍ଗର ପତାକା ନେଇ ପାଖାପାଖି ଦୁଇ କିମିର ଲାଇନ୍‌ରେ ଠିଆ ହୋଇଥିଲେ । ଜଣାଶୁଣା ଆତଙ୍କବାଦୀ ସଂଗଠନ 'ଶିଖ ଫର ଜଷ୍ଟିସ୍' ଏହାର ଆୟୋଜନ କରିଥିଲା । ଏଥିରେ ଅଣ୍ଟାରିଓ, ଆଲବର୍ଟା, ବ୍ରିଟିଶ କଲମ୍ବିଆ ଓ କ୍ୟୁବେକ ରାଜ୍ୟରୁ ୫୩ ହଜାରରୁ ଅଧିକ ଖଲିସ୍ତାନୀ ସମର୍ଥକ ଭୋଟ ଦେବାକୁ ଆସିଥିଲେ ବୋଲି ଆୟୋଜକ କହିଛନ୍ତି । ଦକ୍ଷିଣ ଆଫ୍ରିକାରେ ଚାଲିଥିବା ଜି-୨୦ ସମ୍ମିଳନୀରେ ମୋଦୀ ଓ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ପରସ୍ପରକୁ ଭେଟିଥିଲେ । ଏହାକୁ ନେଇ ମଧ୍ୟ ଶିଖ୍ ଫର୍ ଜଷ୍ଟିସ ପ୍ରଶ୍ନ ଉଠାଇଛି ।

## ଗାୟକ ଜୁବିନଙ୍କୁ ହତ୍ୟା କରାଯାଇଛି: ହିମନ୍ତ

ଗୌହାଟୀ, ୨୫ ।୧୧(ଏଜେନ୍ସି): ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ମଙ୍ଗଳବାର ବିଧାନସଭାରେ ଚକିତ କଲା ଭଳି ଏକ ମନ୍ତବ୍ୟ ଦେଇଛନ୍ତି । ବଲିଉଡ୍ ତଥା ଆସାମୀ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ଏକ ଦୁର୍ଘଟଣା ନଥିଲା । ବରଂ ତାଙ୍କୁ ହତ୍ୟା କରାଯାଇଛି ବୋଲି ସେ କହିଛନ୍ତି । ଏହା ବିନା କୌଣସି ଉଦ୍ଦେଶ୍ୟରେ ହତ୍ୟା କିମ୍ବା ଆପରାଧିକ ଷଡଯନ୍ତ୍ର ନୁହେଁ, ଏହା ଏକ ହତ୍ୟାକାଣ୍ଡ ବୋଲି ସେ ସ୍ପଷ୍ଟ କରିଛନ୍ତି । ଜଣେ ଅଭିଯୁକ୍ତ ଜୁବିନଙ୍କ ଜୀବନ ନେଇଛନ୍ତି ଓ ବାକି ଅଭିଯୁକ୍ତମାନେ ତାଙ୍କୁ ସହଯୋଗ କରିଛନ୍ତି ବୋଲି ସେ କହିଛନ୍ତି ।

ଆସାମ ବିଧାନସଭାରେ ବିରୋଧୀ ଦଳଗୁଡିକ ଜୁବିନଙ୍କ ମୃତ୍ୟୁ ଉପରେ ଆଲୋଚନା ପାଇଁ ଏକ ମୁଲତବୀ ପ୍ରସ୍ତାବ ଆଣିଥିଲେ । ଶୀତକାଳୀନ ଅଧିବେଶନର ପ୍ରଥମ ଦିନରେ ହିଁ ହିମନ୍ତ ଏହାର ଜବାବ ଦେଇଛନ୍ତି । ଆସାମ ପୁଲିସର ସିଆଇଡି ଅଧିନରେ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ଏପର୍ଯ୍ୟନ୍ତ ଏହି ମାମଲାରେ ୭ ଜଣଙ୍କୁ ଗିରଫ କରିଛି, ୨୫୨ ଜଣଙ୍କୁ ପଚରାଉଚରା କରିଛି ଓ ୨୯ଟି ସାମଗ୍ରୀ ଜବତ କରିଛି । ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରୁ ୪-୫ ଜଣଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇଛି ବୋଲି ସେ କହିଛନ୍ତି । ଉଲ୍ଲେଖ ଥାଉକି, ୫୨ ବର୍ଷୀୟ ଗାୟକ ତଥା ମ୍ୟୁଜିସିଆନ ଜୁବିନ ସେପ୍ଟେମ୍ବର ୧୯ ରେ ସିଙ୍ଗାପୁରରେ ସମୁଦ୍ରରେ ସ୍କୁବା ଡାଇଭିଂ କରୁଥିବା ବେଳେ ସନ୍ଦେହଜନକ ଭାବେ ମୃତ୍ୟୁବରଣ କରିଥିଲେ । ସେ ନର୍ଥଇଷ୍ଟ ଇଣ୍ଡିଆ ସମାରୋହରେ ଯୋଗ ଦେବାକୁ ଯାଇଥିଲେ । ତାଙ୍କ ମୃତ୍ୟୁକୁ ନେଇ ରାଜ୍ୟରେ ୬୦ରୁ ଅଧିକ ଏଫ୍ଆଇଆର ଦାଏର କରାଯାଇଥିଲା । ଜୁବିନ ତାଙ୍କ ଉଜ୍ଜ୍ୱଳମୟ କ୍ୟାରିଅରରେ ୪୦ଟି ଭାଷାରେ ପାଖାପାଖି ୩୮ ହଜାର ଗୀତ ଗାଇଛନ୍ତି । ସେ ଏକାଧାରରେ ଜଣେ ଗାୟକ, ସଙ୍ଗୀତକାର, ଅଭିନେତା ଓ ନିର୍ଦ୍ଦେଶକ ଥିଲେ ।

## ଇଞ୍ଜିନିୟରଙ୍କଠାରୁ ୪୮ ଲକ୍ଷ ଠକି ନେଲେ ଆୟୁର୍ବେଦ ଦୋକାନୀ

ବେଙ୍ଗାଲୁରୁ, ୨୫ ।୧୧(ଏଜେନ୍ସି): ବେଙ୍ଗାଲୁରୁରେ ୨୯ ବର୍ଷୀୟ ଜଣେ ସଫ୍ଟୱେୟାର ଇଞ୍ଜିନିୟର ୪୮ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଛନ୍ତି । ଏ ନେଇ ଇଞ୍ଜିନିୟର ଜଣକ ଜ୍ଞାନଭାରତୀ ଥାନାରେ ଏଫ୍ଆଇଆର୍ ଦାଏର କରିବା ପରେ ଏହି ମାମଲା ସାମ୍ନାକୁ ଆସିଥିଲା । ସ୍ୱାସ୍ଥ୍ୟଗତ ସମସ୍ୟା ଦୂର କରିବା ପାଇଁ ସେ ରାସ୍ତା କଡ଼ରେ ଲଗାଯାଇଥିବା ଏକ ଆୟୁର୍ବେଦ ତମ୍ବୁକୁ ଯାଇଥିଲେ । ସେଠାରେ ସେ ବିଜୟ ଗୁରୁଜୀ ବୋଲି ଜଣେ ବ୍ୟକ୍ତିଙ୍କୁ ଭେଟିଥିଲେ । ତାଙ୍କ ପରାମର୍ଶ ଅନୁସାରେ ସେ ଏକାଧିକ ଔଷଧ ତଥା ଜିନିଷ କ୍ରୟ କରିଥିଲେ । ଏଥିରେ ୧୮ ଗ୍ରାମ୍‌ର ଔଷଧ ୨୦ ଲକ୍ଷ ଟଙ୍କାରେ ଓ ୧୭ ଲକ୍ଷ ଟଙ୍କାର ତେଲ ଓ ଅନ୍ୟାନ୍ୟ ଜିନିଷ କିଣିଥିଲେ । କିନ୍ତୁ ଏହି ଔଷଧ ସେବନ କରିବା ପରେ ମଧ୍ୟ ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ଆସି ନଥିଲା । ପୀଡିତ ମେଡିକାଲ ପରୀକ୍ଷା କରାଇଥିଲେ ଓ ତାଙ୍କ କିଡ୍‌ନୀ ଖରାପ ଥିବା ଜାଣିବାକୁ ପାଇଥିଲେ । ୨୦୨୩ରେ ସେ ବିବାହ କରିଥିଲେ । କିନ୍ତୁ ବିବାହ ପରେ କିଛିମାସ ପରେ ତାଙ୍କର ଯୌନ ସମସ୍ୟା ଦେଖାଯାଇଥିଲା । ଫଳରେ ଜଣେ ବନ୍ଧୁଙ୍କ ପରାମର୍ଶକ୍ରମେ ସେ ଆୟୁର୍ବେଦ ଡାକ୍ତର ବିଜୟଙ୍କ ସହ ପରିଚିତ ହୋଇଥିଲେ । ଔଷଧ କିଣିବା ପାଇଁ ସେ ୨୦ ଲକ୍ଷ ଟଙ୍କା ଉଦ୍ଧାର କରିଥିଲେ । ଔଷଧ କାମ ନ କରିବାରୁ ବିଜୟ ତାଙ୍କୁ ଆହୁରି ଅଧିକ ଔଷଧ କଣିବାକୁ କହିଥିଲେ ।

# ଅଯୋଧ୍ୟା ରାମ ମନ୍ଦିରରେ ଉଡ଼ିଲା ଧର୍ମଧ୍ୱଜା



ଅଯୋଧ୍ୟା, ୨୫ ।୧୧(ଏଜେନ୍ସି): ଅଯୋଧ୍ୟାର ରାମ ମନ୍ଦିର ଆଜି ସମ୍ପୂର୍ଣ୍ଣ ହୋଇଛି । ପ୍ରାଣ ପ୍ରତିଷ୍ଠାର ୬୭୩ ଦିନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍ଏସ୍) ମୁଖ୍ୟ ମୋହନ ଭାଗବତ ମନ୍ଦିର ଶିଖରରେ ଧ୍ୱଜାରୋହଣ କରିଥିଲେ । ସକାଳ ୧୧.୫୦ରେ ଶୁଭ ମୁହୂର୍ତ୍ତରେ ବଟନ ଦବାଇବା ପରେ ୨ କେଜି ଓଜନର ନାରଙ୍ଗି ଧ୍ୱଜା ୧୬୧ ଫୁଟ ଉଚ୍ଚରେ ଥିବା ଶିଖରରେ ଉଡିଥିଲା । ଏହି ଦୃଶ୍ୟ ଅତ୍ୟନ୍ତ ଚମତ୍କାର ଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀ ଭାବବିହ୍ୱଳ ହୋଇପଡ଼ିଥିଲେ । ରାମଲାଲା ସୁନା ଓ ରେଶମ ସୂତ୍ରରେ କାରୁକାର୍ଯ୍ୟ ହୋଇଥିବା ଏକ ହଳଦିଆ ବସ୍ତ୍ର ପରିଧାନ କରିଥିଲେ । ଆଜି ଯୁଗ ଯୁଗର ଅକାଂକ୍ଷା ପୂରଣ ହୋଇଛି ଓ କ୍ଷତ ଭରିଛି ବୋଲି ମୋଦୀ କହିଥିଲେ । ଦେଶକୁ ପରାଧିନତାର ମାନସିକତାରୁ ମୁକ୍ତି କରିବାକୁ ଆମେ ବଦ୍ଧପରିକର । ଏହି ମାନସିକତା ଏତେ ପରିମାଣ ପ୍ରଭାବିତ କରିଥିଲା ଯେ, ଲୋକେ ବର୍ଷବର୍ଷ ଧରି ଭଗବାନ ରାମଙ୍କୁ କାଳ୍ପନିକ ବୋଲି କହିବାକୁ ପଛାଇ ନଥିଲେ ବୋଲି ସେ କହିଥିଲେ । ମୋଦୀ ନିଜର ୩୨ ମିନିଟର ଭାଷଣ 'ସୀୟାବର ରାମଚନ୍ଦ୍ର କି ଜୟ'ରେ ସମ୍ବୋଧନ କରି ଆରମ୍ଭ କରିଥିଲେ । ରାମ ମନ୍ଦିର ଆନ୍ଦୋଳନରେ ଯୋଉଁମାନେ ପ୍ରାଣ ବିସର୍ଜନ ଦେଇଥିଲେ, ଆଜି ସେମାନଙ୍କ ଆତ୍ମା ତୃପ୍ତ ହୋଇଥିବ ବୋଲି ଭାଗବତ କହିଥିଲେ । ସେହିପରି ପିଢ଼ି ପିଢ଼ି ଲୋକଙ୍କର ଆଶା ଆଜି ପୂରଣ ହୋଇଛି ବୋଲି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଥିଲେ ।

ଧ୍ୱଜାରୋହଣ ପୂର୍ବରୁ ମୋଦୀ ଓ ଭାଗବତ ସାଥି ହୋଇ ମନ୍ଦିର ପ୍ରଥମ ମହଲାରେ ନିର୍ମିତ ରାମ ଦରବାରରେ ପୂଜା ଓ ଆଳତି କରିଥିଲେ । ଏହାପରେ ଦୁହେଁ ରାମଲାଲାଙ୍କ ଦର୍ଶନ କରିଥିଲେ । ମୋଦୀ ରାମଲାଲାଙ୍କ ପାଇଁ ବସ୍ତ୍ର ଓ ପଙ୍ଖା ନେଇ ପହଞ୍ଚିଥିଲେ । ମୋଦୀ ସାକେତ କଲେଜରୁ ରାମ ଜନ୍ମଭୂମି ପର୍ଯ୍ୟନ୍ତ ଦେଢ଼ କିମି ଲମ୍ବ ରୋଡ ଶୋର ନେତୃତ୍ୱ ନେଇଥିଲେ । ଏହି ଅବସରରେ ସ୍କୁଲ ଛାତ୍ରଛାତ୍ରୀ ରୋଡ୍ ଶୋରେ ଗାଡିଗୁଡିକ ଉପରେ ପୁଷ୍ପ ବୃଷ୍ଟି କରିଥିଲେ । ସ୍ଥାନେ ସ୍ଥାନେ ମହିଳାମାନେ ମଧ୍ୟ ତାଙ୍କର ସ୍ୱାଗତ କରିଥିଲେ । ଧ୍ୱଜାରୋହଣ ସମାରୋହରେ ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନ ଓ ଅନ୍ୟ ସେଲିବ୍ରିଟିମାନେ ଆସିବେ ବୋଲି ଚର୍ଚ୍ଚା ହେଉଥିଲା । କିନ୍ତୁ କେହି ଆସି ନଥିଲେ । ଦେଶର ୪ ଜଣ ଶଙ୍କରାଚାର୍ଯ୍ୟଙ୍କୁ ବାଦ୍ ଦେଲେ ବିଭିନ୍ନ ମଠର ସାଧୁ-ସନ୍ଥ ଏହି ଅବସରରେ ମନ୍ଦିର ପରିସରରେ ଉପସ୍ଥିତ ଥିଲେ । ସମ୍ପୂର୍ଣ୍ଣ ଅଯୋଧ୍ୟା ସହରକୁ ୧୦୦୦ କ୍ୟୁଣ୍ଟାଲ ଫୁଲରେ ସଜ୍ଜିତ କରାଯାଇଥିଲା । ସୁରକ୍ଷା ବ୍ୟବସ୍ଥା କଡ଼ା କଡ଼ି କରାଯାଇଥିଲା । ମନ୍ଦିରରେ ପଞ୍ଚ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଏଟିଏସ୍, ଏନ୍ଏସ୍‌ଜି, ଏସ୍‌ପିଜି, ସିଆରପିଏଫ୍ ଓ ପିଏସି ଯବାନଙ୍କୁ ନିୟୋଜିତ କରାଯାଇଥିଲା ।

## ଆଫଗାନିସ୍ତାନରେ ଅଧରାତିରେ ପାକିସ୍ତାନର ଏୟାର ଷ୍ଟ୍ରାଇକ୍

ଇସ୍‌ଲାମାବାଦ୍, ୨୫ ।୧୧(ଏଜେନ୍ସି): ପାକିସ୍ତାନ ସୋମବାର ଅଧରାତିରେ ଆଫଗାନିସ୍ତାନର ୩ ରାଜ୍ୟ ଖୋସ୍ତ, କୁନାର ଓ ପ୍ରକ୍ତିକାରେ ଆକାଶମାର୍ଗରୁ ଆକ୍ରମଣ କରିଛି । ଖୋସ୍ତ ଉପରେ ହୋଇଥିବା ଆକ୍ରମଣରେ ୧୦ ଜଣ ସାଧାରଣ ନାଗରିକ ମୃତ୍ୟୁବରଣ କରିଛନ୍ତି । ଏମାନଙ୍କ ମଧ୍ୟରେ ୯ ଜଣ ଛୋଟ ପିଲା ଓ ଜଣେ ମହିଳା ସାମିଲ ଅଛନ୍ତି । ଖୋସ୍ତ ରାଜ୍ୟର ମୁଗଲଗଇ ଅଞ୍ଚଳରେ ରାତି ୧୨ଟାରେ ପାକିସ୍ତାନ ବିମାନଗୁଡିକ ଏକ ଘର ଉପରେ ବୋମା ମାଡ଼ କରିଥିଲେ ବୋଲି ତାଲିବାନ ମୁଖପାତ୍ର ଜବିଉଲ୍ଲା ମୁଜାହିଦ କହିଛନ୍ତି । ଏହି ଆକ୍ରମଣରେ ୫ ପୁଅ, ୪ ଝିଅ ପିଲା ଓ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ସେହିପରି କୁନାର ଓ ପ୍ରକ୍ତିକାରେ ହୋଇଥିବା ଆକ୍ରମଣରେ ୪ ଜଣ ନାଗରିକ ଆହତ ହୋଇଛନ୍ତି । ପାକିସ୍ତାନ ଏହି ଆକ୍ରମଣ କରି ଇସ୍ତାନବୁଲରେ ହୋଇଥିବ ଅସ୍ତ୍ରବିରତି ଚୁକ୍ତିର ଉଲ୍ଲଂଘନ କରିଛି ବୋଲି ଆଫଗାନିସ୍ତାନ କହିଛି । ଏହି ଘଟଣା ନେଇ ପାକିସ୍ତାନ ସେନା ଓ ବିଦେଶ ମନ୍ତ୍ରଣାଳୟ ତରଫରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇନାହିଁ । ଅନ୍ୟପଟେ ପାକିସ୍ତାନ ମଧ୍ୟ ଆତଙ୍କବାଦୀ ଆକ୍ରମଣର ଶିକାର ହେଉଛି । ଦୁଇଦିନ ତଳେ ପେଶାୱାର ସହରରେ ଫ୍ରଣ୍ଟିୟର କନଷ୍ଟେବୁଲରୀ ମୁଖ୍ୟ କାର୍ଯ୍ୟାଳୟ ଉପରେ ଆତ୍ମଘାତୀ ଆକ୍ରମଣ କରାଯାଇଥିଲା ଓ ଏଥିରେ ୩ କମାଣ୍ଡୋ ମୃତ୍ୟୁବରଣ କରିଥିବା ବେଳେ ୩ ଆକ୍ରମଣକାରୀ ମଧ୍ୟ ନିହତ ହୋଇଥିଲେ । ପାକିସ୍ତାନ ଗତମାସରେ ମଧ୍ୟ ଆଫଗାନିସ୍ତାନ ରାଜଧାନୀ କାବୁଲ ଉପରେ ବୋମା ମାଡ଼ କରିଥିଲା । ପୂର୍ବରୁ ମଧ୍ୟ ଦୁଇ ଦେଶ ମଧ୍ୟରେ ସଂଘର୍ଷ ହୋଇଥିଲା ।





# ରାଜପଥରେ ଗଡ଼ିଲା ୬ ମୁଣ୍ଡ

## ଡିଭାଇଡର୍ ଡେଇଁ ଟ୍ୟାଙ୍କର୍‌କୁ ଧକ୍କା ଦେଲା ବୋଲେରୋ; ୩ ମୃତ

ଟାଙ୍ଗୀ,୨୫ ।୧୧(ସମିସ): ଜଗନ୍ନାଥ ଦର୍ଶନ ନୋହିଲା। ଅଧାବାଟରେ ଜୀବନ ଚାଲିଗଲା। ମଙ୍ଗଳବାର ଭୋର୍‌ରେ ୧୬ନଂ ଜାତୀୟ ରାଜପଥର ଟାଙ୍ଗୀ ଥାନା ରଜକଣା ଛକ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ୩ଜଣଙ୍କ ଜୀବନ ନେଇଛି।



ମୃତକମାନେ ହେଲେ, କେନ୍ଦୁଝର ଜିଲ୍ଲା କାଠବାଉଁଶୁଳି ଗ୍ରାମର ଅଶୋକ ବାରିକ, ଭଦ୍ରକ ଅଞ୍ଚଳର ପ୍ରକାଶ ବିଶ୍ୱାଳ ଓ ବିହାର ଅଞ୍ଚଳର ଉମେଶ କୁମାର। ସେହିପରି ଏହି ଦୁର୍ଘଟଣାରେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ, କେନ୍ଦୁଝର ଜିଲ୍ଲା ନୟାକୋଟ ଥାନା ବାଂଶପାଳ ଗ୍ରାମର ନିୟନ ପଲ୍ଲାଇ ଓ ପୁରୀ ଜିଲ୍ଲା କଣାସ ଥାନା କୋଟକଣ ଗ୍ରାମର ବିଶ୍ୱରଞ୍ଜନ ରାଉତରାୟ। ସ୍ଥାନୀୟ ହସ୍ପିଟାଲରେ ସେମାନଙ୍କୁ ଭର୍ତ୍ତି କରାଯାଇଛି।

ମିଳିଥିବା ସୂଚନାନୁଯାୟୀ, ୫ଜଣ ଯାକ ଏକ ଖଣି କମ୍ପାନୀରେ କାମ କରନ୍ତି। ଜଗନ୍ନାଥ ଦର୍ଶନ ନିମନ୍ତେ ସମସ୍ତେ ସୋମବାର ସନ୍ଧ୍ୟାରେ ପୁରୀ ଅଭିମୁଖେ ଏକ ବୋଲେରୋରେ ବାହାରିଥିଲେ। ଚାଳକଙ୍କ ଅସାବଧାନତା ଯୋଗୁଁ ଦ୍ରୁତଗତିରେ

**ଜଗନ୍ନାଥ ଦର୍ଶନ ପାଇଁ ଯାଉଥିଲେ; ୨ ଗୁରୁତର**

ଯାଉଥିବା ବୋଲେରୋଟି ରଜକଣା ଛକ ନିକଟରେ ରୋଡ୍ ଡିଭାଇଡର୍‌ରେ ପିଟି ହୋଇ ବିପରୀତ ରାସ୍ତାକୁ ଚାଲି ଯାଇଥିଲା। ଏହି ସମୟରେ ଉକ୍ତ ରାସ୍ତାରେ ଆସୁଥିବା ଏକ ଟ୍ୟାଙ୍କର୍, ବୋଲେରୋକୁ ଧକ୍କା ଦେଇଥିଲା। ଫଳରେ ଘଟଣସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଯାଇଥିଲା। ଅଗ୍ନିଶମ ବାହିନୀ ସହାୟତାରେ ମୃତାହତଙ୍କୁ ଗାଡ଼ି କାଟି ବାହାର କରାଯାଇଥିଲା।

## ଦୁଇ ବାଇକ୍ ଧକ୍କା: ଦୁଇ ସଢ଼ୁ ସମେତ ୩ ମୃତ

ବଲାଙ୍ଗିର,୨୫ ।୧୧(ସମିସ): ୨୬ନଂ ଜାତୀୟ ରାଜପଥ ଲୋଇସିଂହା ଥାନା ବୁଢ଼ିପଦରରେ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ବରଗଡ଼ ଜିଲ୍ଲା ଗାଇସିଲେଟ ଥାନା ଅଞ୍ଚଳର ସୂରଜ କାମିଲା, ତାଙ୍କ ସଢ଼ୁ ଝସକେତନ ବରିହା ଏବଂ ଲୋଇସିଂହାର ଚନ୍ଦ୍ରଶେଖର ଲୁହାର।

ସୂରଜ ତାମିଲନାଡୁରେ କାମ କରୁଥିଲେ। ସୋମବାର ସନ୍ଧ୍ୟାରେ ସେ ଘରକୁ ଫେରୁଥିଲେ। ତାଙ୍କୁ ଘରକୁ ଆଣିବା ପାଇଁ ସଢ଼ୁ ଝସକେତନ ଯାଇଥିଲେ। ଉଭୟ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ବୁଢ଼ିପଦର ପଞ୍ଚାୟତ ଅଫିସ ନିକଟରେ ଏହି ଅଘଟଣ ଘଟିଥିଲା। ରୁଗୁଡ଼ିଖାଲ ପଟୁ ବାଇକ୍‌ରେ ଆସୁଥିବା ଚନ୍ଦ୍ରଶେଖରଙ୍କ ସହ ସେମାନଙ୍କ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାଗ୍ରସ୍ତ ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ତିନିଜଣଙ୍କ ମୃତ୍ୟୁ ଘଟିଥିଲା। ଘଟଣା ବିଷୟରେ ସ୍ଥାନୀୟ ଲୋକେ ଖବର ପାଇବା ପରେ ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ୩ଜଣଙ୍କ ମୃତଦେହକୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିବା ପରେ ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ମଙ୍ଗଳବାର ବ୍ୟବଚ୍ଛେଦ ସରିବା ପରେ ମୃତଦେହକୁ ପୁଲିସ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

### ଇନ୍ଦ୍ରଚନ୍ଦ୍ର ମାନୁନାହାନ୍ତି ବାଲିମାଫିଆ

# ତହସିଲଦାରଙ୍କୁ ସଂଘବଦ୍ଧ ଆକ୍ରମଣ

ବାରିପଦା, ୨୫।୧୧ (ସମିସ): ଆଉ ଇନ୍ଦ୍ରଚନ୍ଦ୍ର ମାନୁନାହାନ୍ତି ବାଲି ମାଫିଆ। ପୁଲିସ କିମ୍ବା ପ୍ରଶାସନ ପ୍ରତି ଖାତିର୍ ତ ଦୂରର କଥା, ମନରେ ଟିକିଏ ଭୟ ବି ନାହିଁ। ବାଟ ମଝିରେ କାର୍ ଅଟକାଇ ତହସିଲଦାରଙ୍କୁ ଆକ୍ରମଣ କରିବାକୁ ବି ପଛାଉ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକରେ ଆଜି ଏପରି ଏକ ଘଟଣା ଘଟିଛି। ବାଟ ମଝିରେ ବେତନଟୀ ତହସିଲଦାର

**ବନ୍ଧାହେଲେ ଦୁଇ ଭାଇ**

ଚନ୍ଦ୍ରଜିତ୍ ବେହେରାଙ୍କ କାର୍ ଅଟକାଇ ମାଫିଆମାନେ ତହସିଲଦାରଙ୍କ ସମେତ ସୁପରଭାଇଜର୍ ଓ ଗାଡ଼ି ଚାଳକଙ୍କୁ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଏଥିରେ ଗାଡ଼ି ଚାଳକଜଣଙ୍କ ଗୁରୁତର ହୋଇଛନ୍ତି। ମାଫିଆମାନେ ତାଙ୍କ ମୁଣ୍ଡ ଫଟାଇ ଦେଇଛନ୍ତି। ସେ ହେଲେ ନୀହାର ରଞ୍ଜନ ବିଶ୍ୱାଳ। ତାଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖାଲି ସେତିକି ନୁହେଁ, ଯିବା ବେଳେ ମାଫିଆମାନେ ତହସିଲଦାରଙ୍କୁ ହତ୍ୟା କରିବାକୁ ଧମକ ଦେଇଛନ୍ତି। ଏହି ଘଟଣାରେ ପୁଲିସ ବଡ଼ସାହି ଥାନା ବତନା ଗ୍ରାମର ପ୍ରଶାନ୍ତ ଗାଆଁଣ ଓରଫ୍ ବାବୁଛୁଆ ଏବଂ ତା' ଭାଇ ସୁଶାନ୍ତ ଗାଆଁଣକୁ ଗିରଫ କରିଛି। ଖୁବ୍‌ଶୀଘ୍ର ବାକି ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ କହିଛି।

ସୂଚନାନୁଯାୟୀ, ଆଜି ଅପରାହ୍ଣରେ ତହସିଲଦାର ଶ୍ରୀ ବେହେରା ଏକ ବାଲି ବୋଝେଇ ଏକ ଟ୍ରାକ୍ଟର୍‌କୁ ଜବତ କରି ଚାଳକ ସହାୟତାରେ ଥାନାର ଜିମା ଦେଇଥିଲେ। ଏହାକୁ ନେଇ ବାଲି ମାଫିଆମାନେ କ୍ଷୁବ୍ଧ ହୋଇଯାଇଥିଲେ। ତହସିଲଦାରଙ୍କୁ ଆକ୍ରମଣ କରିବା ପାଇଁ ସେମାନେ ସୁଯୋଗକୁ ଅପେକ୍ଷା କରିଥିଲେ। ସଂଧ୍ୟାରେ ତହସିଲଦାର ଶ୍ରୀ ବେହେରା ଅଫିସ୍ କାମ ସାରି ଫେରୁଥିବା ବେଳେ ତୁଳସୀଚଉରା ଛକରେ ସେମାନେ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ମାଫିଆମାନେ ତହସିଲଦାରଙ୍କ ଗାଡ଼ି ଅଟକାଇ ସେଥିରେ ଥିବା ତହସିଲଦାର ଶ୍ରୀ ବେହେରା, ସୁପରଭାଇଜର୍ ସତ୍ୟବ୍ରତ ନାୟକ ଓ ଚାଳକ ଶ୍ରୀ ବିଶ୍ୱାଳଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପାଟିତୁଣ୍ଡ ଶୁଣି ତହସିଲ କର୍ମଚାରୀମାନେ ସେଠାରେ ପହଞ୍ଚିଯିବାରୁ ବାଲି ମାଫିଆମାନେ ଖସି ପଳାଇଥିଲେ।

# ଶିମିଳିପାଳରେ ବଢ଼ିଲେ ୫ ବାଘ

ଭୁବନେଶ୍ୱର,୨୫ ।୧୧(ସମିସ): ରାଜ୍ୟରେ ବଢୁଛି ମହାବଳଙ୍କ ସଂଖ୍ୟା। ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ରାଜ୍ୟରେ ବାଘ ସଂଖ୍ୟା ବୃଦ୍ଧି ପାଇଛି। ଗତବର୍ଷ କେବଳ ଶିମିଳିପାଳରେ ବାଘ ସଂଖ୍ୟା ୨୭ ରହିଥିବା ବେଳେ ଚଳିତ ବର୍ଷ ଏହା ୩୨ରେ ପହଞ୍ଚିଛି ବୋଲି ବନ୍ୟପ୍ରାଣୀ ପିସିସିଏଫ ପ୍ରେମ କୁମାର ଝା କହିଛନ୍ତି। ପ୍ରତି ୪ ବର୍ଷରେ ଥରେ ସର୍ବଭାରତୀୟ ସ୍ତରରେ ବାଘ ଗଣନା ହୋଇଥାଏ। ଏହାପୂର୍ବରୁ ୨୦୨୨ ମସିହାରେ ବାଘ ଗଣତି ହୋଇଥିଲା। ମାତ୍ର ଓଡ଼ିଶାରେ ଯେଉଁ ନିଜସ୍ୱ ବାଘ ଗଣନା କରାଯାଉଛି, ସେହି ତଥ୍ୟ ଅନୁଯାୟୀ ୨୦୨୨ ମସିହାରେ ରାଜ୍ୟରେ ୨୦ଟି ବାଘ ନଜରକୁ ଆସିଥିଲେ। ୨୦୨୩ରେ ୨୭ଟି ବାଘ ସମେତ ୯ଟି ଶାବକଙ୍କୁ ଚିହ୍ନଟ କରାଯାଇଥିଲା। ବର୍ତ୍ତମାନ ରାଜ୍ୟରେ ବାଘଙ୍କ ସଂଖ୍ୟା ୩୨କୁ ବୃଦ୍ଧି ପାଇଥିବା ବେଳେ ୯ଟି ବାଘ ଶାବକ ରହିଥିବା ଜଣାପଡ଼ିଛି। ପିସିସିଏଫ ଆହୁରି କହିଛନ୍ତି, ବର୍ତ୍ତମାନ ଓଡ଼ିଶାରେ କେବଳ ଶିମିଳିପାଳରେ ବାଘ ଅଛନ୍ତି। ସାତକୋଶିଆରେ ବର୍ତ୍ତମାନ ସମୟରେ କୌଣସି ବାଘ ଦେଖାଯାଇ ନାହିଁ।

**ଗତବର୍ଷ ୨୭, ଏବେ ୩୨**

ସେହିପରି ରାଜ୍ୟରେ ବର୍ତ୍ତମାନ ୫୦ ପ୍ରତିଶତ ସାଧାରଣ ବାଘ ରହିଥିବା ବେଳେ ୫୦ ପ୍ରତିଶତ ମେଲାନଷ୍ଟିକ ଅର୍ଥାତ କଳା ବାଘ ରହିଛନ୍ତି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୨୪ମସିହାରେ ରାଜ୍ୟରେ ୩୦ଟି ମହାବଳ ବାଘ ରହିଥିଲେ। ସେଥିରୁ ୧୪ଟି ବାଘୁଣୀ ଥିଲେ। ୮ ଟି ଶାବକ ମଧ୍ୟ ଚିହ୍ନଟ କରାଯାଇଥିଲା। ଶିମିଳିପାଳରେ ୨୭ଟି ମହାବଳ ବାଘ ସହ ୮ ଟି ଶାବକ ଚିହ୍ନଟ କରାଯାଇଥିଲା। ପାରଳାଖେମୁଣ୍ଡି ବନଖଣ୍ଡରେ ଗୋଟିଏ ବାଘ ଏବଂ ହୀରାକୁଦ ବନଖଣ୍ଡରେ ଗୋଟିଏ ମାତ୍ର ବାଘ ରହିଥିଲେ। ଏହାସହ ରାଜ୍ୟର ଶିମିଳିପାଳରେ କଳା ବାଘ ୪୦ ପ୍ରତିଶତ ରହିଥିଲେ। ଶିମିଳିପାଳ ଡିଭିଜନରେ ୭ଟି କଳା ବାଘୁଣୀ ଓ ୬ଟି ବାଘ ଦେଖାଯାଇଥିଲା। ଚଳିତ ବର୍ଷ ମୟୂରଭଞ୍ଜର ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପକୁ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ଦୀର୍ଘ ୪୫ ବର୍ଷର ଦାବି ପରେ ଏହା ହୋଇପାରିଛି। ତେଣୁ ଶିମିଳିପାଳରେ ବାଘ ସଂରକ୍ଷଣ କ୍ଷେତ୍ରରେ ଆହୁରି ସୁଦୃଢ଼ ପଦକ୍ଷେପ ନିଆଯାଇପାରିବା ନେଇ ସମ୍ଭାବନା ରହିଛି।

# ଉପକୂଳ ରାଜପଥ ପାଇଁ ବାହାରିଲା ଟେଣ୍ଡର୍

ଭୁବନେଶ୍ୱର,୨୫ ।୧୧(ସମିସ): ବହୁପ୍ରତୀକ୍ଷିତ ଉପକୂଳ ରାଜପଥ (କୋଷ୍ଟାଲ ହାଇୱେ) ପାଇଁ ଟେଣ୍ଡର୍ ଆହ୍ୱାନ ହୋଇଛି। ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ପକ୍ଷରୁ ଏହି ଟେଣ୍ଡର୍ ଆହ୍ୱାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧାର ବଡ଼ପୋଖରିଆଠାରୁ କେନ୍ଦ୍ରାପଡ଼ାର ମସାକଣି ପର୍ଯ୍ୟନ୍ତ ୧୬୦.୧୮୦ କିମି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର୍ ଆହ୍ୱାନ ହୋଇଛି। ଗୋଟିଏ ପ୍ୟାକେଜ୍‌ରେ ଖୋର୍ଦ୍ଧାର ବଡ଼ପୋଖରିଆଠାରୁ ପୁରୀର କୋଣାର୍କ ପର୍ଯ୍ୟନ୍ତ ୭୯.୪ କିମି ୪ ଥାକିଆ ଆକ୍ସେସ କଣ୍ଟ୍ରୋଲଡ୍ ରାସ୍ତା ନିର୍ମାଣ କରାଯିବ। ଏହି ଜତୀୟ ରାଜପଥ ନିର୍ମାଣ ନିମନ୍ତେ ପ୍ୟାକେଜ-୧ରେ ୩୬୪୫କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟର ଟେଣ୍ଡର ଆହ୍ୱାନ କରାଯାଇଛି। ସେହିପରି ଅନ୍ୟ ପ୍ୟାକେଜ୍‌ରେ ପୁରୀର କୋଣାର୍କଠାରୁ କେନ୍ଦ୍ରାପଡ଼ାର ମସାକଣି ପର୍ଯ୍ୟନ୍ତ ୮୦କିମି ୨ ଥାକିଆ ପେଭଡ୍ ଶୋଲଡର ଜାତୀୟ ରାଜପଥ ନିର୍ମାଣ ନିମନ୍ତେ ପ୍ୟାକେଜ-୨ ରେ ୧୮୫୫ କୋଟି ପ୍ରକଳ୍ପ ମୂଲ୍ୟର ଟେଣ୍ଡର

- **ଖୋର୍ଦ୍ଧା ବଡ଼ପୋଖରିଆରୁ କେନ୍ଦ୍ରାପଡ଼ା ମସାକଣି ପର୍ଯ୍ୟନ୍ତ କାମ ପାଇଁ ଟେଣ୍ଡର୍ ଆହ୍ୱାନ**
- **୨ ଟି ପ୍ୟାକେଜ୍‌ରେ ନିର୍ମାଣ ହେବ ୧୬୦.୧୮୦ କିମି ରାସ୍ତା**

ଆହ୍ୱାନ କରାଯାଇଛି। ଆସନ୍ତା ଜାନୁଆରୀ ୧୪ ପର୍ଯ୍ୟନ୍ତ ବିଡ୍ ଦାଖଲର ଶେଷ ତାରିଖ ରହିଛି। ଜାନୁଆରୀ ୧୫ରେ ବିଡ୍ ଖୋଲିବ ବୋଲି ଏନ୍‌ଏଚ୍‌ଏଆଇ ପକ୍ଷରୁ କୁହାଯାଇଛି।

ଖୋର୍ଦ୍ଧା ବଡ଼ପୋଖରିଆଠାରୁ ପଶ୍ଚିମବଙ୍ଗ ଦୀଘା ପର୍ଯ୍ୟନ୍ତ ଉପକୂଳ ରାଜପଥ ନିର୍ମାଣ କରାଯିବ। ଏହାର ପ୍ରଥମ ପର୍ଯ୍ୟାୟ କାମ ପାଇଁ ଟେଣ୍ଡର୍ ଆହ୍ୱାନ ହେବା ପରେ ରାଜ୍ୟର ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପର ବାସ୍ତବ ସ୍ଥିତିକୁ ନେଇ ଆଶା ସଞ୍ଚାର ହୋଇଛି। ବଡ଼ପୋଖରିଆରୁ ମସାକଣି ଉପକୂଳ ରାଜପଥଟି ଏନଏଚ୍-୧୬, ଏନଏଚ୍-୫୩ ଏବଂ ଏନଏଚ୍-୩୧୬ର ବିକଳ୍ପ ଜାତୀୟ ରାଜପଥ ଭାବେ ଏହା କାର୍ଯ୍ୟ କରିବ। ଏହି ଜାତୀୟ ରାଜପଥଟି ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଅର୍ଥନୈତିକ ହବ୍ ଯଥା ପୁରୀ, କୋଣାର୍କ ଏବଂ ପାରାଦୀପକୁ ଯୋଡ଼ିବା ସହ ମାଲ ପରିବହନ ଏବଂ ଗମନାଗମନର ଉନ୍ନତି କରିବ ବୋଲି ଆଶା ରହିଛି।

ରାଜ୍ୟର ନୂଆ ବନ୍ଦର ଯଥା ଅସ୍ତରଙ୍ଗ ଏବଂ ସୁବର୍ଣ୍ଣରେଖାକୁ ମଧ୍ୟ ଏହି ଜାତୀୟ ରାଜପଥ ଯୋଡ଼ିବ। ଅନ୍ୟପଟେ, ବଡ଼ପୋଖରିଆରୁ ମାସକଣି ଉପକୂଳ ରାଜପଥଟି ଏକ୍ସପ୍ରେସ୍ ୱେ ଭଳି ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଫଳରେ ଏହି ରାସ୍ତାରେ ଦ୍ରୁତ ଗତି ଅର୍ଥାତ୍ ଘଣ୍ଟା ପ୍ରତି ୧୦୦ କିମି ବେଗରେ ଯାନ ବାହନ ଚଳାଚଳ ହୋଇପାରିବ। ବର୍ତ୍ତମାନ ବଡ଼ପୋଖରିଆରୁ ମସାକଣି ଏନଏଚ ୧୬ ଏବଂ ଏନଏଚ ୫୩ରେ ଗଲେ ୨୧୦କିମି ରାସ୍ତା ହେଉଥିବା ବେଳେ ଉପକୂଳ ରାଜପଥ ନିର୍ମାଣ ପରେ ଏହି ଦୂରତା ମାତ୍ର ୧୬୦ କିମିକୁ ହ୍ରାସ ପାଇବ। ବର୍ତ୍ତମାନ ସମୟରେ ଟ୍ରାଫିକ୍‌ର ଘନତ୍ୱକୁ ଦୃଷ୍ଟିରେ ରଖି ବଡ଼ପୋଖରିଆଠାରୁ କୋଣାର୍କ ପର୍ଯ୍ୟନ୍ତ ଉପକୂଳ ରାଜପଥକୁ ୪ ଲେନ୍ ବିଶିଷ୍ଟ କରାଯାଇଥିବା ବେଳେ ପ୍ୟାକେଜ୍-୨ ଥିବା କୋଣାର୍କରୁ ମସାକଣି ପର୍ଯ୍ୟନ୍ତ ଜାତୀୟ ରାଜପଥକୁ ବର୍ତ୍ତମାନ ସମୟରେ ୨ ଲେନ୍ ବିଶିଷ୍ଟ କରାଯାଇଛି। ହେଲେ ୨୦୩୫ ସୁଦ୍ଧା ସଂପୂର୍ଣ୍ଣ ରାସ୍ତାକୁ ୪ ଥାକିଆରେ ରୂପାନ୍ତରିତ କରାଯିବା ନେଇ ଯୋଜନା ରହିଛି।

**ହାଇକୋର୍ଟରେ ଇଚ୍ଛାମୃତ୍ୟୁ ପ୍ରସଙ୍ଗ**

# ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ

କଟକ, ୨୫ ।୧୧ (ସମିସ): ଇଚ୍ଛାମୃତ୍ୟୁ ପ୍ରସଙ୍ଗକୁ ନେଇ ଦାୟର ମାମଲାରେ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ଦିଗରେ କି' ପଦକ୍ଷେପ ନିଆଯାଇଛି, ସେ ସଂପର୍କିତ ସତ୍ୟପାଠ ଦାଖଲ କରିବାକୁ ଆଜି ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ଡକ୍ଟର କହ୍ନେୟାଲାଲ୍ ଶର୍ମାଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ସୁପ୍ରିମକୋର୍ଟଙ୍କ ୨୦୨୩, ଜାନୁଆରି ୨୪ର ନିର୍ଦ୍ଦେଶ ଅନୁସାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଡାକ୍ତର ବି.କେ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନ୍ୟ ୯ଜଣ ସଦସ୍ୟଙ୍କୁ ନେଇ ଏହି କମିଟିର ପୁନର୍ଗଠନ କରାଯିବା ନେଇ ୨୦୨୫ ଏପ୍ରିଲ ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା ବୋଲି ଆଜି ମାମଲାର ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ତରଫରୁ ଅବଗତ କରାଯାଇଥିଲା। ଏହି ପ୍ରସଙ୍ଗରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଓ ସାନି ସ୍ଥିତି ନେଇ ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଡିସେମ୍ବର ୨କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଯଦି କୌଣସି ରୋଗରୁ ବ୍ୟକ୍ତି ଆରୋଗ୍ୟ ହେବାର ସମ୍ଭାବନା ନଥାଏ, ତେବେ ସେ ନିଜ ଇଚ୍ଛା ଅନୁସାରେ ଜୀବନ ଯେପରି ତ୍ୟାଗ କରିପାରିବେ, ସେଥିପାଇଁ ଆଇନଗତ ବ୍ୟବସ୍ଥା ହେବା ଉଚିତ ବୋଲି ଆବେଦନକାରୀ ଦର୍ଶାଇଛନ୍ତି।

ଦୁରାରୋଗ୍ୟ ରୋଗରେ ପୀଡ଼ିତ ରୋଗୀ ଆଉ ବଞ୍ଚିବାକୁ ଯଦି ନ ଚାହିଁବେ, ତେବେ ତାଙ୍କ ଇଚ୍ଛାକୁ ସମ୍ମାନ କରାଯିବା ଉଚିତ। ସଂପୃକ୍ତ ବ୍ୟକ୍ତିଙ୍କ ଇଚ୍ଛା ଅନୁସାରେ ତାଙ୍କୁ ପ୍ରଦାନ କରାଯାଉଥିବା ଚିକିତ୍ସା ବନ୍ଦପୂର୍ବକ ମୃତ୍ୟୁ ପାଇଁ ପଥ ପରିଷ୍କାର କରାଯାଇପାରିବ। ସୁପ୍ରିମକୋର୍ଟଙ୍କ ଏ ସମ୍ପର୍କିତ ଏକ ଆଦେଶନାମା ରହିଥିବା ବେଳେ ରାଜ୍ୟରେ ଏହା କାର୍ଯ୍ୟକାରୀ କରାଯାଉନାହିଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପାର୍ଥ ମୁଖାର୍ଜୀ ଓ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।




## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ



**ଡେଲାଙ୍ଗ,୨୫।୧୧(ସମିସ):** ଡେଲାଙ୍ଗ ହାଟ ବଜାରସ୍ଥିତ ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ନୀଳଶୈଳ ସ୍ୱାଇଁ, ବିଭାଗୀୟ ଅଧିକାରୀ ଆଶିଷ କୁମାର ପାତ୍ର, ବ୍ଲକ୍ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ସମ୍ବଳ ଶିକ୍ଷୟିତ୍ରୀ ବୈଦେହୀ ପାଣି, ତିଳୋତ୍ତମା ସୁନ୍ଦରାୟ, ସ୍ୱପ୍ନାରାଣୀ ପାଟଯୋଶୀ, ଶୁଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଶିବିରର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଅଭିଯାନରେ ଔଷଧ ଏବଂ ପୁନର୍ବାସ ବିଶେଷଜ୍ଞ ଡା. ଶୁଶିଲ କୁମାର ନାୟକ, ଅସ୍ଥିଶଲ୍ୟ ବିଶେଷଜ୍ଞ ଦିପ୍ତିସ୍ ସାହୁ, ଦୁର୍ବଳ ଦୃଷ୍ଟିଶକ୍ତି ବିଭାଗର ବିଶେଷଜ୍ଞ ଡାକ୍ତର ଜ୍ୟୋସ୍ନାରାଣୀ ତ୍ରିପାଠୀ, ଭେଷଜ ବିଶେଷଜ୍ଞ ଡାକ୍ତର ସାନ୍ତନୁ କୁମାର ଜେନା, ଶିଶୁ ବିଶେଷଜ୍ଞ ଡାକ୍ତର ଅର୍ଚ୍ଚନା ପଟ୍ଟନାୟକ, ମାନସିକ ସ୍ୱାସ୍ଥ୍ୟ ବିଭାଗର ଡାକ୍ତର ସମ୍ବିତ୍ ପାତ୍ର, ଶ୍ରବଣ ବାଧିତ ବିଭାଗର ବିଶେଷଜ୍ଞ ଡାକ୍ତର ଚନ୍ଦନ ମହାନ୍ତି, ଡାକ୍ତର ଅପର୍ଣ୍ଣା ମହାନ୍ତି, ଡାକ୍ତର କୁମାର ପ୍ରିତମ୍ ପଲାଇ, କର୍ଣ୍ଣ, ନାସିକା ଓ ଗଳା ବିଭାଗର ଡାକ୍ତର ରବିନ୍ଦ୍ର କୁମାର ଘଡ଼େଇ ପ୍ରମୁଖ ବିଭିନ୍ନ ରୋଗୀଙ୍କୁ ଚିହ୍ନଟ କରିବା ସହିତ ବାଧକ ହାର ଯାଞ୍ଚ କରିଥିଲେ। ଶିବିରରେ ୧୬୭ ଜଣ ଅସ୍ଥିବାଧିତ, ୪୨ଜଣ ଦୃଷ୍ଟିବାଧିତ, ୭୦ ଜଣ ଶ୍ରବଣବାଧିତ, ଶିଶୁରୋଗୀ ୧୧ ଜଣ, ଭେଷଜ ୧୬ ଓ ୩୭ ଜଣ ମାନସିକ ଅନଗ୍ରସର ରୋଗୀ ଚିହ୍ନଟ ହୋଇଥିଲେ।

## ବିଶ୍ୱ ପର୍ଯ୍ୟଟନ ସପ୍ତାହରେ ବନ୍ଦେ ମାତରମ୍ ଆସର

**ଚାରିଛକ,୨୫।୧୧(ସମିସ):** ପୁଣ୍ୟତୋୟା ପବିତ୍ର ପ୍ରାଚୀନଦୀ ନିକଟସ୍ଥ ବୌଦ୍ଧପୂର୍ଣ୍ଣିମା ସ୍ନାନଘାଟରେ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦ ପ୍ରାୟୋଜିତ ବିଶ୍ୱ ପର୍ଯ୍ୟଟନ ସପ୍ତାହର ଅନ୍ତିମ ଦିବସରେ ବନ୍ଦେ ମାତରମ୍ ଆସର ପାଳିତ ହୋଇଯାଇଛି। ପରିଷଦର ସମସ୍ତ ସଭ୍ୟଙ୍କ ଦ୍ୱାରା ସାମୂହିକ ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ଗାୟନ ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରୀୟ ଗୀତ ଶ୍ରୀ ଗ୍ରୀତଗୋବିନ୍ଦ ଗାନ କରାଯାଇ ବୈଠକର ଶୁଭାରମ୍ଭ କରାଯାଇଛି। ବୈଠକରେ ପରିଷଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ର, ମୁଖ୍ୟ ଉପଦେଷ୍ଟା ଡ. ସନ୍ତୋଷ କୁମାର ମିତ୍ର, ସଭାପତି ରାଧାଶ୍ୟାମ ପ୍ରଧାନଙ୍କ ସମେତ ଅନେକ ଭକ୍ତ ଉପସ୍ଥିତ ରହି ଉଭୟ ଗୀତର ଗୁରୁତ୍ୱ ବୁଝାଉଛନ୍ତି। ୧୮୭୫ରେ ପ୍ରସିଦ୍ଧ ଗୀତିକାର ବଙ୍କିମଚନ୍ଦ୍ରଙ୍କ ସ୍ୱରଚିତ ଏ ରାଷ୍ଟ୍ରଗୀତକୁ ଲୋକାର୍ପଣ କରିଥିଲେ। ନେତାଜୀଙ୍କ ଦ୍ୱାରା ଜର୍ମାନରେ ଏହି ଜାତୀୟ ସଂଗୀତଟି ରେକର୍ଡିଂ ହୋଇଥିଲା। ଏ ରାଷ୍ଟ୍ରଗୀତକୁ ବିଶ୍ୱ ଜାତିସଂଘ ଭାରତର ପ୍ରଥମ ସ୍ୱାଧୀନତା ଦିବସରେ ବଜାଇ ବିଶ୍ୱବାସୀଙ୍କୁ ଏହାର ଗୁରୁତ୍ୱ ବୁଝାଇ ଦେଇଥିଲେ। ପ୍ରାଚୀତଟ ପୁରାତନ ପର୍ଯ୍ୟଟନସ୍ଥଳୀରେ ଏଭଳି ଏକ ଭବ୍ୟ ସମାବେଶ କରି ପରିଷଦ ଐତିହ୍ୟଭରା ପ୍ରାଚୀ ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ ଦାବି କରିଛନ୍ତି। ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ଅନ୍ତତଃ ପ୍ରତି ପର୍ଯ୍ୟଟନସ୍ଥଳୀ ଦେବପୀଠରେ ଏହି ଦୁଇଟି ଗୀତକୁ ନିତ୍ୟ ଗାୟନର ବ୍ୟବସ୍ଥା ସରକାରଙ୍କ ଦ୍ୱାରା କରାଯିବାକୁ ପରିଷଦ ପକ୍ଷରୁ ଦାବି ହୋଇଛି। ସରକାରଙ୍କ ତରଫରୁ ଏହି ଜାତୀୟ ସଂଗୀତ ଗାୟନର ବ୍ୟବସ୍ଥା କରାଗଲେ ଅଗଣିତ ଶ୍ରୀଜଗନ୍ନାଥ ପ୍ରେମୀ ଏହି ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ଗାୟନର ଦେଢ଼ଶହ ବର୍ଷ ପୂର୍ତ୍ତି ଅବସରରେ ଅଧିକ କ୍ରିୟାଶୀଳ ହେବ।

## ଆଇନଜୀବୀଙ୍କ ବିୟୋଗରେ ଶୋକସଭା

**ସାକ୍ଷୀଗୋପାଳ,୨୫।୧୧(ସମିସ):** ବରିଷ୍ଠ ଆଇନଜୀବୀ ତଥା ସତ୍ୟବାଦୀ ଆଇନଜୀବୀ ସଂଘର ପୂର୍ବତନ ସଭାପତି ଭଗବାନ ରଥ (୬୨)ଙ୍କର ସୋମବାର ବିଳମ୍ବିତ ରାତିରେ ଦେହାନ୍ତ ହୋଇଯାଇଛି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବୀର ରାମଚନ୍ଦ୍ରପୁର ଶାସନ ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ସଚ୍ଚୋଟ ଓ ପରୋପକାରୀ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ସମସ୍ତଙ୍କ ପ୍ରିୟ ହୋଇପାରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ମଙ୍ଗଳବାର ପୂର୍ବାହ୍ଣ ୧୦ଟାରେ ସତ୍ୟବାଦୀ ତହସିଲ୍ କାର୍ଯ୍ୟାଳୟରେ ଏକ ଶୋକସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲ୍‌ଦାର ଓମ୍ ପ୍ରକାଶ ପରିଡ଼ା, ଆଇନଜୀବୀ ସଂଘର ସଭାପତି ବାଳକୃଷ୍ଣ ମହାପାତ୍ରଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଯୋଗଦେଇ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଭଗବାନ ରଥ ସତ୍ୟବାଦୀ ତହସିଲ୍ କାର୍ଯ୍ୟାଳୟରେ ସରକାରୀ ଓକିଲ ଭାବେ କାର୍ଯ୍ୟ କରିବା ସହ ସତ୍ୟବାଦୀ ଆଇନଜୀବୀ ସଙ୍ଘର ପୂର୍ବତନ ସଭାପତି ଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଆଇନଜୀବୀ ଦେବଦତ୍ତ ସାମନ୍ତରାୟ, ଭାସ୍କର ନାୟକ, ଅଞ୍ଜନ କୁମାର ହୋତା, ସୁଶାନ୍ତ କୁମାର ରଥ, ପ୍ରଭାକର ମିଶ୍ର, ପ୍ରଶାନ୍ତ ମହାପାତ୍ର, ମୋହନ ସାହୁ, ବିଧୁ ଭୂଷଣ ମହାନ୍ତି, ରବୀନ୍ଦ୍ର କୁମାର ଦାଶ, ଅଜିତ୍ କୁମାର ଚୌଧୁରୀ, ସନ୍ତୋଷ ବେହେରା, ବଟକୃଷ୍ଣ ମିଶ୍ର, ଚିନ୍ମୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସାଇ ସାହିତ୍ୟ ସଂସ୍ଥାନ ପକ୍ଷରୁ ସାହିତ୍ୟ ଆସର




**ଡେଲାଙ୍ଗ,୨୫।୧୧(ସମିସ):** ଡେଲାଙ୍ଗ ବ୍ଲକ୍ ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତର ବିଳାସପୁରଠାରେ ସାଇ ସାହିତ୍ୟ ସଂସ୍ଥାନ ପକ୍ଷରୁ ଏକବିଂଶତମ ସାହିତ୍ୟ ଆସର ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ନଗର ଉନ୍ନୟନ ନିର୍ଦ୍ଦେଶକ ମୀନକେତନ ଦାସ ଯୋଗଦେଇ ସାହିତ୍ୟ ଆସରର ମହତ୍ୱ ଓ ସମାଜରେ ସାହିତ୍ୟ ଭାଷାର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଇଂ ନିମାଇଁ ଚରଣ ପଣ୍ଡା, ସମ୍ମାନିତ ଆତିଥି ଭାବେ ସଂସ୍ଥାନର ସଂସ୍ଥାପକ ଶଶଧର ପଣ୍ଡା, ଆଗ୍ରୋ କଲ୍‌ଚରାଲ ଇଣ୍ଡଷ୍ଟ୍ରିଜ୍‌ର ପ୍ରତିଷ୍ଠାତା ରଜନୀକାନ୍ତ ଲେଙ୍କା, ସ୍ଥାନୀୟ ସରପଞ୍ଚ ହିରଣ୍ମୟୀ ମହାପାତ୍ର, ବନ୍ଦନା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୫୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତାପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା କବି କବୟିତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସଂସ୍ଥାନର ସମ୍ପାଦକ ସୁଦର୍ଶନ ପ୍ରଧାନଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ବେଧଡ଼କ ଚାଲୁଛି ବେଆଇନ ମୋରମ୍ ଖଣି

**ଖୋର୍ଦ୍ଧା,୨୫।୧୧(ସମିସ)**



ଖୋର୍ଦ୍ଧା ତହସିଲ୍ ତଥା ଶିକ୍ଷାଞ୍ଚଳ ଥାନା ଅଞ୍ଚଳରେ ମାତିଛନ୍ତି ମୋରମ୍ ମାଫିଆ। ମାଫିଆଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ପୁଲିସ ଓ ପ୍ରଶାସନର ନିରବତା ଯୋଗୁଁ ଗୋଚର, ଅନାବାଦୀ, ଶ୍ମଶାନ ଜମିରୁ ଦିନ ରାତି ପଥର ଓ ମୋରମ କାଟି ଚୋରା ଚାଲାଣ କରୁଛନ୍ତି। କିଛି ଅସାଧୁ ପ୍ରଶାସନିକ ଓ ପୁଲିସ କର୍ମଚାରୀଙ୍କୁ ହାତବାରିସି କରି ମାଫିଆ ଚୋରା ଚାଲାଣ କରୁଛନ୍ତି। ଫଳରେ ଏବେ ସରକାରୀ ଜାଗା ଖୋଜିଲେ ମଧ୍ୟ ମିଳୁ ନ ଥିବାର ଦେଖିବାକୁ ମିଳିଥିଲାବେଳେ ପଥର ମାଫିଆମାନେ ପଥର କାଟି ବଡ଼ ବଡ଼ ଗାତମାନ କରୁଛନ୍ତି। ଏହି ଗାତଗୁଡ଼ିକରେ ବାଲି କି ମୋରମ୍‌ରେ ଭର୍ତ୍ତି କରୁ ନ ଥିବା ଯୋଗୁଁ ଜନସାଧାରଣଙ୍କଠାରୁ ଆରମ୍ଭ କରି ଜୀବଜନ୍ତୁ ସେହି ଗାତରେ ପଡ଼ି ପ୍ରାଣ ହରାଉଥିବା ନଜିର ରହିଛି। ଏଥିପ୍ରତି ପ୍ରଶାସନର ଚିନ୍ତା ନ ଥିବାବେଳେ ସାଧାରଣରେ ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସ୍ଥାନୀୟ ଜନସାଧାରଣ ଶିକ୍ଷାଞ୍ଚଳ ପୁଲିସ ଓ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ ପୁଲିସ ଓ ପ୍ରଶାସନ ସବୁ ଜାଣିକିଛି ନ ଜାଣିଲା ପରି ଚୁପ୍ ରହୁଛି। ପୁଲିସ ଓ ପ୍ରଶାସନର ଅପାରଗତା ଯୋଗୁଁ ସ୍ଥାନୀୟ ଜନସାଧାରଣ ବହୁ ହଇରାଣ ହେଉଛନ୍ତି। ଯଦିଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ଚାପରେ ସ୍ଥାନୀୟ ପ୍ରଶାସନ ରାସ୍ତାରେ ଚୋରା ଚାଲାଣ ହେଉଥିବା କିଛି ପଥର ଗାଡ଼ିକୁ ଜବତ କରି ବାହାବା ନେଉଛି। ତଥାପି ମାଫିଆଙ୍କ ଭୟରେ କୌଣସି ବେଆଇନ ଖଣିରେ ପଶିବା ପାଇଁ ପୁଲିସ କି ରାଜସ୍ୱ ବିଭାଗ ସାହସ କରୁନାହିଁ। ଫଳରେ ମାଫିଆମାନେ ନିର୍ଭୟରେ ଦିନରାତି ମୋରମ୍ କାଟି ଚୋରା ଚାଲାଣ କରୁଥିବା ଅଭିଯୋଗ ହେଉଛି।

ପ୍ରକାଶ ଥାଉକି, ଖୋର୍ଦ୍ଧା ତହସିଲ୍ ଅଧୀନସ୍ଥ ଅରାଙ୍ଗ ଗ୍ରାମରେ ବେଆଇନ ମୋରମ୍ ଖଣି ପାଇଁ ମୂଲ୍ୟବାନ ସରକାରୀ ଜମିର ବ୍ୟାପକ ନଷ୍ଟ କେବଳ ସ୍ଥାନୀୟ ପରିବେଶକୁ ଅକାରଣ କ୍ଷତି ପହଞ୍ଚାଇ ନାହିଁ ବରଂ ସ୍ଥାନୀୟ ଅଞ୍ଚଳ ଖୁବ୍ କମ୍ ସମୟ ମଧ୍ୟରେ ଏକ ମରୁଭୂମି ପାଲଟିବାକୁ ଯାଉଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁସାରେ, ମାଫିଆମାନେ ପ୍ରାୟତଃ ଅରାଙ୍ଗ ଗ୍ରାମ ନିକଟରେ ଥିବା ସରକାରୀ ଜମିରୁ ମୋରମ୍ ଖନନ କରି ପ୍ରତିଦିନ ହାଇୱା ଟ୍ରକ୍, ଡମ୍ପର ଏବଂ ଟ୍ରାକ୍ଟରରେ ଖୋର୍ଦ୍ଧା ସହର ଏବଂ ଅନ୍ୟତ୍ର ଚୋରା ଚାଲାଣ କରନ୍ତି। ଭାରୀଯାନଗୁଡ଼ିକ ଯିବାଆସିବା କରିବା ସମୟରେ ଗ୍ରାମ ରାସ୍ତାଗୁଡ଼ିକ କ୍ଷତିଗ୍ରସ୍ତ ହେବା ସହିତ ସ୍ଥାନୀୟ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଗ୍ରାମବାସୀ ଏହାକୁ ପ୍ରତିବାଦ କରିବା ପରେ ମାଫିଆମାନେ ସେମାନଙ୍କୁ ବିଭିନ୍ନ ପ୍ରକାର ଧମକଚମକ ଦେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ପୁଲିସ, ରାଜସ୍ୱ ଏବଂ ଖଣି ବିଭାଗର ହସ୍ତକ୍ଷେପ ପାଇଁ ଗ୍ରାମବାସୀଙ୍କ ଅନୁରୋଧ ସତ୍ତ୍ୱେ ବେଆଇନ କାର୍ଯ୍ୟକଳାପ ଜାରି ରଖିଥିବା ମାଫିଆଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। କେବଳ ଅରାଙ୍ଗ ନୁହଁ, ବରଂ ଦୋରିହା, ନିଆଳ ପ୍ରଭୃତି ଖଣିରୁ ବେଆଇନ ମୋରମ୍ ଖୋଳାଯାଇ ସ୍ଥାନୀୟ ପୁଲିସ ସହାୟତାରେ ଚୋରା ଚାଲାଣ କରାଯାଉଛି। ପୁଲିସ ଭ୍ୟାନ୍ ବାହାରିବା ପୂର୍ବରୁ ମାଫିଆଙ୍କ ପାଖେ ଖବର ପହଞ୍ଚୁଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଶିକ୍ଷାଞ୍ଚଳ ପୁଲିସ ମାଫିଆଙ୍କଠାରୁ ଏବଂ ମୋରମ୍ ଗାଡ଼ିଗୁଡ଼ିକରୁ ମାସିକିଆ ଚାନ୍ଦା ନେଇ ଏଭଳି ଚୋରି କରିବାକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ କରିଛନ୍ତି। ରାତିରେ ମୋରମ୍ ଚାଲାଣ ସମୟରେ ଥାନା ଅଧିକାରୀଙ୍କୁ ଫୋନ୍ କଲେ ସେ ଫୋନ୍ ଉଠାଉ ନ ଥିବା ମଧ୍ୟ ଅଭିଯୋଗ କରିଛନ୍ତି। ବେଆଇନଭାବେ ପଥର ଚୋରା ଚାଲାଣ ଯୋଗୁଁ ସରକାର ଦୈନିକ ଲକ୍ଷାଧିକ ଟଙ୍କାର ରାଜସ୍ୱ ସରକାର ହରାଉଥିବାବେଳେ ମାଫିଆ ଓ ଅସାଧୁ କର୍ମଚାରୀଙ୍କ ପକେଟ୍ କିନ୍ତୁ ଗରମ ହେଉଛି। ଅନ୍ୟପକ୍ଷରେ ଏ ନେଇ ଶିକ୍ଷାଞ୍ଚଳ ଥାନା ଅଧିକାରୀ ଉମେଶ କୁମାର ସାହୁଙ୍କ କହିବା ଅନୁସାରେ ରାତି ସାଢ଼େ ୧୨ଟା ସମୟରେ ଫୋନ୍ ପାଇବା କ୍ଷଣି ଭ୍ୟାନ୍ ଯାଇଥିଲା। ମାତ୍ର ଘଟଣାସ୍ଥଳରେ କେହି ନ ଥିଲେ। ତେଣୁ ପୁଲିସ ନିରାଶ ହୋଇ ଫେରିଛି। କିନ୍ତୁ ବେଆଇନ ଖଣିକୁ ପ୍ରଶ୍ରୟ ଦିଆଯିବନି। ଏ ନେଇ ପ୍ରତ୍ୟେକ ସମୟରେ ପୁଲିସ ଗାଡ଼ି ଖଣି ଅଞ୍ଚଳରେ ପଇଁତରା ମାରୁଛି ବୋଲି ସେ କହିଛନ୍ତି।

## ଜାତୀୟ ଗୋ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ପୁରୀ,୨୫।୧୧(ସମିସ):** ସ୍ଥାନୀୟ ୟୁଥ୍ ହଷ୍ଟେଲରେ ଚାଲିଥିବା ତିନିଦିନିଆ ଜାତୀୟ ଆମେଚର ଗୋ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସେଞ୍ଚୁରିଅନ ୟୁନିଭର୍ସିଟି କୁଳାଧିପତି ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମେଚର ଗୋ ଆସୋସିଏସନ ଓଡ଼ିଶା ସଭାପତି ବିନୟ ନୃସିଂହ ମହାପାତ୍ର, ସର୍ବଭାରତୀୟ ସଂଯୋଜକ ଚନ୍ଦନ ପାଣ୍ଡେ, ସମ୍ପାଦକ ରାଜକିଶୋର ମହାନ୍ତି, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ରବି ନାରାୟଣ ଦାଶ, ଡ. ଦୀପସ୍ମିତା ରାୟ, ସୁଶ୍ରୀ ପ୍ରିୟଦର୍ଶିନୀ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସବ୍ ଜୁନିୟର ସିଙ୍ଗଲ୍ ବାଳକ ବିଭାଗରେ ତେଲଙ୍ଗାନାର ଲଳିତେଶ ପ୍ରଥମ, ଶୋଭାନ ଦ୍ୱିତୀୟ, ଓଡ଼ିଶାର ସୁରଜ ମହାପାତ୍ର ତୃତୀୟ, ସବ୍ ଜୁନିୟର ସିଙ୍ଗଲ ବାଳିକା ବିଭାଗରେ ତାମିଲନାଡୁ ପ୍ରଥମ, ଆନ୍ଧ୍ରପ୍ରଦେଶ ଦ୍ୱିତୀୟ, ସବ୍ ଜୁନିୟର ଗ୍ରୁପ୍ ବାଳକ ବିଭାଗରେ ମହାରାଷ୍ଟ୍ର ପ୍ରଥମ, ଉତ୍ତରପ୍ରଦେଶ ଦ୍ୱିତୀୟ, ଜମ୍ମୁ-କାଶ୍ମୀର ତୃତୀୟ, ସବ୍ ଜୁନିୟର ଗ୍ରୁପ୍ ବାଳିକା ବିଭାଗରେ ଆନ୍ଧ୍ରପ୍ରଦେଶ ପ୍ରଥମ, ମହାରାଷ୍ଟ୍ର ଦ୍ୱିତୀୟ, ଜୁନିୟର ସିଙ୍ଗଲ୍ ବାଳକ ବିଭାଗରେ ପ୍ରଥମ ତେଲଙ୍ଗାନାର ରାହୁଲ, ଦ୍ୱିତୀୟ ତେଲଙ୍ଗାନାର ଚେତନ, ତୃତୀୟ ମହାରାଷ୍ଟ୍ରର ଧ୍ରୁବ, ଜୁନିୟର ଗ୍ରୁପ୍ ବାଳକ ବିଭାଗରେ ପ୍ରଥମ ତାମିଲନାଡୁ, ଦ୍ୱିତୀୟ ଆନ୍ଧ୍ରପ୍ରଦେଶ, ତୃତୀୟ ମହାରାଷ୍ଟ୍ର, ଜୁନିୟର ଗ୍ରୁପ୍ ବାଳିକା ବିଭାଗରେ ପ୍ରଥମ ତାମିଲନାଡୁ, ଦ୍ୱିତୀୟ ମହାରାଷ୍ଟ୍ର, ଜୁନିୟର ବାଳକ ବାଳିକା ଯୋଡ଼ି ବିଭାଗରେ ପ୍ରଥମ ତାମିଲନାଡୁ, ଦ୍ୱିତୀୟ ଆନ୍ଧ୍ରପ୍ରଦେଶ, ତୃତୀୟ ମହାରାଷ୍ଟ୍ର, ଜୁନିୟର ବାଳକ ବିଭାଗରେ ପ୍ରଥମ ଆସାମ, ଦ୍ୱିତୀୟ ଓ ତୃତୀୟ ବିହାର, ସିନିୟର ସିଙ୍ଗଲ ବାଳକ ବିଭାଗରେ ପ୍ରଥମ ଓ ଦ୍ୱିତୀୟ ତେଲଙ୍ଗାନା, ତୃତୀୟ ବିହାର, ସିନିୟର ସିଙ୍ଗଲ ବାଳିକା ବିଭାଗରେ ପ୍ରଥମ ଆନ୍ଧ୍ରପ୍ରଦେଶର ଗୋପିକା ଲକ୍ଷ୍ମୀ, ଦ୍ୱିତୀୟ ଆନ୍ଧ୍ରପ୍ରଦେଶର ଝାନ୍ସୀ ଲକ୍ଷ୍ମୀ, ତୃତୀୟ ଯୁଗ୍ମ ଓଡ଼ିଶାର ବର୍ଷା କୁମ୍ଭାର ଓ ବନିତା ମାଝୀ, ସିନିୟର ଗ୍ରୁପ୍ ବାଳକ ବିଭାଗରେ ବିହାର ପ୍ରଥମ, ଓଡ଼ିଶା ଦ୍ୱିତୀୟ, ହରିଆଣା ତୃତୀୟ, ସିନିୟର ଗ୍ରୁପ୍ ବାଳିକା ବିଭାଗରେ ଆନ୍ଧ୍ରପ୍ରଦେଶ ପ୍ରଥମ, ବିହାର ଦ୍ୱିତୀୟ, ଉତ୍ତର ପ୍ରଦେଶ ତୃତୀୟ, ସିନିୟର ବାଳିକା ବିଭାଗରେ ଆନ୍ଧ୍ରପ୍ରଦେଶ ପ୍ରଥମ ଓ ଦ୍ୱିତୀୟ, ତୃତୀୟ ଯୁଗ୍ମ ଓଡ଼ିଶା ଏବଂ ଆସାମ ହୋଇଥିଲେ। ପ୍ରଥମକୁ ସ୍ୱର୍ଣ୍ଣ, ଦ୍ୱିତୀୟକୁ ରୌପ୍ୟ ଏବଂ ତୃତୀୟକୁ ବ୍ରୋଞ୍ଜ ପଦକ ସହ ବିଜେତାଙ୍କୁ ଚାମ୍ପିଅନ ଟ୍ରଫି ପ୍ରଦାନ କରାଯାଇଥିଲା। ମୋଟ୍ ୧୯ଟି ରାଜ୍ୟରୁ ୩୦୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ମଞ୍ଚ ସଂଯୋଜନା କରିଥିଲେ ଅଧିବକ୍ତା ସର୍ବାଣୀ ଦାସ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଦେବଦତ୍ତ ମହାପାତ୍ର, ଚିତ୍ତ ରଞ୍ଜନ ମହାପାତ୍ର ଓ ଭାଗବତ ପ୍ରସାଦ ପଟ୍ଟନାୟକ।

## 'ବିଶ୍ୱ ଦେବତା ଶ୍ରୀଜଗନ୍ନାଥ' ଶୀର୍ଷକ ପାଠଚକ୍ର



**ଚାରିଛକ,୨୫।୧୧(ସମିସ):** ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ "ବିଶ୍ୱ ଦେବତା ଶ୍ରୀଜଗନ୍ନାଥ" ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପାଠଚକ୍ରରେ ମୁଖ୍ୟ ସାଧନ ବ୍ୟକ୍ତିତ୍ୱ ଭାବେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଭୁବନେଶ୍ୱରର ବରିଷ୍ଠ ଗବେଷକ ଡ. ଅମ୍ବରୀଶ ଶତପଥି ଯୋଗଦେଇ କୋଟି କୈବଲ୍ୟନାଥ ପ୍ରଭୁ ଜଗନ୍ନାଥ ସମଗ୍ର ବିଶ୍ୱର ଦେବତା ଓ ସେ ସର୍ବଧର୍ମ ସମନ୍ୱୟର ପ୍ରତୀକ ବୋଲି ଅଭିହିତ କରିଥିଲେ। ଏଥିରେ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ଶର୍ମିଷ୍ଠାରାଣୀ ମହାନ୍ତି ଅତିଥି ପରିଚୟ ପ୍ରଦାନ ସହ ବିଷୟବସ୍ତୁର ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପିକା ସୁନିତା ନାୟକ ସନ୍ଦର୍ଭପାଠ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ. ଅଶୋକ ବିଶ୍ୱାଳ, ଇଂରାଜୀ ବିଭାଗ ମୁଖ୍ୟ କାନନବାଳା ନନ୍ଦ, ସଂସ୍କୃତ ବିଭାଗ ମୁଖ୍ୟ ଡ. ପୂର୍ଣ୍ଣିମା ମହାନ୍ତି, ଇତିହାସ ବିଭାଗ ମୁଖ୍ୟ ମେଜର ପୁଷ୍ପଲତା ଦତ୍ତ, ଶିକ୍ଷା ବିଭାଗ ମୁଖ୍ୟ ଡ. ଶ୍ରୀଲେଖା ନାୟକ, ରାଜନୀତି ବିଜ୍ଞାନ ମୁଖ୍ୟ ସିପ୍ରାରାଣୀ ମହାପାତ୍ର, ଅଧ୍ୟାପିକା ଇତିଶ୍ରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। +୩ ଛାତ୍ରୀ ପ୍ରଜ୍ଞାତିକା ଚଇନି, ଶୁଚିସ୍ମିତା ମିଶ୍ର, ମୋନାଲିସା ସାହୁ, ରାଜଶ୍ରୀ କାଣ୍ଡି ନିଜ ନିଜର ସନ୍ଦର୍ଭପାଠ କରିଥିଲେ। ଛାତ୍ରୀ ଯଶସ୍ୱିନୀ ମହାନ୍ତି ଏବଂ ଶୁଭସ୍ମିତା ବେହେରାଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଅଧ୍ୟାପିକା କଲ୍ୟାଣୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାବା ବୈଦ୍ୟନାଥ ଦେବଙ୍କ ମହାଯଜ୍ଞ ପାଇଁ ପ୍ରସ୍ତୁତି

**କଣାସ,୨୫।୧୧(ସମିସ):** କଣାସ ଅଞ୍ଚଳର ଆରାଧ ଠାକୁର ବଡ଼ାସ ଗ୍ରାମପଞ୍ଚାୟତର ବଡ଼ାସ ଗ୍ରାମରେ ପ୍ରତିଷ୍ଠିତ ବାବା ବୈଦ୍ୟନାଥ ଦେବଙ୍କ ପୀଠରେ ୩୫ତମ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ସୋମବାର ଟ୍ରଷ୍ଟର ସଭାପତି ହାଡ଼ିବନ୍ଧୁ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଗତବର୍ଷର ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପର୍କରେ ଆଲୋଚନା ହେବା ସହ ଗତବର୍ଷର ଆୟବ୍ୟୟ ହିସାବ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ କିପରି ଶାନ୍ତିଶୃଙ୍ଖଳାର ସହିତ ମହାଯଜ୍ଞ ଅନୁଷ୍ଠିତ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଜାନୁଆରୀ ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ଏହି ମହାଯଜ୍ଞ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଥିଲା। ଏହି ସଭାରେ ଗ୍ରାମ୍ୟ କମିଟି ସଦସ୍ୟ ଭରତ ପ୍ରଧାନ, ଯଜ୍ଞ କମିଟି ସଭାପତି ଅଭିରାମ ଦାସ ଓ ଅନ୍ୟ କର୍ମକର୍ତ୍ତାମାନେ ଯୋଗଦେଇ ବୈଦ୍ୟନାଥଦେବଙ୍କ ପୀଠର ଉନ୍ନୟନମୂଳକ କାର୍ଯ୍ୟ ସମୟରେ ଆଲୋଚନା କରିବା ସହିତ ପୀଠରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ବିଳମ୍ବ ହେଉଥିବା ଯୋଗୁଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ସ୍ଥିର କରାଯାଇଥିଲା।

## ୨୮ ରେ ନୟାହାଟ ଫାଣ୍ଡିରେ ତ୍ରିନାଥ ମେଳା

**ନୟାହାଟ,୨୫।୧୧(ସମିସ):** ପୁରୀ ଜିଲ୍ଲା ଗୋପ ଥାନା ଅଧୀନ ନୟାହାଟ ଫାଣ୍ଡିରେ ଥିବା ତ୍ରିନାଥ ଠାକୁରଙ୍କ ୧୪ତମ ବାର୍ଷିକ ଉତ୍ସବ ଆସନ୍ତା ୨୮ ତାରିଖ ଅନୁଷ୍ଠିତ ହେବ। ଏଥିରେ ୭ଟି ପଞ୍ଚାୟତର ଜନସାଧାରଣ ସମାଜସେବୀ, ନୟାହାଟ ବ୍ୟବସାୟୀ ସଂଘ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତି ବର୍ଷ ଭଳି ଚଳିତ ବର୍ଷ ତ୍ରିନାଥ ଠାକୁରଙ୍କ ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ହେଉଥିବାବେଳେ ସ୍ଥାନୀୟ ଲୋକଙ୍କ ସହଯୋଗ ଓ ସାହାଯ୍ୟ ଦ୍ୱାରା ଠାକୁରଙ୍କ କାର୍ଯ୍ୟକ୍ରମ ପ୍ରତିବର୍ଷ ଅନୁଷ୍ଠିତ ହୋଇଥାଏ। ଏଥିରେ ନୟାହାଟ ଅଞ୍ଚଳର ସବୁ ଜନସାଧାରଣ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ନିବେଦନ କରିଛନ୍ତି।

## କୁମ୍ଭକାରଙ୍କ କୁରାଳ ପଞ୍ଚମୀ ପର୍ବ

**ସାକ୍ଷୀଗୋପାଳ,୨୫।୧୧(ସମିସ):** ମଙ୍ଗଳବାର ମାର୍ଗଶୀର ଶୁକ୍ଳ ପଞ୍ଚମୀଠାରୁ ପାଞ୍ଚ ଦିନବ୍ୟାପୀ କୁମ୍ଭକାରମାନଙ୍କ ପବିତ୍ର କୁରାଳ ପଞ୍ଚମୀ ପର୍ବ ସତ୍ୟବାଦୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି। ଏହି ପର୍ବ ପାଳନ ଅବସରରେ କୁମ୍ଭକାରମାନେ ହାଣ୍ଡିଗଢ଼ା କାର୍ଯ୍ୟ ବନ୍ଦ ରଖି ସେମାନଙ୍କ ହାଣ୍ଡିଗଢ଼ା ସରଞ୍ଜାମ ଯଥା ଚକ, ପିଣ୍ଡି, ପିଟଣାକୁ ପୂଜାରେ ବସାଇଛନ୍ତି। ସମସ୍ତ କୁମ୍ଭକାର ଅତି ଶୁଦ୍ଧପୁତ ଭାବେ ହବିଷ୍ୟାନ୍ନ ଭୋଜନ ପୂର୍ବକ ସେମାନଙ୍କ ଇଷ୍ଟ ଦେବତା ରୁଦ୍ରପାଳ ଏବଂ ରତ୍ନେଶ୍ୱରୀଙ୍କୁ ଲକ୍ଷ୍ମୀ ନାରାୟଣ ରୂପେ ପୂଜା ଆରମ୍ଭ କରିଛନ୍ତି। ଜୟପୁର, ଶ୍ରୀରାମଚନ୍ଦ୍ରପୁର, ପୋଡ଼ଙ୍ଗସାହି, ଭୀମଦାସପୁର, କେତକୀପାଟଣା, ଦୁଗଲ ସମେତ ସତ୍ୟବାଦୀ ଅଞ୍ଚଳର ସମସ୍ତ କୁମ୍ଭକାର ଗ୍ରାମରେ ଧୂମ୍‌ଧାମ୍‌ରେ ପାଳନ କରାଯାଉଛି। ବିଭିନ୍ନ ସ୍ଥାନରେ ସାର୍ବଜନୀନ ପୂଜା ମଣ୍ଡପ ସ୍ଥାପନ କରାଯାଇ ରୁଦ୍ରପାଳ ରତ୍ନେଶ୍ୱରୀଙ୍କ ପୂଜା ଚାଲିଛି। ପାଞ୍ଚ ଦିନରେ ପାଞ୍ଚ ପ୍ରକାର ଭୋଗ କରାଯିବାର ପରମ୍ପରା ରହିଛି। ପ୍ରଥମ ଦିନରେ ସାଦା ଅନ୍ନ, ଦ୍ୱିତୀୟ ଦିନରେ କେବଳ ପିଠା, ତୃତୀୟ ଦିନରେ ଦହିପଖାଳ, ଚତୁର୍ଥ ଦିନ ଖେଚୁଡ଼ି ଏବଂ ପଞ୍ଚମ ଦିନ ଚକୁଳି ଭୋଗ କରାଯାଇ ଠାକୁରଙ୍କୁ ବିସର୍ଜନ କରାଯିବ। ଉଦ୍‌ଯାପନୀ ସନ୍ଧ୍ୟାରେ ଏକ ଶୋଭାଯାତ୍ରାରେ ସାହି ପରିକ୍ରମା ପରେ ଠାକୁରମାନଙ୍କୁ ରତ୍ନଚିରା ନଦୀରେ ବିସର୍ଜନ କରାଯିବ। ଭକ୍ତ କବି ଦୀନକୃଷ୍ଣ ଦାସଙ୍କ ରଚିତ କୁରାଳ ପୁରାଣରେ କୁମ୍ଭକାରଙ୍କ ଇତିବୃତ୍ତି ସହିତ ଭଗବାନ ବିଷ୍ଣୁଙ୍କ ସୁରସେନ ଚକ୍ର ବା କୁରାଳ ଚକ୍ର ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା ରହିଛି। ଦୈନିକ ରୀତିରେ ପୂର୍ଣ୍ଣକୁମ୍ଭର ଅଗ୍ର ପୂଜା ଏବଂ ହିନ୍ଦୁ ପୂଜା ପାର୍ବଣରେ ମାଟି, ଦୀପ, ସରା ଓଳି ଆଦି ମାଟି ସାମଗ୍ରୀର ଆବଶ୍ୟକତା ଉପରେ ମଧ୍ୟ ବିବରଣୀ ବିଭିନ୍ନ ପୁରାଣରେ ବର୍ଣ୍ଣନା କରାଯାଇଛି। ପର୍ବ ଉପଲକ୍ଷେ ସାହି ବସ୍ତି ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ପର୍ବର ଚତୁର୍ଥ ଦିବସ ଅର୍ଥାତ ୨୮ ତାରିଖ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କୁରାଳ ପଞ୍ଚମୀ ପର୍ବ ଅବସରରେ ଜୟପୁର କୁମ୍ଭକାର ପରିଷଦ ତରଫରୁ ଯଦୁମଣି ମୁଦୁଲି, ବିଶ୍ୱନାଥ ମୁଦୁଲି, ରଜନୀକାନ୍ତ ମୁଦୁଲି, ସୁକାନ୍ତ ମୁଦୁଲି, ମାନସ ମୁଦୁଲି, ଶ୍ରୀକାନ୍ତ ମୁଦୁଲି, ଗଣେଶ ମୁଦୁଲି ଓ ପ୍ରଶାନ୍ତ ମୁଦୁଲି ପ୍ରମୁଖଙ୍କ ସମେତ ସମସ୍ତ କୁମ୍ଭକାରଙ୍କ ସହଯୋଗ କାମନା କରିଥିଲେ।



## ନିମାପଡ଼ା ତହସିଲ୍ କାର୍ଯ୍ୟାଳୟରେ ଉତ୍କର୍ଷ ଇ-ସେବା ଉଦ୍‌ଘାଟିତ

**ନିମାପଡ଼ା,୨୫।୧୧(ସମିସ):** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସହଭାଗିତାରେ ନିମାପଡ଼ା ତହସିଲ୍ କାର୍ଯ୍ୟାଳୟରେ ଇ-ସେବା କେନ୍ଦ୍ରକୁ ମଙ୍ଗଳବାର ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ନିମାପଡ଼ା ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀମତୀ ପରିଡ଼ାଙ୍କ ସମେତ ଉପଜିଲ୍ଲାପାଳ ରାଜକିଶୋର ଜେନା, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ରିଜିଓନାଲ ମ୍ୟାନେଜର ଭରତ ସାହୁ, ନିମାପଡ଼ା ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ଦେବାନନ୍ଦ ସେଠୀ, ଅତିରିକ୍ତ ତହସିଲ୍‌ଦାର ନିରଞ୍ଜନ ନାୟକ, ସବ୍‌ରେଜିଷ୍ଟ୍ରାର ସମ୍ବିତ୍ ସାମଲ ପ୍ରମୁଖ ଯୋଗଦେଇଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ରାଜସ୍ୱ ବିଭାଗ ତରଫରୁ ନିମାପଡ଼ାରେ ପ୍ରଥମକରି ଏହି ଇ-ସେବା କାର୍ଯ୍ୟ ଆରମ୍ଭ ହୋଇଛି। ଏହା ଦ୍ୱାରା ଲୋକମାନଙ୍କର ତହସିଲ୍ କାର୍ଯ୍ୟାଳୟରେ ଜମିଜମା ସଂକ୍ରାନ୍ତୀୟ କାର୍ଯ୍ୟ ସହଜ ଏବଂ କମ୍ ଖର୍ଚ୍ଚରେ ହୋଇପାରିବ। ଏହି ଇ-ସେବା ମାଧ୍ୟମରେ ଲୋକମାନେ ଜମିର ମ୍ୟୁଟେସନ୍, ଜମିର ପଟ୍ଟା, ନକ୍ସା, ଇସି, ରେସିଡେଣ୍ଟ ଆବେଦନ କରି ପାଇପାରିବେ। ଲୋକମାନଙ୍କୁ ଆଉ ବାରମ୍ବାର ତହସିଲ୍ କାର୍ଯ୍ୟାଳୟକୁ ଆସିବାକୁ ପଡ଼ିବନି। ତହସିଲ୍ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାରଠାରୁ ଏହି ଉତ୍କର୍ଷ ଇ-ସେବା ଜନସାଧାରଣଙ୍କୁ ଯୋଗାଇ ଦିଆଯିବ। ଏହା ଦ୍ୱାରା ଲୋକମାନେ ନିଜ ନିଜର ଜମିଜମା ସଂକ୍ରାନ୍ତୀୟ ତଥ୍ୟ ପାଇପାରିବେ ବୋଲି ତହସିଲ୍‌ଦାର ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି। ପରିଶେଷରେ ଅତିରିକ୍ତ ତହସିଲ୍‌ଦାର କେ. ଭେଙ୍କେଟେଶ୍ୱର ରାଓ ଧନ୍ୟବାଦ ଅର୍ପଣ କରିଥିଲେ।






୨୫/୧୧/୨୦୨୫ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୬୯,୯୬୨/- | ସୁନା: ୦୧.୭୦୦ ଗ୍ରାମ୍ | ରୁପା: ୧୪.୧୦୦ ଗ୍ରାମ୍



ଶ୍ରୀଜଗନ୍ନାଥ ମେଡିକାଲ କଲେଜ ପରିଦର୍ଶନ କଲେ ଜିଲ୍ଲା କଂଗ୍ରେସ ପ୍ରତିନିଧି

# ଶୀଘ୍ର ଚିକିତ୍ସାଳୟ କାର୍ଯ୍ୟକ୍ଷମ ହେଉ

**ଜରୁରୀକାଳୀନ ଜୀବନ ରକ୍ଷାକାରୀ ବିଭାଗ ଖୋଲିବାକୁ ଦାବି**



**ପୁରୀ,୨୫ା୧୧(ସମିସ):** ବାଲିଗୁଆଳିସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜକୁ ୪ ବର୍ଷ ବିତିଲାଣି। ହେଲେ ଏ ପର୍ଯ୍ୟନ୍ତ ଏଠାରେ ଚିକିତ୍ସାଳୟ ଖୋଲିପାରି ନାହିଁ। ଫଳରେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟ ଉପରେ ଚାପ ପଡୁଥିବାବେଳେ ରୋଗୀ ନାନା ପ୍ରକାର ସମସ୍ୟା ଭୋଗୁଛନ୍ତି। ଏ ନେଇ ମଙ୍ଗଳବାର ପୁରୀ ଜିଲ୍ଲା କଂଗ୍ରେସ କମିଟିର ଏକ ପ୍ରତିନିଧି ଦଳ ଜିଲ୍ଲା କଂଗ୍ରେସ ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ୍ କରି ଆଲୋଚନା କରିଛନ୍ତି। ଏହି ଅବସରରେ ମେଡିକାଲ କଲେଜ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଏବଂ ପ୍ରିନ୍ସପାଲଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। କର୍ତ୍ତୃପକ୍ଷଙ୍କ ତରଫରୁ ଇପ୍ସିତା ପଣ୍ଡା, ବିତ୍ତ ଅଧିକାରୀ ଏବଂ ପ୍ରଫେସର ବିମୋଚ ପ୍ରଜ୍ଞା ପତି, ପ୍ରଫେସର କାଳୀ ପ୍ରସାଦ ପଟ୍ଟନାୟକ ଆଲୋଚନା କରିଥିଲେ।

କଂଗ୍ରେସ ପକ୍ଷରୁ କୁହାଯାଇଛି, ୨୦୧୧ ଜନଗଣନା ଅନୁଯାୟୀ, ପୁରୀ ଜିଲ୍ଲାର ମୋଟ୍ ଜନସଂଖ୍ୟା ୧୬ ଲକ୍ଷ ୯୮ ହଜାର ୭୩୦। ଅନୁପାତ ଅନୁଯାୟୀ, ୨୦୨୫ରେ ଏହି ସଂଖ୍ୟା ୨୦ ଲକ୍ଷରୁ ଅଧିକ ହୋଇଥିବ। ତେବେ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ଏହାର ବେଶ୍ ଗୁରୁତ୍ୱ ରହିଛି। ହେଲେ ଆଜି ପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ପାଇଁ ଏହା ଉନ୍ମୁକ୍ତ ହୋଇପାରିନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏ ପର୍ଯ୍ୟନ୍ତ ୫ ଏକର ଜମି ଅଧିଗ୍ରହଣ ହୋଇ ନ ଥିବାବେଳେ ମେଡିକାଲ କଲେଜର ଜମି ମାଲିକାନା ଏବେ ବି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ରହିଛି। ପରିବେଶ ଓ ପିକେଡିଏ ମଞ୍ଜୁରୀ ମିଳିନାହିଁ। ସେହିପରି ବିଦ୍ୟୁତ୍ ଏବଂ ପାନୀୟଜଳ ସଂଯୋଗ ନ ଥିବା ପ୍ରତିନିଧି ଦଳ ଜାଣିବାକୁ ପାଇଛନ୍ତି। ଚିକିତ୍ସା ତଥା ଶିକ୍ଷା କ୍ଷେତ୍ରରେ ଏହା ବହୁତ ପଛରେ ରହିଛି। ଏଠି ହୃଦ୍‌ରୋଗ ବିଭାଗ, ସ୍ନାୟୁବିକ ବିଭାଗ, ଆପାତ୍‌କାଳୀନ ଦୁର୍ଘଟଣା ଚିକିତ୍ସା ବିଭାଗ ଏବଂ ପୋଡ଼ାଜଳା ବିଭାଗ ନ ଥିବାବେଳେ ଆନୁଷଙ୍ଗିକ ବୈଷୟିକ କର୍ମଚାରୀ ମଧ୍ୟ ନାହାନ୍ତି। ସବୁଠାରୁ ବଡ଼କଥା ହେଉଛି ଅଗ୍ନି ନିର୍ବାପକ ଆପତ୍ତି ବିହିନ ପ୍ରମାଣପତ୍ର ନ ଥିବା କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଏବଂ ରୋଗ ନିରୂପଣ ବ୍ୟବସ୍ଥା ନ ଥିବାରୁ ଦୈନିକ ଜିଲ୍ଲାବାସୀଙ୍କଠାରୁ ଆରମ୍ଭ କରି ତୀର୍ଥଯାତ୍ରୀ ଓ ଭକ୍ତ, ପର୍ଯ୍ୟଟକ କଟକ କିମ୍ବା ଭୁବନେଶ୍ୱର ସ୍ଥାନାନ୍ତରିତ ହେଉଛନ୍ତି। ଫଳରେ ଅନେକ ରୋଗୀ ଅସୁବିଧାର ସମ୍ମୁଖୀନ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ଏଣୁ କିପରି ସମସ୍ତ ଜରୁରୀକାଳୀନ ଜୀବନ ରକ୍ଷା ବିଭାଗ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲରେ ସର୍ବସାଧାରଣ ସେବା ପାଇଁ ଖୋଲାଯିବ ତାହର ଏକ ନିର୍ଦ୍ଦିଷ୍ଟ ସମୟ କର୍ତ୍ତୃପକ୍ଷ ଜନସାଧାରଣଙ୍କୁ ପ୍ରଦାନ କରନ୍ତୁ। ଏଥିରେ ଅହେତୁକ ବିଳମ୍ବ ଦେଖାଦେଲେ ପୁରୀ ଜିଲ୍ଲା କଂଗ୍ରେସ କମିଟି ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ପାଇଁ ବାଧ ହେବ ବୋଲି ଜିଲ୍ଲା ସଭାପତି ଇଂ. ମିଶ୍ର କହିଛନ୍ତି।

ଏହି ପ୍ରତିନିଧି ଦଳରେ ବରିଷ୍ଠ କଂଗ୍ରେସ ନେତା ଉତ୍ତମ ଆଚାର୍ଯ୍ୟ, ପିସିସି ପୂର୍ବତନ ଉପସଭାପତି ବିଶ୍ୱଭୂଷଣ ଦାସ, ପିସିସି ପୂର୍ବତନ ସମ୍ପାଦକ ବିଶ୍ୱନାଥ ଦାଶ, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ସରସ୍ୱତୀ ପାତ୍ର, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ଅମରେନ୍ଦ୍ର ପାଇକରାୟ, ସୀତାକାନ୍ତ ମହାନ୍ତି, ଭାସ୍କର ସେଠ, ବିଭୁଦତ୍ତ ମିଶ୍ର, ସୁକାନ୍ତ ପ୍ରଧାନ, ସ୍ୱାଧୀନ ପଣ୍ଡା, ରଜତ ସାହୁ, ନିର୍ମଳ ପରିଡ଼ା, ଅବିନାଶ ମିଶ୍ର, ଆଶୁତୋଷ ମିଶ୍ର, ଚେତନ ମିଶ୍ର, ଉମାକାନ୍ତ ବେହେରା, ଅମିୟ ଦାସ, ସୁରେନ୍ଦ୍ର ପାଇକରାୟ, ସୌମ୍ୟକାନ୍ତ ପ୍ରଧାନ, ବିଶ୍ୱରଞ୍ଜନ ସାମନ୍ତରାୟ, ଜିବେଶ ରଥ, ଅର୍ଜୁନ ସାହୁ ପ୍ରମୁଖ ସାମିଲ ଥିଲେ।

## ଆଜିଠୁ ମହାପ୍ରଭୁଙ୍କ ଘୋଡ଼ଲାଗି

**ସରିଲା ଘୋଡ଼ ଅଧିବାସ**

**ପୁରୀ,୨୫ା୧୧(ସମିସ):** ମାର୍ଗଶୀର ଶୁକ୍ଳ ଷଷ୍ଠୀଠାରୁ ଦାରୁବିଗ୍ରହଙ୍କ ଘୋଡ଼ଲାଗି ବେଶ ଆରମ୍ଭ ହୋଇ ଶ୍ରୀପଞ୍ଚମୀ ପର୍ଯ୍ୟନ୍ତ ଚାଲିଥାଏ। ତେଣୁ ବୁଧବାରଠାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଘୋଡ଼ଲାଗି ବେଶ ଆରମ୍ଭ ହେବ। ଏଥିପାଇଁ ମଙ୍ଗଳବାର ଘୋଡ଼ ଅଧିବାସ କରାଯାଇଛି। ଚତୁର୍ଦ୍ଧାବିଗ୍ରହଙ୍କ ରାତ୍ର ଚନ୍ଦନ ଲାଗି ବଢ଼ିବା ପରେ ଭୋଗମଣ୍ଡପ ଘରେ ମୁରୁଜ ପଡ଼ି ପତନି, ଘୋଷ, ଖଣ୍ଡୁଆ ଘୋଡ଼, ପାଗ, ମଦନମୋହନଙ୍କ କବରୀ, ବିମଳା, ଲକ୍ଷ୍ମୀ, ସରସ୍ୱତୀଙ୍କ ଘୋଡ଼ ଅଧିବାସ ହୋଇଛି। ବୁଧବାର ମହାପ୍ରଭୁଙ୍କ ସକାଳଧୂପ ବଢ଼ିବା ପରେ ଠାକୁରମାନଙ୍କୁ ମଇଲମ କରାଯିବ। ପୂର୍ବଦିନ ଭୋଗମଣ୍ଡପ ଘରେ ଅଧିବାସ ହୋଇଥିବା ଘୋଡ଼ ବସ୍ତ୍ରମାନଙ୍କୁ ଘଣ୍ଟ, ଛତା, କାହାଳି ସହ ପଟୁଆରରେ ଶ୍ରୀମନ୍ଦିରକୁ ତିନିବେଢ଼ା ପ୍ରଦକ୍ଷିଣ କରାଇ ଭିତରସିଂହାସନକୁ ବିଜେ କରାଯିବ। ସିଂହାସନରେ ଠାକୁରମାନଙ୍କ ପାଗ ଓ ଘୋଡ଼ଲାଗି ବଢ଼ିଲେ ୬ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ଲାଗି କରାଯିବ। ଏହାପରେ ତିନିବାଡ଼ରେ ବନ୍ଦାପନା କରାଯିବ।

ପରମ୍ପରା ଅନୁଯାୟୀ, ପ୍ରତିବର୍ଷ ମାର୍ଗଶୀର ଶୁକ୍ଳ ଷଷ୍ଠୀରୁ ମାଘ ଶୁକ୍ଳ ପଞ୍ଚମୀ ପର୍ଯ୍ୟନ୍ତ ବିଗ୍ରହମାନେ ଘୋଡ଼ ପରିଧାନ କରିଥା'ନ୍ତି। ସପ୍ତାହର ୭ ଦିନରେ ୭ ରଙ୍ଗର ଘୋଡ଼ବସ୍ତ୍ର ଲାଗି ହୋଇଥା'ନ୍ତି। ରବିବାର ଲାଲ୍, ସୋମବାର କଳାଛିଟା ମିଶା ଶୁକ୍ଳ, ମଙ୍ଗଳବାର ବାରପଟିଆ (୫ ରଙ୍ଗ ମିଶା), ବୁଧବାର ନୀଳ, ଗୁରୁବାର ବସନ୍ତ (ହଳଦିଆ), ଶୁକ୍ରବାର ଶୁକ୍ଳ (ଧଳା) ଓ ଶନିବାର ଚତୁର୍ଦ୍ଧାବିଗ୍ରହ କଳା ରଙ୍ଗର ଘୋଡ଼ଲାଗି ହୋଇଥା'ନ୍ତି।

## ସ୍ୟାଣ୍ଡ ଆନିମେସନ୍‌ରେ ଧର୍ମେନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି



**ପୁରୀ,୨୫ା୧୧(ସମିସ):** ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ସ୍ୟାଣ୍ଡ ଆନିମେସନ ମାଧ୍ୟମରେ ହିନ୍ଦୀ ଚଳଚ୍ଚିତ୍ର ଜଗତର ହି-ମ୍ୟାନ୍ ବର୍ଷୀୟାନ ଅଭିନେତା ଧର୍ମେନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ମାନସ ଏହି ଆନିମେସନ ପୁରୀରେ ଥିବା ତାଙ୍କ ସ୍ୟାଣ୍ଡ ଆନିମେସନ ଷ୍ଟୁଡିଓରେ ପ୍ରସ୍ତୁତ କରିଛନ୍ତି। ଏହାକୁ ପ୍ରସ୍ତୁତ କରିବା ଲାଗି ମାନସଙ୍କୁ ୨ ଘଣ୍ଟା ସମୟ ଲାଗିଥିଲା। ଏଥିରେ ସେ ପ୍ରସିଦ୍ଧ ସିନେ କଳାକାର ଧର୍ମେନ୍ଦ୍ରଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବା ସହିତ ତାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏଥିରେ ସେ 'ଟ୍ରିବ୍ୟୁଟ୍ ଟୁ ଧର୍ମେନ୍ଦ୍ରଜୀ ଆଣ୍ଡ ଆଇକନ୍ ଅଫ୍ ଜେନେରେସନ'ର ବାର୍ତ୍ତା ଦେଇଛନ୍ତି।

● ସିଂହଦ୍ୱାରରେ ଭାବବିହ୍ୱଳ ଦୃଶ୍ୟ

## ସ୍ୱାମୀଙ୍କୁ ସୁସ୍ଥ କରିଦେବାକୁ ପ୍ରାର୍ଥନା



**ପୁରୀ,୨୫ା୧୧(ସମିସ):** ପୁଣି ସିଂହଦ୍ୱାରରେ ଦେଖିବାକୁ ମିଳିଛି ଏକ ଭାବବିହ୍ୱଳ ଦୃଶ୍ୟ। ଅସୁସ୍ଥ ସ୍ୱାମୀଙ୍କୁ ଧରି ମହାପ୍ରଭୁଙ୍କ ଶରଣ ପଶିଛନ୍ତି ଅସହାୟ ସ୍ତ୍ରୀ। କୌଣସି ଏକ ଗୁରୁତର ରୋଗରେ ପୀଡ଼ିତ ସ୍ୱାମୀଙ୍କୁ ନେଇ ଧର୍ମପତ୍ନୀ ଜଣକ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଆର୍ଶୀବାଦ ନେଇଛନ୍ତି। ସ୍ୱାମୀଙ୍କ ସୁସ୍ଥତା ପାଇଁ ଶ୍ରୀଜଗନ୍ନାଥଙ୍କୁ ଭିକ୍ଷା ମାଗିଛନ୍ତି। ଅସୁସ୍ଥ ବ୍ୟକ୍ତି ଜଣକ ହେଉଛନ୍ତି ବାରିପଦାର ରାଜୁ ପ୍ରସାଦ ସାହା। ଦିନକୁ ଦିନ ମହାପ୍ରଭୁଙ୍କ ଦୁଆରେ ଏଭଳି କିଛି ଅସୁସ୍ଥ ହୋଇପଡ଼ିଥିବା ଲୋକେ ପହଞ୍ଚୁଥିବା ବେଳେ ମହାପ୍ରଭୁଙ୍କ ଚମତ୍କାରିତା ସେମାନଙ୍କ ବିଶ୍ୱାସ ଏବଂ ଭରସାକୁ ଆହୁରି ଦୃଢ଼ କରୁଛି। ସେମାନଙ୍କର ବିଶ୍ୱାସ ରହିଛି ଯେଉଁଠି ଚିକିତ୍ସା ବିଜ୍ଞାନ ଫେଲ୍ ମାରେ ସେଠି ମହାପ୍ରଭୁ ହିଁ ଶେଷ ସାହାରା ଆଉ ଭରସା ପାଲଟିଥା'ନ୍ତି।

## ଟ୍ରକ୍ ସଂଘ ସଭାପତି ପରେ ବଢୁଛି ଆଶ୍ରିତଙ୍କ ଅଡୁଆ

**ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଗୃହ ବିଭାଗର ନିର୍ଦ୍ଦେଶ**

**ପୁରୀ,୨୫ା୧୧(ସମିସ):** ପୁରୀ ଜିଲ୍ଲା ଶ୍ରୀକ୍ଷେତ୍ର ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା ନିର୍ବାଚନକୁ ନେଇ ଦୀର୍ଘଦିନ ଧରି ଦ୍ୱନ୍ଦ୍ୱ ଲାଗି ରହିଛି। ସଂଘ ଉପରେ ହାଇକୋର୍ଟ ଓ ଆଡିସ୍‌ନାଲ ସିଭିଲ୍ କୋର୍ଟ ସିନିୟର ଡିଭିଜନଙ୍କ ସ୍ଥିତାବସ୍ଥା ବଜାୟ ରଖିବା ନିମନ୍ତେ ନିର୍ଦ୍ଦେଶ ଥିବାବେଳେ ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସଭାପତି ହୋଇଥିବାରୁ ମୋକଦ୍ଦମାରେ ଛନ୍ଦି ହୋଇଯାଇଛନ୍ତି। ସିଏମ୍ଏ ନଂ. ୮୨/୨୦୨୫ ଅନୁଯାୟୀ ଆଡିସ୍‌ନାଲ ସବ୍‌ଜଜ୍ ପିପିଲି ବିଧାୟକଙ୍କୁ କୈଫିୟତ୍ ତଲବ କରିଛନ୍ତି। ଫଳରେ ଜଣେ ସାମ୍ବିଧାନିକ ପଦବୀରେ ଥିବା ବିଧାୟକ ଆଇନ ଉଲ୍ଲଂଘନ ମୋକଦ୍ଦମାରେ ଆସନ୍ତା ୨୭ ତାରିଖରେ କୋର୍ଟରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ସଂଘ ପକ୍ଷରୁ ବେଆଇନ ଭାବେ ଟ୍ରକ୍‌ଗୁଡ଼ିକଠାରୁ ବଟି ଆଦାୟ ହେଉଥିବା ଅଭିଯୋଗ କରିଛନ୍ତି ପୁରୀ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶ। ସେ କହିଛନ୍ତି, ଜଣେ ବିଧାୟକ ହୋଇ କିଭଳି ବେଆଇନ ଭାବେ ଟ୍ରକ୍ ସଂଘ ସଭାପତି ହୋଇଛନ୍ତି। ଟ୍ରକ୍‌ଗୁଡ଼ିକଠାରୁ ଆଦାୟ ହେଉଥିବା ଅର୍ଥରେ ତାଙ୍କ ଭାଗ ରହିଥିବା ଆଲୋକ କହିବା ସହ ତାଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରିଛନ୍ତି। ଏହି ପ୍ରସଙ୍ଗକୁ ବେଶ୍ ଗୁରୁତ୍ୱର ସହ ନେଇଛନ୍ତି ରାଜ୍ୟ ଗୃହ ବିଭାଗ। ଏହି ଘଟଣାର ଉପଯୁକ୍ତ ତଦନ୍ତ କରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୃହ ବିଭାଗ ପକ୍ଷରୁ ପୁଲିସ ଡିଜି ଏବଂ ପୁରୀ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ପୁରୀ ପୌରାଞ୍ଚଳ ଯୁବ ଉତ୍ସବ ପ୍ରତିଯୋଗିତା



**ପୁରୀ,୨୫ା୧୧(ସମିସ):** ପୁରୀ ପୌରାଞ୍ଚଳସ୍ତରରେ ଯୁବ ଉତ୍ସବ-୨୦୨୬ ପାଇଁ ମଙ୍ଗଳବାର ବିବିଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲାସ୍ତରୀୟ ଏହି ପ୍ରତିଯୋଗିତାରେ ବକ୍ତୃତା, ଚିତ୍ରାଙ୍କନ, ଗଳ୍ପ ଲିଖନ, କବିତା ଲିଖନ, ଲୋକନୃତ୍ୟ, ଲୋକ ସଂଗୀତରେ ପ୍ରତିଯୋଗୀ ଭାଗ ନେଇଥିଲେ। ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ଅରଜିତ୍ ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗଦେଇ ଯୁବ ଉତ୍ସବ କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରିବା ସହ ଏଠାରୁ ଶ୍ରେଷ୍ଠ ପ୍ରତିଯୋଗୀମାନେ ଚଳିତ ମାସ ୩୦ ତାରିଖରେ ଜିଲ୍ଲା ସ୍କୁଲଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦେଇଥିଲେ। ବକ୍ତୃତାରେ ପୁରୀ ମହିଳା ମହାବିଦ୍ୟାଳୟର କଳ୍ପନା ବେହେରା, ଚିତ୍ରାଙ୍କନରେ ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଭୟ ପଣ୍ଡା, ପଦ୍ୟ ରଚନାରେ ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଆର୍ଯ୍ୟମାନ କର, ଗଳ୍ପ ରଚନାରେ ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଚିନ୍ମୟୀ ପଣ୍ଡା, ଲୋକନୃତ୍ୟରେ ଲିଙ୍ଗରାଜ କଳା ନିକେତନ ଓ ଲୋକ ସଙ୍ଗୀତରେ ରଶ୍ମି ରେଖା ମହାନ୍ତି ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିରେ ବିଚାରକ ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ପଦ୍ମନାଭ ପଣ୍ଡା, ମାନସ ରଞ୍ଜନ ମହାପାତ୍ର, ସୀମାଞ୍ଚଳ ପଣ୍ଡା, ଡ. ଭଗବାନ ଜୟସିଂହ, ବସନ୍ତ କୁମାର ପ୍ରଧାନ, ରାଜାରାମ ଦାସ, ପାଗଳ ସ୍ୱାଇଁ, କିଶୋର ପ୍ରଧାନ, ଗୌରାଙ୍ଗ ଖୁଣ୍ଟିଆ, ବାଳକୃଷ୍ଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ପୌର ପରିଷଦର କର୍ମଚାରୀ, ସମସ୍ତ ଗୋଷ୍ଠୀ ସଂଗଠିକା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଜଣା ମୃତଦେହ ଉଦ୍ଧାର

**ପୁରୀ,୨୫ା୧୧(ସମିସ):** ରାମଚଣ୍ଡୀ ସାହି ବାଲିଉପର ରେଳ ଷ୍ଟେସନ ରୋଡ୍‌ରୁ ଉଦ୍ଧାର ଅଜଣା ବ୍ୟକ୍ତିଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ମଙ୍ଗଳବାର ସକାଳୁ ସେହି ବ୍ୟକ୍ତି ଜଣକ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। କୁମ୍ଭାରପଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ସୂଚନା ଅନୁଯାୟୀ, ୫୦ରୁ ୫୫ ବର୍ଷୀୟ ଏହି ବ୍ୟକ୍ତିଙ୍କ ଉଚ୍ଚତା ପ୍ରାୟ ୫ ଫୁଟ୍ ୭ ଇଞ୍ଚ ହେବ। ସେ ମାଟିଆ ରଙ୍ଗର ଜିନ୍ସ ପ୍ୟାଣ୍ଟ ଓ ହଳଦିଆ ରଙ୍ଗର ହାପ୍ ଟି-ସାର୍ଟ ପିନ୍ଧିଥିଲେ। ମୃତଦେହ ବ୍ୟବଚ୍ଛେଦ କରାଯାଇ ଶବଗୃହରେ ରଖାଯାଇଥିବା କୁମ୍ଭାରପଡ଼ା ଥାନା ପକ୍ଷରୁ କୁହାଯାଇଛି।

କୁମ୍ଭକାରଙ୍କ କୁରାଳ ପଞ୍ଚମୀ ପର୍ବ ଆରମ୍ଭ

## ପୂଜା ପାଇଲେ ରୁଦ୍ରପାଳ ଓ ରତ୍ନେଶ୍ୱରୀ



**ପୁରୀ,୨୫ା୧୧(ସମିସ):** ଶ୍ରୀକ୍ଷେତ୍ର ସମେତ ସମଗ୍ର ଓଡ଼ିଶାରେ ମାର୍ଗଶୀର ଶୁକ୍ଳପକ୍ଷ ପଞ୍ଚମୀ ତିଥିରୁ କୁମ୍ଭକାରମାନଙ୍କ ପବିତ୍ର କୁରାଳ ପଞ୍ଚମୀ ପର୍ବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ପର୍ବ ପାଞ୍ଚଦିନ ଧରି ପାଳିତ ହୋଇ ଆସନ୍ତା ଶନିବାର ଉଦ୍‌ଯାପିତ ହେବ। ପୁରୀ ସହରର କୁମ୍ଭାରପଡ଼ା, ନୂଆସାହି, ଜେନାପୁର ଓ ଟିକରପଡ଼ା ଅଞ୍ଚଳରେ ବସବାସ କରୁଥିବା କୁମ୍ଭକାର ସମ୍ପ୍ରଦାୟ ଏହାକୁ ବେଶ୍ ଆନନ୍ଦ ଉଲ୍ଲାସ ସହକାରେ ପାଳନ କରୁଛନ୍ତି। ଏହି ପର୍ବରେ କୁମ୍ଭକାରମାନେ ସେମାନଙ୍କ ଇଷ୍ଟଦେବତା ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କୁ ଆରାଧନା କରିଛନ୍ତି। ପ୍ରତିଘରେ ହାଣ୍ଡିଗଢ଼ା ସାଜ ସରଞ୍ଜାମ (ଚକ, ପିଣ୍ଡ, ପିଟଣା, ଶଙ୍ଖ ପ୍ରଭୃତି)କୁ ପୂଜାରେ ବସାଇ କୁମ୍ଭକାରମାନେ ଚକ୍ରପୂଜା ଆରମ୍ଭ କରିଛନ୍ତି। ବିଭିନ୍ନ ସାହି ବସ୍ତିରେ ହୋଇଥିବା ପୂଜାମଣ୍ଡପରେ ରୁଦ୍ରପାଳ ଓ ରତ୍ନେଶ୍ୱରୀ ପୂଜା ପାଉଛନ୍ତି। ଶାଳଘରେ ଚକ୍ରପୂଜା ହେଉଥିବାବେଳେ ପରିବାରର ମୁଖ୍ୟ ସଂକଳ୍ପ କରିଛନ୍ତି। ପାଞ୍ଚଦିନ ଧରି ଏହି ପୂଜା ଅନୁଷ୍ଠିତ ହେବ।

ପରମ୍ପରା ଅନୁଯାୟୀ, କୁମ୍ଭକାରମାନେ ଏହି ପର୍ବରେ ସେମାନଙ୍କ ଇଷ୍ଟଦେବତାଙ୍କ ନିକଟରେ ପାଞ୍ଚଦିନରେ ୫ ପ୍ରକାର ଶଙ୍ଖୁଡ଼ି ଭୋଗ କରିଥା'ନ୍ତି। ପ୍ରଥମ ଦିନ ଅର୍ଥାତ୍ ପଞ୍ଚମୀରେ ସାଦାଅନ୍ନ, ଷଷ୍ଠୀରେ ପିଠାପଣା, ସପ୍ତମୀରେ ଦହିପଖାଳ, ଅଷ୍ଟମୀରେ ଖେଚୁଡ଼ି ଏବଂ ନବମୀରେ ଚକୁଳି ପିଠା ଭୋଗ କରିଥା'ନ୍ତି। ଏହି ପାଞ୍ଚଦିନ ହାଣ୍ଡିଗଢ଼ା କାମ ସମ୍ପୂର୍ଣ୍ଣ ବନ୍ଦ ରୁହେ। ଏପରିକି କଞ୍ଚାହାଣ୍ଡିକୁ ବି କୁମ୍ଭକାରମାନେ ସ୍ପର୍ଶ କରନ୍ତି ନାହିଁ। କୁମ୍ଭକାର ନିଯୋଗର ମହେନ୍ଦ୍ର ବିଶୋଇ କୁହନ୍ତି, ମାର୍ଗଶୀର ଶୁକ୍ଳ ପଞ୍ଚମୀ ହେଉଛି କୁମ୍ଭକାରମାନଙ୍କ ଇଷ୍ଟଦେବତା ରୁଦ୍ରପାଳଙ୍କ ଜନ୍ମତିଥି। ଏହିଦିନଠାରୁ ଆରମ୍ଭ ହେଉଥିବା କୁରାଳ ପଞ୍ଚମୀ ପୂଜା ନବମୀ ପର୍ଯ୍ୟନ୍ତ ଚାଲେ। ପର୍ବ ଉପଲକ୍ଷେ ସାହି ବସ୍ତି ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ପର୍ବର ଚତୁର୍ଥ ଦିବସ ଅର୍ଥାତ୍ ୨୮ ତାରିଖ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶେଷ ସନ୍ଧ୍ୟାରେ ମଣ୍ଡପରେ ପୂଜା ପାଉଥିବା ମୂର୍ତ୍ତି ଶୋଭାଯାତ୍ରାରେ ସାହି ପରିକ୍ରମା କରାଯାଇ ଅଠରନଳା ନଦୀରେ ବିସର୍ଜନ କରାଯିବ। ଭକ୍ତ କବି ଦୀନକୃଷ୍ଣ ଦାସଙ୍କ ରଚିତ କୁରାଳ ପୁରାଣରେ କୁମ୍ଭକାରଙ୍କ ଇତିବୃତ୍ତି ସହିତ ଭଗବାନ ବିଷ୍ଣୁଙ୍କ ସୁରସେନ ଚକ୍ର ବା କୁରାଳ ଚକ୍ର ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା ରହିଛି। ଦୈନିକ ରୀତିରେ ପୂର୍ଣ୍ଣକୁମ୍ଭର ଅଗ୍ରପୂଜା ଏବଂ ହିନ୍ଦୁ ପୂଜା ପାର୍ବଣରେ ମାଟି, ଦୀପ, ସରା, ଓଳି ଆଦି ମାଟି ସାମଗ୍ରୀର ଆବଶ୍ୟକତା ଉପରେ ମଧ୍ୟ ବିବରଣୀ ବିଭିନ୍ନ ପୁରାଣରେ ବର୍ଣ୍ଣନା କରାଯାଇଛି। ପର୍ବ ପାଳନ ପରେ କୁମ୍ଭକାର ନିଯୋଗ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହେବ। ଜ୍ୟୋତିଷଙ୍କୁ ଡକାଯାଇ ଏଥିରେ ଏକ ଶୁଭ ଅନୁକୂଳ ସମୟ ନିର୍ଦ୍ଧାରଣ କରାଯିବ। ନିର୍ଦ୍ଧାରିତ ସମୟରେ ସମସ୍ତ କୁମ୍ଭକାର ଏକକାଳୀନ ଆସନ୍ତା ବର୍ଷକ ପାଇଁ ମାଟି ଅନୁକୂଳ କରି ହାଣ୍ଡିଗଢ଼ା କାମ ଆରମ୍ଭ କରିବାର ବିଧି ରହିଛି। ତେବେ ଏହି ପର୍ବ ଉପଲକ୍ଷେ ନିଯୋଗ ପକ୍ଷରୁ ଶ୍ରୀ ବିଶୋଇ ଏବଂ କୁରାଳ ମହାସଂଘ ରାଜ୍ୟ ସଭାପତି ସରୋଜ କୁମାର ବେହେରା ସମସ୍ତ କୁମ୍ଭକାର ଭାଇଭଉଣୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ମିଳୁନି ବେକୟା ୧୧ କୋଟି ଟଙ୍କା

# ଟେଣ୍ଡର ବର୍ଜନ କଲେ ପୁରୀ ପୌରପାଳିକା ଠିକାଦାର



**'ମୁକ୍ତା' ଯୋଜନାରେ ପୁରୀକୁ କରିଥିଲେ ୧ ନମ୍ବର**


**ସରକାର ବଦଳିବା ପରେ ବିଲ୍ ମଞ୍ଜୁର କରାଯାଉ ନାହିଁ**

**ବକେୟା ଟଙ୍କା କଥା ଶୁଣୁନାହାନ୍ତି ଅଧିକାରୀ**

**ପୁରୀ,୨୫ା୧୧(ସମିସ):** ପୁରୀ ସହରର ବିକାଶ ପାଇଁ ସେମାନେ ପ୍ରଶାସନ ନିର୍ଦ୍ଦେଶରେ ବିଭିନ୍ନ ପ୍ରକଳ୍ପ କାମ କଲେ। ଏପରି କି ମହାପ୍ରଭୁଙ୍କ ରଥଯାତ୍ରା ସମ୍ପର୍କିତ ଜରୁରୀ କାର୍ଯ୍ୟ ଅଧିକାରୀଙ୍କ ମୌଖିକ ଆଦେଶରେ କଲେ। ହେଲେ ଏବେ ବିଲ୍ ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ବର୍ଷେ କି ଦୁଇବର୍ଷ ନୁହେଁ ୭/୮ ବର୍ଷର ବକେୟା ଟଙ୍କା ସେମାନଙ୍କୁ ମିଳୁନାହିଁ। ପୂର୍ବ ସରକାରଙ୍କ 'ମୁକ୍ତା' ଯୋଜନା କାମକୁ ବେଶ୍ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିଥିଲେ। ଯେଉଁଥିପାଇଁ ପୁରୀ ସହର ସମଗ୍ର ରାଜ୍ୟରେ ୧ ନମ୍ବର ହୋଇଥିଲା। ହେଲେ ଯେଉଁ ଠିକାଦାରମାନେ ହାତରୁ ଟଙ୍କା ଖର୍ଚ୍ଚ କରି ପ୍ରଶାସନକୁ ଏଭଳି ବାହାବା ଦେଲେ ଏବେ ସେହି ପ୍ରଶାସନିକ ଅଧିକାରୀମାନେ ସେମାନଙ୍କ କଥା ଶୁଣୁନାହାନ୍ତି। ଫଳରେ ବାଧ ହୋଇ ପୁରୀ ପୌରପାଳିକା ଠିକାଦାର ସଂଘ ରାସ୍ତାକୁ ଓହ୍ଲାଇଛି। ସହରର କୌଣସି ବିକାଶମୂଳକ କାମ ପାଇଁ ପୁରୀ ପୌରସଂସ୍ଥା ଡାକୁଥିବା ଟେଣ୍ଡରକୁ ବର୍ଜନ କରିଛନ୍ତି ପୁରୀ ପୌରପାଳିକାର ଠିକାଦାରମାନେ। ମଙ୍ଗଳବାର ସ୍ଥାନୀୟ ୟୁଥ୍ ହଷ୍ଟେଲ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନିଜର କ୍ଷୋଭ ପ୍ରକାଶ କରିବା ସହ ସରକାର ଏବଂ ଜିଲ୍ଲା ପ୍ରଶାସନ ଉପରେ ବର୍ଷିଛନ୍ତି।

ଠିକାଦାର ସଂଘ ସମ୍ପାଦକ ଲୋକନାଥ ପଣ୍ଡା କହିଛନ୍ତି, 'ମୁକ୍ତା' ଯୋଜନାରେ ପୁରୀ ସହରର ବିଭିନ୍ନ ୱାର୍ଡରେ ଅନେକ ବିକାଶମୂଳକ କାମ କରାଯାଇଛି। ଠିକାଦାରମାନେ ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ କାମ କରିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ସହରର ରୂପାନ୍ତରୀକରଣ ପ୍ରକଳ୍ପ ପାଇଁ କର୍ମତତ୍ପର ଅଭିଯାନ ବା ମୁକ୍ତା ଯୋଜନାରେ କାର୍ଯ୍ୟାଦେଶ ପ୍ରାପ୍ତି ପରେ ପ୍ରକଳ୍ପଗୁଡ଼ିକ ଠିକ୍ ସମୟରେ ସାରିଥିଲେ। ଫଳରେ ମୁକ୍ତା ଯୋଜନାରେ ପୁରୀ ପୌରପାଳିକା ୧ ନମ୍ବର ହୋଇପାରିଥିଲା। କାର୍ଯ୍ୟାଦେଶ ଏବଂ ଜିଲ୍ଲାପାଳଙ୍କ ଅନୁମୋଦନ ଥାଇ ମଧ୍ୟ ଠିକାଦାରଙ୍କ ୮ କୋଟି ଟଙ୍କାର ବିଲ୍ ବକେୟା ରହିଛି। କେବଳ ଏତିକି ନୁହେଁ, ୨୦୧୬-୧୭ ଓ ୨୦୧୭-୧୮ ଆର୍ଥିକ ବର୍ଷରେ ରଥଯାତ୍ରା ସମେତ ବିଭିନ୍ନ ଜରୁରୀକାଳୀନ ସମୟରେ ସହରରେ ମୌଳିକ କାର୍ଯ୍ୟ କରିଥିବା ଠିକାଦାରଙ୍କର ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବକେୟା ଅଛି। ରାଜ୍ୟରେ ନୂତନ ବିଜେପି ସରକାର ଆସିବା ପରେ ସେମାନଙ୍କ ବିଲ୍ ମଞ୍ଜୁର କରାଯାଉନାହିଁ। ଏହାର ପ୍ରତିବାଦରେ ଦୀର୍ଘ ବର୍ଷର ପୁଞ୍ଜିଭୂତ ଅସନ୍ତୋଷ ଏବେ ଉଗ୍ର ରୂପ ଧାରଣ କରିବାକୁ ଯାଉଛି। ପୌରପାଳିକା ଠିକାଦାର ସଂଘ ନିକଟରେ ହୋଇଥିବା ପୌରପାଳିକା ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇନାହିଁ। ବକେୟା ୧୧ କୋଟି ଟଙ୍କା ନ ମିଳିବାଯାଏ ସେମାନେ କୌଣସି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବେ ନାହିଁ। ୧୫ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ନ ହେଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ। ଏହି ବକେୟା ଅର୍ଥ ମିଳି ନ ଥିବାରୁ ଠିକାଦାରମାନେ ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳ ହୋଇପଡ଼ିଛନ୍ତି। ଫଳରେ ଗତ ଅକ୍ଟୋବର ମାସରେ ପୌରପାଳିକା ପକ୍ଷରୁ ବାହାରିଥିବା ଟେଣ୍ଡର ପ୍ରକ୍ରିୟାରେ କୌଣସି ଠିକାଦାର ଅଂଶଗ୍ରହଣ କରିନାହାନ୍ତି। ବକେୟା ପ୍ରାପ୍ୟ ନେଇ ଠିକାଦାରମାନେ ୨୦୨୧ରେ ଆନ୍ଦୋଳନ କରିଥିଲେ। ସେତେବେଳେ ସେମାନଙ୍କ ବକେୟା ବିଲ୍ ତୁରନ୍ତ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଇତିମଧ୍ୟରେ ୪ ବର୍ଷ ବିତିଯାଇଥିଲେ ମଧ୍ୟ ୧୧ କୋଟିର ବିଲ୍ ଏଯାଏ ପ୍ରଦାନ କରାଯାଇନାହିଁ। ବାଧ ହୋଇ ପୁରୀ ପୌରପାଳିକା ଠିକାଦାର ସଂଘ ସମସ୍ତ ଟେଣ୍ଡର ବର୍ଜନ କରିବା ସହ ଆନ୍ଦୋଳନ ପନ୍ଥା ଆପଣାଇବେ ବୋଲି ସମ୍ପାଦକ ଶ୍ରୀ ପଣ୍ଡା କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସଂଘ ସଭାପତି ଅଶୋକ କୁମାର ମହାନ୍ତିଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଶିଶୁ ଶ୍ରମିକ ପ୍ରଥା ମାନବିକତା ବିରୋଧୀ... । ମୋ ଜୀବନକାଳ ମଧ୍ୟରେ ଏହି ଘୃଣ୍ୟ ପ୍ରଥାର ସମାପ୍ତି ମୁଁ ଦେଖିବି
- କୈଳାସ ସତ୍ୟାର୍ଥୀ

ସକାଳ
THE SAKALA

## ଗଣତନ୍ତ୍ରରେ ଉତ୍ତରଦାୟିତ୍ୱ

ଦୀର୍ଘ ୭୯ ବର୍ଷର ଯାତ୍ରାରେ ସ୍ୱାଧୀନ ଭାରତର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଅନେକ ଉତ୍ଥାନ ପତନର ସମ୍ମୁଖୀନ ହୋଇଛି । ଗଣତନ୍ତ୍ରର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠିଛି । କିନ୍ତୁ ସମ୍ବିଧାନର ସାହାରାରେ ପୁଣି ଅଣ୍ଟା ସଳଖି ବିଶ୍ୱ କୂଟନୀତି, ଭୂ-ରାଜନୀତି ସହିତ ସଦର୍ପେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛି । କିନ୍ତୁ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତ ଆଗରେ ଏବେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଉତ୍ତରଦାୟିତ୍ୱର ଅଭାବ । ସାମଗ୍ରିକ ଶାସନ ବ୍ୟବସ୍ଥାକୁ ନିରେଖି ଦେଖିଲେ ସମ୍ବେଦନଶୀଳ ପ୍ରଶ୍ନଟିଏ ଉଠିବା ସ୍ୱାଭାବିକ ଯେ ଗଣତନ୍ତ୍ରର ଚାରି ସ୍ତମ୍ଭ ବିଧାନପାଳିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ଗଣମାଧ୍ୟମ ନିଜ ନିଜ ଉତ୍ତରଦାୟିତ୍ୱ ନିର୍ବାହ କରିବାରେ ନିଷ୍ଠାବାନ ତ? ଏହାର ତିକ୍ତ ଅପ୍ରିୟ ଉତ୍ତର ନାସ୍ତିବାଚକ ହେବାକୁ ବାଧ୍ୟ ।

ସମ୍ବିଧାନ ଆମକୁ ଅଭିବ୍ୟକ୍ତିର ସ୍ୱାଧୀନତା, ସ୍ୱୟଂଶାସନର କ୍ଷମତା ଓ ଅନେକ ମୌଳିକ ଅଧିକାର ଦେଇଛି । କିନ୍ତୁ ଏହି ସ୍ୱାଧୀନତାକୁ ବ୍ୟବହାର କଲା ବେଳେ କିମ୍ବା କ୍ଷମତାର ପ୍ରୟୋଗ କିମ୍ବା ମୌଳିକ ଅଧିକାର ସାବ୍ୟସ୍ତ କଲା ବେଳେ ଉତ୍ତରଦାୟିତ୍ୱର ଅଭାବ ପରିଲକ୍ଷିତ ହେଉଛି । ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର ବିଧାନପାଳିକା ନୀତି ନିର୍ଦ୍ଧାରକମାନଙ୍କର ନିତାନ୍ତ ସ୍ୱଅଧିକାର କ୍ଷେତ୍ର ହୋଇଥିଲେ ମଧ୍ୟ ନିର୍ବାଚିତ ଜନପ୍ରତିନିଧି ହିସାବରେ ରାଷ୍ଟ୍ର ଓ ନାଗରିକଙ୍କ ପ୍ରତି ସେମାନଙ୍କ କାର୍ଯ୍ୟଧାରା ଉତ୍ତରଦାୟିତ୍ୱର ଶୃଙ୍ଖଳାରୁ ମୁକ୍ତ ନୁହେଁ । କିନ୍ତୁ ସାମ୍ବିଧାନିକ ମୂଲ୍ୟବୋଧକୁ କ୍ଷମତାସୀନ ଦଳମାନେ ନିଜକୁ ସୁହାଇବା ପରି ମୋଡ଼ିମକଚି ଦେବାରେ କୁଣ୍ଠାବୋଧ କରୁନଥିବାର ଅଭିଯୋଗ ବହୁଳ । ସେହିପରି ବିରୋଧୀ ଦଳର ଉଚ୍ଚାରଣ ଓ ଆଚରଣ ଉତ୍ତରଦାୟିତ୍ୱମୁକ୍ତ ହୋଇ ଗଣତାନ୍ତ୍ରିକ ଅନୁଷ୍ଠାନ ପ୍ରତି ବିଶ୍ୱସନୀୟତା ସଙ୍କଟ ସୃଷ୍ଟି କରୁଛି । ସଂଘୀୟ ଶାସନ ବ୍ୟବସ୍ଥାରେ ରାଜ୍ୟପାଳମାନେ କେନ୍ଦ୍ର-ରାଜ୍ୟ ଭିତରେ ସେତୁ ଭାବରେ କାର୍ଯ୍ୟ କରିବା ପାଇଁ ସମ୍ବିଧାନ କେତେକ ନିର୍ଦ୍ଦିଷ୍ଟ କ୍ଷମତା ଓ ଅଧିକାର ଦେଇଛି ଏବଂ କିଛି ଲକ୍ଷ୍ମଣରେଖା ଟାଣିଛି । ଅଥଚ ଉତ୍ତରଦାୟିତ୍ୱ ଅଭାବରୁ ସେହି ସେହି କ୍ଷମତା ଓ ଅଧିକାରର ଦୁରୁପଯୋଗ ଅନେକ ସମୟରେ ସାମ୍ବିଧାନିକ ସଙ୍କଟ ସୃଷ୍ଟି କରୁଛି ଏବଂ ନ୍ୟାୟପାଳିକାକୁ ଅଯଥା ହସ୍ତକ୍ଷେପ କରିବାକୁ ପଡୁଛି ।

ସେହିପରି କାର୍ଯ୍ୟପାଳିକା ସମ୍ବିଧାନ ପ୍ରଦତ୍ତ ଅଧିକାର ଓ କର୍ତ୍ତବ୍ୟ ନିର୍ବାହ ବେଳେ ଉତ୍ତରଦାୟିତ୍ୱକୁ ଗୁରୁତ୍ୱ ନ ଦେଇ କ୍ଷମତାସୀନ ଦଳର ହାତବାରିସି ହେଉଥିବାରୁ ସାଧାରଣରେ ନିନ୍ଦିତ ହେଉଛି, ଯାହାଫଳରେ ସାମଗ୍ରିକ ଭାବେ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସାମ୍ବିଧାନିକ ମୂଲ୍ୟବୋଧ ପ୍ରଭାବିତ ହେଉଛି । ନ୍ୟାୟପାଳିକାର ରାୟ ମଧ୍ୟ ଅନେକ ସମୟରେ ଦୂରଦର୍ଶୀ ନ ହୋଇ ତତ୍କାଳିକ ସାମାଧାନଭିତ୍ତିକ ହେଉଥିବାରୁ ରାୟର ପୁନଃତର୍ଜମା କରି ସଂଶୋଧନ କରିବାକୁ ପଡୁଛି । ଏହାଫଳରେ ନ୍ୟାୟପାଳିକାର ନିରପେକ୍ଷତା ଏବଂ ସାମ୍ବିଧାନିକ ଲକ୍ଷଣରେଖାର ସମ୍ମାନରକ୍ଷାରେ ଉତ୍ତରଦାୟିତ୍ୱ ଉପରେ ନାଗରିକ ସମାଜ ଦ୍ୱାରା ପ୍ରଶ୍ନ ଚିହ୍ନଟିଏ ଉଠୁଛି । ଗଣତନ୍ତ୍ରର ଜାଗ୍ରତ ପ୍ରହରି ଗଣମାଧ୍ୟମ ମଧ୍ୟ ଉତ୍ତରଦାୟିତ୍ୱ ନିର୍ବାହରେ ଅବହେଳା ଅଭିଯୋଗରୁ ମୁକ୍ତ ନୁହେଁ । ସାମ୍ପ୍ରତିକ ପ୍ରତିଯୋଗିତାପୂର୍ଣ୍ଣ ଓ ବିବିଧ ଆହ୍ୱାନଭରା ବିଶ୍ୱରେ ନିରପେକ୍ଷ ସମ୍ବାଦ ପରିବେଷଣ କରି ତିଷ୍ଠି ରହିବା ସମ୍ପୂର୍ଣ୍ଣ ସମ୍ଭବ ନ ହେଲେ ମଧ୍ୟ ଗଣମାଧ୍ୟମର ବିଶ୍ୱସନୀୟତା ଓ ପବିତ୍ରତା ହନନ ହେବା ଅନୁଚିତ । କିନ୍ତୁ ବାଧ୍ୟବାଧକତାରେ ହେଉ କିମ୍ବା ଉଦ୍ଦେଶ୍ୟମୂଳକ ଭାବେ ହେଉ ଅନେକ ସମୟରେ ବିଭ୍ରାନ୍ତିକର, କପୋଳକଳ୍ପିତ, ପକ୍ଷପାତପୂର୍ଣ୍ଣ ଓ ପରସ୍ପର ବିରୋଧୀ ଖବରମାନ ପ୍ରକାଶ ପାଇଲେ ପାଠକୀୟ ସମାଜର ଗଣମାଧ୍ୟମ ପ୍ରତି ଶ୍ରଦ୍ଧା, ସମ୍ମାନ, ଭରସା ତୁଟିବା ସ୍ୱାଭାବିକ । ଏହାଫଳରେ ଗଣ ଓ ସରକାରଙ୍କ ମଧ୍ୟରେ ସେତୁଟି ଦୁର୍ବଳ ହେଉଛି ଏବଂ ଶାସନତନ୍ତ୍ର ସ୍ୱୈରଚାର ଆଡ଼କୁ ଟାଣି ହୋଇଯିବାର ଅବାଞ୍ଛିତ ସୁଯୋଗ ସୃଷ୍ଟି କରୁଛି, ଯାହା ଗଣତନ୍ତ୍ରର ପରିପନ୍ଥୀ । ତେଣୁ ଗଣମାଧ୍ୟମ ନିଜକୁ ସ୍ୱଚ୍ଛ, ସ୍ୱଷ୍ଟ କରିବା ସହିତ ଉତ୍ତରଦାୟୀ ହେବା ସୁସ୍ଥ ଗଣତନ୍ତ୍ର ପାଇଁ ଅପରିହାର୍ଯ୍ୟ ।

ମୋଟ ଉପରେ ଦେଖିବାକୁ ଗଲେ କେବଳ ଗଣତନ୍ତ୍ରର ଚାରି ସ୍ତମ୍ଭ ନୁହେଁ, ନାଗରିକମାନେ ମଧ୍ୟ ନିଜ ନିଜ ଉତ୍ତରଦାୟିତ୍ୱ ପ୍ରତି ସଚେତନ, ନିଷ୍ଠାବାନ୍ ଓ ସମ୍ବେଦନଶୀଳ ନୁହନ୍ତି । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ନାଗରିକଙ୍କୁ ସ୍ୱାବଲମ୍ବନ ଓ ଅର୍ଥ ଉପାର୍ଜନର ସ୍ୱାଧୀନତା ଓ ଅଧିକାର ଆମ ସମ୍ବିଧାନ ଦେଇଛି । କିନ୍ତୁ ଏହା ସହିତ ସମାଜ ଓ ରାଷ୍ଟ୍ରର ସାମୂହିକ ମଙ୍ଗଳ ଓ କଲ୍ୟାଣସାଧନ ପାଇଁ ଯେଉଁ ଉତ୍ତରଦାୟିତ୍ୱ ଯୋଡ଼ି ହୋଇଛି ତାହାର ଘୋର ଅଭାବ ରହିଥିବାରୁ ସାମାଜିକ, ଅର୍ଥନୈତିକ ଓ ପରିବେଶଗତ ବୈଷମ୍ୟ ଉତ୍କଟ ହେବାରେ ଲାଗିଛି । ସ୍ୱାବଲମ୍ବନର ଅର୍ଥ ନୁହେଁ ସର୍ବସାଧାରଣରେ ନିଷେଧ ଦ୍ରବ୍ୟ ବିକ୍ରି କରିବା କିମ୍ବା ନିଷିଦ୍ଧ ଓ ଅଶୋଭନୀୟ କାର୍ଯ୍ୟକଳାପ ପ୍ରଦର୍ଶନ କରିବା । ସମ୍ବିଧାନ ଓ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ଊର୍ଦ୍ଧ୍ୱରେ ଆମ ସମାଜ ଆମ ପାଇଁ କେତେକ ସଂସ୍କାର, ସଂଭ୍ରମ, ସଂଯମ ଓ ଶିଷ୍ଟତାର ଲକ୍ଷ୍ମଣରେଖା ଟାଣିଛି । ସ୍ୱାଧୀନତାର ପରିପ୍ରକାଶ ଓ ଅଧିକାର ସାବ୍ୟସ୍ତ ବେଳେ ଏହି ଲକ୍ଷ୍ମଣରେଖାର ସୁରକ୍ଷା ଓ ସମ୍ମାନ ପ୍ରତି ଥିବା ଆମର ଉତ୍ତରଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ । କିନ୍ତୁ ଏହାର ତୀବ୍ର ଉଲ୍ଲଙ୍ଘନ ଓ ଉତ୍ତରଦାୟିତ୍ୱର ଅଭାବ ହେତୁ ଶିଳ୍ପ, ଶବ୍ଦ, ଜଳ ପ୍ରଦୂଷଣ ପରି ଭୀଷଣ ପରିବେଶ ସଙ୍କଟ ସୃଷ୍ଟି ହେଉଛି, ସାଂସ୍କୃତିକ ଅବକ୍ଷୟ ଘଟୁଛି ଏବଂ ମାନବୀୟ ସଂହତିର ବିପରୀତ ବାତାବରଣକୁ ଜନ୍ମ ଦେଉଛି । ଏହା ସମ୍ବିଧାନ ପ୍ରଦତ୍ତ ସ୍ୱଚ୍ଛ ଓ ସାବଳୀଳ ଜୀବନ ଜିଇଁବାର ଅଧିକାରର ପରିପନ୍ଥୀ । ଗୋଟିଏ ଅଧିକାର ସାବ୍ୟସ୍ତ ବେଳେ ଉତ୍ତରଦାୟିତ୍ୱ ନ ରହିଲେ ତାହା ଅନ୍ୟର ଅଧିକାରକୁ ହନନ କରେ । ଏହାଦ୍ୱାରା ସ୍ୱାଧୀନତା ହିଁ ଅର୍ଥହୀନ ହୋଇପଡ଼େ ।

ସ୍ୱାଧୀନତାର ଅମୃତକାଳ ଯାତ୍ରାରେ ଆମ ସମ୍ବିଧାନ ଅଧିକ ପରିପକ୍ୱ ହେଉଛି । ସାମ୍ପ୍ରତିକ ଅସ୍ଥିର ଭୂ-ରାଜନୈତିକ ପୃଷ୍ଠଭୂମିରେ ନାଗରିକ ଭାବେ ଆମର କର୍ତ୍ତବ୍ୟ ହେଉଛି ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ପ୍ରତି ଥିବା ଆମର ଉତ୍ତରଦାରୟିତ୍ୱର ନିର୍ବାହନ । ସ୍ୱାଧୀନତାର ଉପଭୋଗ ସହିତ ଉତ୍ତରଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ ହୋଇପାରିଲେ ସାମ୍ବିଧାନିକ ଅଧିକାର ସୁରକ୍ଷିତ ରହିପାରିବ ଏବଂ କ୍ଷମତାର ମଧ୍ୟ ସୁଷମ ଓ ସନ୍ତୁଳିତ ସଦୁପଯୋଗ ସୁନିଶ୍ଚିତ ହେବ ।

## ଦୁର୍ନୀତି ଓ ଦୁରାଚାର

ବୈକୁଣ୍ଠନାଥ ମିଶ୍ର

ଏକ ସାମାଜିକ ପ୍ରାଣୀ ହିସାବରେ ମନୁଷ୍ୟ ଯେଉଁ ଆତ୍ମଗରିମା ଲାଭ କରି ଅନ୍ୟ ଉପରେ ଶ୍ରେଷ୍ଠତ୍ୱ ଜାହିର କରି ଆସୁଥିଲା, ତାହା କେବଳ ଏକ ବାଚନିକ ସଂଶ୍ଳେଷଣ । ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ । କାରଣ ମଣିଷର ସାମାଜିକ ତତ୍ତ୍ୱ ଆଜି ଘୋର ବିତର୍କ ମଧ୍ୟକୁ ଠେଲି ହୋଇଯାଇଛି । ବାହ୍ୟରୂପକୁ ଦେଖି କୌଣସି ମଣିଷର ସ୍ୱଭାବ ଆକଳନ କରିବା କେବେ ବି ନିର୍ଭୁଲ ହୋଇ ନପାରେ । ବାହ୍ୟଦୃଷ୍ଟିରେ ଗୁରୁଗମ୍ଭୀର ଅଥବା ଧୀରପ୍ରଶାନ୍ତ, ପୁଣି ଅଙ୍ଗରାଜିରେ ବୟସର ଛାପ ପରିଲକ୍ଷିତ ହେଉଥିଲେ ମଧ୍ୟ ଅନ୍ତରରେ କୁତ୍ସିତ ଆଦିମତା ଭରପୂର ରହିଛି । ଏଭଳି ତତ୍ତ୍ୱମାନଙ୍କୁ ଦେଖିଲେ ମନରେ ସ୍ୱତଃ ସନ୍ଦେହ ଉପୁଜେ ଯେ ବ୍ୟକ୍ତିଟିକୁ ଆମେ ଯାହା ମନେକରୁ ସେ ତାହା ନୁହେଁ । ତେବେ ବିଶ୍ୱାସ ଶବ୍ଦଟି କ'ଣ ସମୟର ପ୍ରଭାବରେ ମରି ହଜି ଯିବାକୁ ବସିଛି । ଯଦି ବିଶ୍ୱାସର ବିଲୟ ଘଟେ ତେବେ ମାନବିକତା ତିଷ୍ଠିବ କିପରି? ତେବେ କ'ଣ ମନୁଷ୍ୟ କ୍ରମେ ପଶୁଠାରୁ ବି ନିମ୍ନସ୍ତରକୁ ଖସିଯାଉଛି? ଜଣେ ଚିନ୍ତାଶୀଳ ବ୍ୟକ୍ତିର ମନୋରାଜ୍ୟରେ ଆଜି ସହସ୍ର ସଂଶୟର ଭୂକମ୍ପନ ।

ସମାଜରେ ଶୃଙ୍ଖଳା ନାହିଁ । ବ୍ୟକ୍ତିର ବ୍ୟକ୍ତିତ୍ୱ ଭୂଲୁଣ୍ଠିତ । ନାରୀର ଇଜ୍ଜତ ପ୍ରତି କେହି ସମ୍ବେଦନଶୀଳ ନୁହନ୍ତି । ସରକାରର ତିନିଟିଯାକ ଅଙ୍ଗ- ବ୍ୟବସ୍ଥାପିକା, ଶାସନ ଓ ନ୍ୟାୟପାଳିକା ଅଳ୍ପବହୁତେ କୀଟଦ୍ରଂଷ୍ଟ । ଗୁରୁ ହରାଇ ବସିଲେଣି ଗୁରୁତ୍ୱ । ନିଜ ପୁତ୍ରୀ ସମାନ ଛାତ୍ରୀଟି ଗୁରୁଙ୍କଠାରୁ ଲାଭ କରୁଛି ଅବାଞ୍ଛିତ ମାତୃତ୍ୱ । ଈଶ୍ୱରଙ୍କ ଅନ୍ୟ ଏକ ଅବତାର ଚିକିତ୍ସକ ପବିତ୍ର କର୍ତ୍ତବ୍ୟରୁ ଓହରି ଯାଇ ଅର୍ଥ ଲିପ୍ସାର ଗୋଲାମ ସାଜୁଛି । ମନସ୍ଥିର, ଜ୍ଞାନଧୀର, କର୍ମଚଞ୍ଚଳ ଓ ଭକ୍ତପାଗଳ ଭଳି ମହାର୍ଘ ବାଣୀ ଆଜି ବିଲକ୍ଷଣଯୁକ୍ତ । କେଉଁଠି ପତ୍ନୀ ନିଜ ପ୍ରେମିକ ସହ ହାତ ମିଳାଇ ପତିଙ୍କର ମୃତ୍ୟୁଲୀଳା ରଚିଲାଣି ତ ପୁଣି କେଉଁଠି ପରକୀୟା ପ୍ରୀତିରେ ନିମଗ୍ନ କାମୁକ ପୁରୁଷଟି ପତିପ୍ରାଣା ପତ୍ନୀଙ୍କୁ ଦେଉଛି ହତ୍ୟାର ଉପହାର । ବୃଦ୍ଧ ପିତାମାତା ଆତ୍ମଜଙ୍କ ଦ୍ୱାରା ଉପେକ୍ଷିତ ଓ ଲାଞ୍ଛିତ ହୋଇ ଶେଷଦିନର ଅବଗଣନା କରୁଛନ୍ତି ।

ମଣିଷ ନା ନିଜେ ସୁଖରେ ରହି ପାରୁଛି, ନା ଅନ୍ୟକୁ ସୁଖରେ ରହିବାରେ ସହାୟକ ହେଉଛି । ବିନା ଶାସନ, ବିନା ଭୟରେ ସମସ୍ତେ ଏକ ଉଦ୍ଦାମ ସ୍ୱାଧୀନତା ଉପଭୋଗରେ ନିମଗ୍ନ । ଭୟ ଥିଲେ ରାଜ୍ୟର ପ୍ରଶାସନିକ ସେବା ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଯୁବକଟି ମାତ୍ର ୧୫ହଜାର ଟଙ୍କାର ଲାଞ୍ଚ ନେଇ ବିଚାରାଧୀନ ଅପରାଧୀ ସାଜି ନ ଥା'ନ୍ତା । ଭୟ ଥିଲେ ଏଏସଆଇ ଚାକିରି କରାଇ ଦେବାକୁ ମୁଣ୍ଡପିଛା ୨୫ଲକ୍ଷ ଟଙ୍କାର ଲାଞ୍ଚ ଆଦାୟ କରି ପୁଲିସ୍ ହାତରେ ଧରା ପଡ଼ି ନ ଥା'ନ୍ତେ । ଦୁର୍ନୀତି ଏକ ସଂକ୍ରାମକ ରୋଗର ରୂପ ନେଇ ସାରିଥିବା ବେଳେ ଯୌନ ଉଚ୍ଛୃଙ୍ଖଳତା ଏକ ଦୁରାରୋଗ୍ୟ ସଂକ୍ରାମକ ଭାବେ ତୀବ୍ର ପ୍ରସାର ଲାଭ କରିବାରେ ଲାଗିଛି । ଦୁର୍ନୀତି ଓ ଦୁରାଚାର ସମାଜର ସବୁସ୍ତରକୁ ବ୍ୟାପିଗଲାଣି । ଏଥିରୁ ଶିକ୍ଷକ, ପ୍ରଶାସକ, ଚିକିତ୍ସକ, ନେତା ଅଭିନେତା ଓ ଅନ୍ୟ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ କେହି ବି ମୁକ୍ତ ନୁହନ୍ତି ।

ଚଳଚ୍ଚିତ୍ର ଜଗତରେ କାଷ୍ଟିଂ କାଉଚ (ଅଭିନୟ ପାଇଁ ସୁଯୋଗ ଦେବା ଆଳରେ ଅଭିନେତ୍ରୀମାନଙ୍କ ପ୍ରତି ଯୌନ ଆକାଂକ୍ଷା ପୋଷଣ କରିବା ) ଏକ ଲୁକ୍କାୟିତ ପ୍ରକ୍ରିୟା, ଯାହା ସମୟାନ୍ତରେ ପ୍ରକଟିତ ହୋଇ ସଭ୍ୟ ସମାଜର ଭ୍ରୂକୁଞ୍ଚନ ସୃଷ୍ଟିକରେ । ୨୦୧୭ ମସିହାରେ ହଲିଉଡ୍ ଚଳଚ୍ଚିତ୍ର ପ୍ରଯୋଜକ ୱାଇନ୍ଷ୍ଟାଇନ୍, ଯେକି ଫିଲ୍ମ ଜଗତର ଜଣେ କ୍ଷମତାଶାଳୀ ବ୍ୟକ୍ତିତ୍ୱ ତାଙ୍କ ବିରୋଧରେ ଯୌନ ଶୋଷଣର ଅଭିଯୋଗ ଆଣିଥିଲେ ପ୍ରାୟ ୮୦ଜଣ ଅଭିନେତ୍ରୀ । ସେଥିପାଇଁ ୱାଇନ୍ଷ୍ଟାଇନଙ୍କୁ ନିଜ କମ୍ପାନୀ ବହିଷ୍କାର କରିଥିଲା । ସେହିପରି ଲୋକପ୍ରିୟ ନିର୍ଦ୍ଦେଶକ ଜେମ୍ସ୍ ଟବାକଙ୍କ ନାମରେ ଯୌନ ଶୋଷଣର ଅଭିଯୋଗ ଆଣିଥିଲେ ୨୩୮ଜଣ ମହିଳା । ଫିଲ୍ମ ଜଗତରେ ପୁରୁଷମାନଙ୍କ ଆଧିପତ୍ୟ ରହୁଥିବାରୁ ନାରୀଙ୍କ ସ୍ୱର ଗୌଣ ହୋଇଥାଏ । ମାତ୍ର କୌଣସି କ୍ଷେତ୍ରରେ ଗୋଟିଏ ନାରୀ ସାହସ ସଞ୍ଚୟ କରି ସ୍ୱର ଉଠାଇଲେ ଅନ୍ୟ ପୀଡ଼ିତାମାନେ ନିଜ ଉପରେ ବହିଯାଇଥିବା ଅପ୍ରକାଶ୍ୟ ଝଡ଼କୁ ପ୍ରକାଶ କରିବାର ସୁଯୋଗ ପା'ନ୍ତି । ସମ୍ମାନହାନି ଭୟରେ ମହିଳାମାନେ ଅଧିକାଂଶ କ୍ଷେତ୍ରରେ ଅନିଚ୍ଛା ସତ୍ତ୍ୱେ ନିରବ ରହିବାକୁ ଶ୍ରେୟ ମଣନ୍ତି । ନାରୀମାନେ ଯୌନାଚାର ବିରୋଧରେ ନିରବତା ଅବଲମ୍ବନ କରନ୍ତି । କାରଣ ସେମାନଙ୍କୁ ହିଁ ପ୍ରଥମେ କଷ୍ଟ ଭୋଗିବାକୁ ହେବ ।

ନ୍ୟାସନାଲ କ୍ରାଇମ୍ ରେକର୍ଡସ୍ ବ୍ୟୁରୋର ସଦ୍ୟ ଆକଳନ ଅନୁଯାୟୀ ଭାରତରେ ଦୈନିକ ୪୨୦ ମହିଳା ଯୌନ ଅତ୍ୟାଚାରର ଶିକାର ହେଉଛନ୍ତି । ଧର୍ଷଣ, ଅପହରଣ, ଯୌତୁକ ଜନିତ ମୃତ୍ୟୁ ଓ ପରକୀୟା ପ୍ରୀତିର କରୁଣ ପରିଣତି ଯେପରି ଭାବରେ ବଢ଼ି ଚାଲିଛି, ନିଜକୁ ଏକ ସଭ୍ୟ ଜାତିର ଦାୟଦ କହିବାକୁ ଲଜ୍ଜାବୋଧ ହେଉଛି । ଦିବ୍ୟଜନନୀ ଶ୍ରୀମା କହନ୍ତି -'ପ୍ରତ୍ୟେକ କନ୍ୟାରତ୍ନ ଉଦ୍ୟାନର ଗୋଟିଏ ଗୋଟିଏ ପୁଷ୍ପ ସଦୃଶ । ସେମାନଙ୍କୁ ଦୂରରୁ ଅବଲୋକନ କରି ତା' ସୌନ୍ଦର୍ଯ୍ୟରେ ଆତ୍ମହରା ହେବା ଏବଂ ତା'ର ସୃଷ୍ଟିକର୍ତ୍ତାକୁ ଧନ୍ୟବାଦ ଦେବା । କୌଣସି ପରିସ୍ଥିତିରେ ପୁଷ୍ପଗୁଡ଼ିକୁ ଦଳିତ ମଥିତ କରିବାର ଅଧିକାର ଆମର ନାହିଁ ।'

ଦିନଥିଲା, ପିଲାମାନେ ସଂଭ୍ରମତାର ସହ ପ୍ରତ୍ୟେକ କାର୍ଯ୍ୟ ସମ୍ପାଦନକୁ ଶ୍ରେୟ ମଣୁଥିଲେ । ଏହାଦ୍ୱାରା ତାଙ୍କ ପରିବାରର ସମ୍ମାନ ବୃଦ୍ଧି ପାଉଥିଲା । ବର୍ତ୍ତମାନ ଯଦି କାହା ପୁଅ ଗୁଣ୍ଡାଗର୍ଦ୍ଦି କରୁଛି, ତା' ବାପାର ପାଦ ତଳେ ଲାଗୁନି ଯେ ପୁଅକୁ ପାଞ୍ଚଜଣ ଡରୁଛନ୍ତି, ଯଦ୍ଦ୍ୱାରା ତା' ପୁଅ ଉଚ୍ଚସମ୍ମାନର ଅଧିକାରୀ ହୋଇଛି । ବର୍ତ୍ତମାନ ଯେତେକ ଆପତ୍ତିଜନକ କାର୍ଯ୍ୟ ସେସବୁ ଭଲ କାମ ବୋଲି ବିବେଚିତ ହେଲାଣି । ଚୋରି, ଡକାୟତି, ଲୁଣ୍ଠନ କରି ଅର୍ଥର ସାମ୍ରାଜ୍ୟ ବିସ୍ତାର କରିପାରିଲେ ତା'କୁ ପରିବାର ତରଫରୁ ଶ୍ରେୟ ମିଳୁଛି । ସାଧାରଣ ଚାକିରିଟିଏ କରିଥିବା ପିଲାଟି ଅପେକ୍ଷା ଚୋରି ଡକାୟତିରେ ବିପୁଳ ଅର୍ଥ ଉପାର୍ଜନ କରିଥିବା ପିଲାଟି ବାପାମା'ଙ୍କର ଅଧିକ ପ୍ରିୟ ହୋଇପାରିଛି ।

କିଛିବର୍ଷ ତଳେ ମଦ୍ୟପାନକୁ ଘୃଣା କରାଯାଉଥିବା ବେଳେ ଆଜିକାଲି ମଦ୍ୟପାନ ଉଗ୍ର ଆଧୁନିକତା ତଥା ସମ୍ଭ୍ରାନ୍ତୀୟ ଲକ୍ଷଣର ପରିଚୟ ବହନ କରୁଛି । ପୂର୍ବେ ସମାଜ ଶୃଙ୍ଖଳିତ ଥିଲା, କାରଣ ମଦ୍ୟପାନ ନଥିଲା । ମଦ ଗୋଟିଏ ଏପରି ଜିନିଷ, ଯାହା ମଣିଷର ବୁଦ୍ଧି ବିବେକକୁ ପ୍ରଥମେ ପ୍ରଭୂତ କ୍ଷତି ପହଞ୍ଚାଇଥାଏ । ଜଣେ ସୁସ୍ଥ ମସ୍ତିଷ୍କଧାରୀ ବ୍ୟକ୍ତି କୌଣସି ଆପତ୍ତିଜନକ କାର୍ଯ୍ୟ କରିପାରିବ ନାହିଁ । କିନ୍ତୁ ମଦ୍ୟପଟିଏ ଅକ୍ଲେଶରେ ଏହା କରିପାରେ । ମଦକୁ ନିଷିଦ୍ଧ କରିବା ପରିବର୍ତ୍ତେ ସରକାର ମଦ୍ୟପଙ୍କୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛନ୍ତି । ବାର୍ଷିକ ପ୍ରାୟ ୧୦ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ହେବା ଭୟରେ ସରକାର ମଦ ବିକ୍ରିକୁ ପ୍ରୋତ୍ସାହିତ କରି ଆସୁଛନ୍ତି । ତେଣୁ ସମାଜରେ ସମସ୍ତ ପ୍ରକାର ବ୍ୟଭିଚାର ବଢ଼ି ଚାଲିଛି । ମଧ୍ୟପ୍ରଦେଶ ସରକାର କିଛିଦିନ ତଳେ ବିଧାନସଭାରେ ଏକ ଆଇନ ପ୍ରଣୟନ କରିଛନ୍ତି, ଯେଉଁଥିରେ ୧୨ କିମ୍ବା ତା'ଠାରୁ କମ୍ ବୟସର ଝିଅକୁ ବଳାତ୍କାର କରିବା ପ୍ରମାଣିତ ହେଲେ ଅପରାଧୀକୁ ମୃତ୍ୟୁଦଣ୍ଡର ପ୍ରାବଧାନ ଅଛି ।

ସିଦ୍ଧଳ(ଜଗତସିଂହପୁର), ମୋ: ୯୯୩୭୪୫୦୫୪୦

## ହିଂସାମୁକ୍ତ ଓ ଶାନ୍ତିଯୁକ୍ତ ପୃଥିବୀର ପରିକଳ୍ପନା

ମୀରା ବେଉରା

ଆଜି ସମଗ୍ର ବିଶ୍ୱ ବାରୁଦର ସ୍ତୂପ ଉପର ଦଣ୍ଡାୟମାନ । ଦେଶ-ଦେଶ ମଧ୍ୟରେ ସ୍ନେହ, ପ୍ରେମ, ଭ୍ରାତୃତ୍ୱ ଭାବ କ୍ଷୁଣ୍ଣ ହୋଇ ହିଂସା, ଈର୍ଷା, ଅସହିଷ୍ଣୁତା, ପରଶ୍ରୀକାତରତା, ତିକ୍ତତା ଆଦି ବୃଦ୍ଧି ପାଇ ଆତଙ୍କବାଦକୁ ପ୍ରତି ମୁହୂର୍ତ୍ତରେ ନିମନ୍ତ୍ରଣ କରୁଛି । ପ୍ରେମ ସଂପର୍କ କ୍ରମଶଃ ତିକ୍ତ ହେଉଛି । ଦେଶ ସୁରକ୍ଷା ଆଳରେ ପରମାଣୁ ଅସ୍ତ୍ର-ଶସ୍ତ୍ରର ପ୍ରତିଯୋଗିତା ଆରମ୍ଭ ହୋଇଛି । ବିଶ୍ୱଶାନ୍ତି ପାଇଁ ଆଜି ପ୍ରତିଟି ମଣିଷ ଆର୍ତ୍ତଚିତ୍କାର କରୁଛି । ଏହିସମୟରେ ଇ.ଏମ୍. ଫୋଷ୍ଟରଙ୍କ କଥା ମନେ ପଡ଼େ । ଏଇ ପ୍ରଖ୍ୟାତ ଇଂରାଜୀ ଲେଖକ କହୁଥିଲେ ଯଦି ବିଭିନ୍ନ ଦେଶର ମାଆମାନେ ଏକତ୍ର ବସି ବିଶ୍ୱଶାନ୍ତି ସ୍ଥାପନ ଉପରେ ଚିନ୍ତା କରିବେ ତେବେ ବିଶ୍ୱରୁ ଯୁଦ୍ଧ ବିଭୀଷିକା ଲୋପ ପାଇଯାଆନ୍ତା । ଜଣେ ଉତ୍ତମ ମାଆ ହିଁ ସୃଷ୍ଟି କରିପାରେ ଗୋଟିଏ ହିଂସାମୁକ୍ତ ଓ ଶାନ୍ତିଯୁକ୍ତ ସୁନ୍ଦର ପରିବାର, ସମାଜ, ରାଷ୍ଟ୍ର ଓ ସମଗ୍ର ବିଶ୍ୱ ।

ଏ ସୃଷ୍ଟିରେ ଯେତେ ସ୍ୱର ଝଙ୍କୃତ ହୁଏ ସବୁଠୁ ସୁନ୍ଦର ସ୍ୱର ହେଉଛି 'ମାଆ' ଡାକର । ସତରେ ମାଆ ଏଭଳି ଦିବ୍ୟସତ୍ତାଟିଏ, ଯିଏ ନିଜର ରକ୍ତ, ମାଂସ, ମଜ୍ଜାରୁ ସୃଷ୍ଟି କରେ ସନ୍ତାନ । ପୁଣି ସେହି ସନ୍ତାନ ପାଇଁ ଜୀବନର ସମସ୍ତ ସୁଖ, ସୌନ୍ଦର୍ଯ୍ୟକୁ ଜଳାଞ୍ଜଳି ଦେଇ ସେହି ସନ୍ତାନର ପରିଚୟରେ ପରିଚିତ ହୋଇ ଆତ୍ମଗର୍ବ କରେ । ଆଜି ମନେ ପଡ଼ନ୍ତି ଅନେକ ତ୍ୟାଗଶୀଳା, ବାତ୍ସଲ୍ୟମୟୀ ମାତା - ମାଆ କୌଶଲ୍ୟା, ମାତା କୁନ୍ତୀ, ମାଆ ଗାନ୍ଧାରୀ, ମାଆ ଯଶୋଦା । ମାଆ ପୁତୁଳୀବାଇ, ମାଆ ଜୀଜାବାଇ, ମଦରଟେରେସା, ଫ୍ରାନ୍ସର ମହୀୟସୀ ମାଆ ମୀରା ଆଲଫଂସା, ମାଆ ପ୍ରଭାବତୀ ଦେବୀ, ମାଆ ରମା ଦେବୀ, ମାଆ ସରଳା ଦେବୀ, ମାଆ କସ୍ତୁରବା ଗାନ୍ଧୀଙ୍କୁ ପାଇ ଏ ଜାତି ଆଜି ବି ଗର୍ବ କରୁଛି । ସେହି ମାତୃଜାତି ଯେଉଁ ଅମୂଲ୍ୟ ରତ୍ନ ସ୍ୱରୂପ ସନ୍ତାନ ସୃଷ୍ଟି କରିଥିଲେ, ସେହି ଅମ୍ଳାନ କାଳଜୟୀ ସନ୍ତାନମାନଙ୍କୁ ନେଇ କେବଳ ରାଷ୍ଟ୍ର ନୁହେଁ, ସମଗ୍ର ବିଶ୍ୱ ମଧ୍ୟ ଗର୍ବିତ । ରାଷ୍ଟ୍ର ନିର୍ମାଣର ଦିବ୍ୟ ସ୍ରଷ୍ଟା ହେଉଛି ମାଆ । ଆମ ବେଦ ମଧ୍ୟ କହେ ମାଆ ହେଉଛି ଗୋଟିଏ ରାଷ୍ଟ୍ରର ଧ୍ୱଜା । ପ୍ରତିଟି ସନ୍ତାନ ଏହା ମଧ୍ୟ ସ୍ୱୀକାର କରିବ ଯେ, ତା'ର ପ୍ରଥମ ପରିଚୟ ହେଉଛି ମାଆର ଛାତି, ଯେଉଁଠାରୁ ଅମୃତ ପାନ କରି ବଡ଼ ମଣିଷ ହୋଇ ସମାଜ ଓ ରାଷ୍ଟ୍ରର ବିକାଶରେ ଶ୍ରେଷ୍ଠ ସାଧକ ହୁଏ ।

ଏଇଠି ମନେ ପଡ଼ନ୍ତି ବିଂଶ ଶତାବ୍ଦୀର ଆମେରିକାର ବିଖ୍ୟାତ ବୈଜ୍ଞାନିକ ଥୋମାସ୍ ଆଲଭା ଏଡିସନ୍ । ସାତବର୍ଷ ବୟସରେ ସ୍କୁଲରୁ ପାଇଥିବା ଗୋଟିଏ ଡାଇରି ଯେତେବେଳେ ଘରକୁ ଆଣି ମାଆଙ୍କୁ ଦେଖାନ୍ତି ଓ ପଚାରନ୍ତି - 'ମାଆ ଶିକ୍ଷୟିତ୍ରୀ କ'ଣ ଲେଖିଛନ୍ତି?' ମାଆ ପଢ଼ି କହନ୍ତି, 'ତମ ପିଲା ଜଣେ ଅସାଧାରଣ ପ୍ରତିଭା ସଂପନ୍ନ ବୁଦ୍ଧିମାନ ବାଳକ । ତା'କୁ ପଢ଼ାଇବାକୁ ଏଠାରେ ଶିକ୍ଷକ ନାହାନ୍ତି । ତେଣୁ ତା'କୁ ତୁମେ ଘରେ ପାଠ ପଢ଼ାଅ ।' ସେଦିନ ସେ ନିଜ ସ୍ୱାଭିମାନ ରକ୍ଷା କରି ପିଲାଟିର ବୌଦ୍ଧିକତାକୁ ବାଧା ନଦେଇ ନିଜେ ଘରେ ତାଙ୍କ ପାଠପଢ଼ାର ଦାୟିତ୍ୱ ନେଲେ । ସେହି ପିଲା ଦିନେ ବୁଦ୍ଧିମତ୍ତାରେ ସମଗ୍ର ବିଶ୍ୱକୁ ଚମତ୍କୃତ କରି ବିଦ୍ୟୁତ୍ ବଲବ୍ ସହ ପ୍ରାୟ ତିନିଶହ ନୂତନ ପଦାର୍ଥ ଉଦ୍ଭାବନ କରି ସମଗ୍ର ବିଶ୍ୱକୁ ଆଲୋକିତ କରିଥିଲେ । ମାଆଙ୍କ ଦେହାନ୍ତ ପରେ ଯେତେବେଳେ ଥୋମାସ୍ ସେହି ଡାଏରିଟିକୁ ପାଇ ପଢ଼ିଲେ ସେଥିରେ କିନ୍ତୁ ଲେଖାଥିଲା: 'ଥୋମାସ୍ ଆଲଭା ଏଡିସନ ଏକ ବିକୃତ ମସ୍ତିଷ୍କ ପିଲା । ତା'କୁ ଏଠାରେ ପଢ଼ାଇ ହେବନି । ତାକୁ ଘରେ ପଢ଼ାନ୍ତୁ ।' ଏଡିସନ ଏକଥା ଜାଣି ମାଆଙ୍କ ମହନୀୟତାକୁ ସ୍ମରଣ କରି ସେହି ଡାଏରୀରେ ଲେଖିଲେ, ଥୋମାସ୍ ଆଲ୍ଭା ଏଡିସନ୍ ଜଣେ ବିଚଳିତ ଶିଶୁ ଥିଲେ, ଯିଏ ଜଣେ ବୀରା ମାଆଙ୍କ ଦ୍ୱାରା ଦେଶର ପ୍ରତିଭା ରୂପେ ପରିଚୟ ଲାଭ କରିଥିଲେ ।' ଏହି ଦୂରଦର୍ଶୀ ବିଚକ୍ଷଣା ହୃଦୟଗ୍ରାହୀ ମାଆ ଥିଲେ ନାନ୍ସୀ ଏଡିସନ୍ ଯେ କି ବାଳକ ଏଡିସନଙ୍କ ମନରେ ପ୍ରଚଣ୍ଡ ଆତ୍ମବିଶ୍ୱାସ ସହ ଆଶାର ସୌଧ ଗଢ଼ି ଦେଇଥିଲେ ।

ବିଶ୍ୱକବି କାଳିଦାସ ରଚିତ ନାଟକ 'ଅଭିଜ୍ଞାନ ଶକୁନ୍ତଳମ୍'ରେ ମଧ୍ୟ ବର୍ଣ୍ଣନା ହୋଇଛି ମାତା ମେନକା ଓ ପିତା ବିଶ୍ୱାମିତ୍ରଙ୍କଠାରୁ ଜନ୍ମିତ ଶକୁନ୍ତଳା ଥିଲେ କଣ୍ୱ ଋଷିଙ୍କ ପାଳିତ କନ୍ୟା । ଶକୁନ୍ତଳା ହସ୍ତିନା ନୃପତି ଦୁଷ୍ମନ୍ତଙ୍କୁ ବିବାହ କରି ମାତା ହୋଇଥିଲେ । ପରେ ପିତୃତ୍ୱର ସତ୍ୟତା ପାଇଁ ତାଙ୍କୁ କେତେ ପରୀକ୍ଷା ଓ ବିଷମ ପରିସ୍ଥିତିର ସମ୍ମୁଖୀନ ହେବାକୁ ନ ପଡ଼ିଛି! ନିଜକୁ ମାଆ ରୂପେ ପ୍ରମାଣ କରିବାକୁ ସେ କେତେ କଷ୍ଟ କରିନଥିଲେ! କାଶ୍ୟପ ମୁନିଙ୍କ ଆଶ୍ରମରେ ସେ ଧୈର୍ଯ୍ୟର ସହିତ ପାଳି ଚାଲିଲେ ତାଙ୍କ ପୁତ୍ର ଭରତକୁ । ମାତୃତ୍ୱର ଦାମ୍ଭିକତା ନେଇ ସେ ସାହସର ସହ ଦେଶର ଭବିଷ୍ୟତକୁ ସେଦିନ ପାଳନ କରିଥିଲେ ଯେଉଁ ଭରତଙ୍କ ନାମାନୁସାରେ ଆଜି ଆମ ରାଷ୍ଟ୍ରର ନାମ ଭାରତବର୍ଷ ହୋଇଛି । ସେହିପରି ଭଗବାନ ଗୌତମବୁଦ୍ଧ ଯେତେବେଳେ ଗୃହତ୍ୟାଗ କରି ବୁଦ୍ଧତ୍ୱ ଲାଭ କରିବାକୁ ଯାଇ ପତ୍ନୀ ଯଶୋଧାରାଙ୍କୁ ତ୍ୟାଗ କଲେ, ଶିଶୁ ପୁତ୍ର ରାହୁଲର ସଂପୂର୍ଣ୍ଣ ଦାୟିତ୍ୱ ସେ ନେଇ ସୁନ୍ଦର ମାତୃତ୍ୱର ପରିଚୟ ଦେଇଥିଲେ ।

ନବମ ଲୁଇ ଥିଲେ ଫ୍ରାନ୍ସ ରାଜପରିବାରର ଜଣେ ଲୋକପ୍ରିୟ ପ୍ରଭାବଶାଳୀ ଓ ତେଜସ୍ୱୀ ରାଜା, ଯିଏ ଜୀବନର ସମସ୍ତ ସଫଳତାର ଶ୍ରେୟ ତାଙ୍କ ମାତାଙ୍କୁ ହିଁ ଦେଇଥିଲେ । ଯେତେବେଳେ ସେ ଛୋଟ ଥିଲେ ତାଙ୍କ ମା' ତାଙ୍କୁ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇ ତାଗିଦ୍ କରି ସେଦିନ କହିଥିଲେ, 'ତୁମେ ଜୀବନରେ କୌଣସି ଅକରଣୀୟ କାମ କରିବ ନାହିଁ । ଯଦି ତୁମେ ଭୁଲ ବାଟରେ ଯାଅ ଏବଂ ତୁମ ଆତ୍ମାରେ କଳଙ୍କର ଟିକା ଲାଗେ, ତେବେ ମୁଁ ଏହା କଦାପି ସହ୍ୟ କରିବି ନାହିଁ । ବରଂ ସିଂହାସନ ଖାଲି ରହୁ ବୋଲି ଇଚ୍ଛା କରିବି । ତୁମର କୁକର୍ମ ଦେଖିବା ଅପେକ୍ଷା ବରଂ ମୁଁ ନିଜେ ତୁମର ମୃତ୍ୟୁର କାମନା କରିବି ।' ନିଜର ଶିଶୁପୁତ୍ରକୁ ଭଲ ବାଟରେ ଆଣିବା ପାଇଁ ଏହା କେବଳ କଡ଼ା ତାଗିଦ୍ ନଥିଲା, ଥିଲା କଠୋରତା ଓ କଟୁତା । ମାଆଙ୍କ ପ୍ରେରଣାରେ ନବମ ଲୁଇ ଭବିଷ୍ୟତରେ ଜଣେ ଲୋକପ୍ରିୟ ପ୍ରଭାବଶାଳୀ ରାଜା ହୋଇ ପାରିଥିଲେ ।

ଏ ତ ଥିଲା ମାତୃତ୍ୱର ପରାକାଷ୍ଠା ଓ ପ୍ରେରଣା ତା'ର ସନ୍ତାନ ପ୍ରତି । ଆଜିର ଆଧୁନିକ ମଣିଷ ଜଗତିକରଣ, ପାଶ୍ଚାତ୍ୟକରଣ ଓ ସହରୀକରଣର ଆଳ ଦେଖାଇ ବସ୍ତୁବାଦୀ ମୋହରେ ଅଧିକ ଅର୍ଥ ଓ ପ୍ରତିଷ୍ଠା ପଛରେ ଧାଇଁ ନୈତିକତାକୁ ହରାଇ ମାଆ ପ୍ରତି ସମ୍ମାନ ତ ଦୂରର କଥା ବରଂ ଆଧୁନିକ ସମାଜରେ ଜରାଶ୍ରମ ହିଁ ମାଆର ଶେଷ ଠିକଣା ହୋଇଛି । ମାଆ ଆଜି ବୋଝ ପାଲଟି ଯାଇଛି । ଆମେ ଭୁଲିଯିବା ଉଚିତ ନୁହେଁ ଯେ ମାତୃଶକ୍ତି ବିନା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ ନୁହେଁ । ପ୍ରତ୍ୟେକ ମାଆ ଶାନ୍ତି, ମୈତ୍ରୀ ଓ ପ୍ରୀତିର ସ୍ୱାକ୍ଷର, ବିଶ୍ୱାସର ମେରୁଦଣ୍ଡ ଓ ପ୍ରଗତିର ପ୍ରତୀକ । ଯଦି ଆମେ ଆମ ସମାଜର ଓ ରାଷ୍ଟ୍ରର ପ୍ରତ୍ୟେକ ମାଆଙ୍କୁ ଉପଯୁକ୍ତ ସମ୍ମାନ ଦେଇ ଶୃଙ୍ଖଳିତ ହୋଇ ମାଆର ଇଚ୍ଛାକୁ ବିଶ୍ୱକଲ୍ୟାଣରେ ବ୍ରତୀ କରାଇ ଦେଶକୁ ପ୍ରଗତିପଥରେ ଆଗେଇ ନେବା, ତେବେ ଆମେ ଗଢ଼ିବା ଏକ ହିଂସାମୁକ୍ତ ଓ ଶାନ୍ତିଯୁକ୍ତ ସୁନ୍ଦର ସୁସ୍ଥ ପୃଥିବୀ ।

କଟକ, ମୋ: ୭୮୪୬୯୨୧୪୦୦

## ଦଣ୍ଡିତ ଜଗନ୍ନାଥ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ମାର୍ଗଶୀର ମାସର ପ୍ରତି ଗୁରୁବାର ଦିନ ଓଡ଼ିଶାର ଘରେଘରେ ମାଣ ବସେଇ ମାଆ ଲକ୍ଷ୍ମୀଙ୍କର ଆରାଧନା କରାଯାଏ । ନୂଆ ଧାନରେ ପୂର୍ଣ୍ଣ ମାଣକୁ ମାଆଙ୍କର ପ୍ରତୀକାତ୍ମକ ବିଗ୍ରହ ବୋଲି ଧରାଯାଏ । ଲକ୍ଷ୍ମୀ ସୃଷ୍ଟି ପାଳନ ପାଇଁ ଆବଶ୍ୟକ ସମସ୍ତ ସାଧନର ଅଧିଷ୍ଠାତ୍ରୀ ଦେବୀ ଏବଂ ପାଳନ କର୍ତ୍ତା ବିଷ୍ଣୁଙ୍କର ଶକ୍ତି । ତେଣୁ ଧାନ ଅମଳ ପରେ ଓଡ଼ିଆମାନେ କୃତଜ୍ଞତାର ସହ ମାଆଙ୍କର ଆରାଧନା କରନ୍ତି ।

ଥରେ ସେହିପରି ଏକ ଗୁରୁବାର ପାଳିଦିନ ପ୍ରଭାତରେ ମାଆ ମହାପ୍ରଭୁଙ୍କ ଅନୁମତି କ୍ରମେ ନଗର ଭ୍ରମଣରେ ବାହାରିଲେ । ବୁଲି ବୁଲି ମାତା ଲକ୍ଷ୍ମୀ ଏକ ଚାଣ୍ଡାଳ ସାହିରେ ପହଞ୍ଚିଲେ । ଯାଉ ଯାଉ ତାଙ୍କର ପାଦ ଗୋଟେ ଘର ସାମନାରେ ଅଟକି ଗଲା । ଘର ଭିତରୁ ଧୂପଦୀପର ସୁଗନ୍ଧ ବାହାରି ବାତାବରଣକୁ ସୁଗନ୍ଧିତ କରୁଥିଲା; ଶଙ୍ଖ ହୁଳହୁଳିର ଶବ୍ଦ ଅଞ୍ଚଳକୁ ପ୍ରକମ୍ପିତ କରୁଥିଲା । ଘର ବାହାର ପରିଷ୍କାର କରି ଝୋଟିଚିତାରେ ମଣ୍ଡଣି କରା ଯାଇଥିଲା । ମାଆ ପଦ୍ମଫୁଲର ସୁଗନ୍ଧରେ ଆକର୍ଷିତା ହୋଇ ଘର ଭିତରକୁ ଗଲେ ଏବଂ ଦେଖି ଖୁସି ହେଲେ ଯେ ଶ୍ରୀୟା ନାମକ ଜଣେ ଚଣ୍ଡାଲୁଣୀ ଭକ୍ତି ଓ ସମର୍ପଣ ଭାବ ସହ ତାଙ୍କର ପୂଜା କରୁଥିଲା । ତା'ର ଭକ୍ତି ଓ ଆନ୍ତରିକତାରେ ମାଆ ମୁଗ୍ଧ ହେଲେ ଏବଂ ତା' ଘରେ ସ୍ୱଦେହରେ ଦର୍ଶନ ଦେଇ ଅନେକ ବର ପ୍ରଦାନ କଲେ ।

ରକ୍ଷଣଶୀଳ ବଡ଼ଠାକୁର ବଳଭଦ୍ର ଯୋଗବଳରେ ଲକ୍ଷ୍ମୀ ଚଣ୍ଡାଲୁଣୀର ପୂଜା ଗ୍ରହଣ କରୁଥିବା କଥା ଜାଣି କ୍ରୋଧିତ ହେଲେ ଏବଂ ମହାପ୍ରଭୁଙ୍କ ସମସ୍ତ ବୃତ୍ତାନ୍ତ କହି ଲକ୍ଷ୍ମୀଙ୍କୁ ମନ୍ଦିରରୁ ବାହାର କରି ଦେବା ପାଇଁ ଆଦେଶ ଦେଲେ । ଜଗନ୍ନାଥ ଜାଣିଥିଲେ ଯେ ସାରା ସଂସାରର ସମସ୍ତଙ୍କୁ ସେ ସମାନ କରି ଗଢ଼ିଥିଲେ ଏବଂ ଲକ୍ଷ୍ମୀଙ୍କ ପୂଜା ଗ୍ରହଣରେ କିଛି ଅସ୍ୱାଭାବିକତା ନ ଥିଲା । ମହାପ୍ରଭୁ ବଡ଼ଭାଇଙ୍କ ନିଷ୍ପତ୍ତିକୁ ନାପସନ୍ଦ କରୁଥିଲେ ମଧ୍ୟ ଘରର ମୁରବିଙ୍କୁ ଅବମାନନା କରିବାର ଏକ ଅସୁସ୍ଥ ପରମ୍ପରା ସୃଷ୍ଟି କରିବାକୁ ଚାହୁଁ ନ ଥିଲେ । କିନ୍ତୁ ବଡ଼ଠାକୁର ଘୋଷଣା କଲେ - 'ଭାରିଜାରେ କାର୍ଯ୍ୟ ଯେବେ ଅଛିରେ କହ୍ନାଇ, ଚଣ୍ଡାଳ ସାହିରେ ଘର ତୋଳ ବେଗେ ଯାଇ ।' ଅନ୍ୟ ଉପାୟ ନ ଦେଖି ମହାପ୍ରଭୁ ଲକ୍ଷ୍ମୀ ନଗର ଭ୍ରମଣରୁ ଫେରିବା ପରେ ତାଙ୍କୁ ବଡ଼ ଭାଇଙ୍କ ନିଷ୍ପତ୍ତି ଜଣେଇ ଦେଲେ ଏବଂ ତାଙ୍କର ମନ୍ଦିର ପ୍ରବେଶକୁ ବାରଣ କଲେ ।

ଏପରି ନିଷ୍ପତ୍ତି ଶୁଣି ଲକ୍ଷ୍ମୀ ମର୍ମାହତା ହେଲେ, କିନ୍ତୁ ଭାଙ୍ଗିପଡ଼ିଲେ ନାହିଁ । କାରଣ ସେ ଭଲ ଭାବରେ ଜାଣି ଥିଲେ ଯେ ସେ କିଛି ଭୁଲ କରି ନ ଥିଲେ । ଦୁଇ ଭାଇଙ୍କୁ ଏକ ଶିକ୍ଷା ଦେବା ପାଇଁ ଏହାକୁ ବ୍ୟବହାର କଲେ । ମାତା ଅଭିଶାପ ଦେଲେ-'ମୁହିଁ ଯାଉ ଅଛି ହୀନା ଅରକ୍ଷିତା ହୋଇ, ମୋର ଅଭିଶାପ ଘେନ ପ୍ରଭୁ ଭାବଗ୍ରାହୀ/ ସତେ ଯେବେ ଚନ୍ଦ୍ର ସୂର୍ଯ୍ୟ ହ୍ୱନ୍ତି ଆତଯାତୟ, ତୁମ୍ଭଙ୍କୁ ଅନ୍ନ ନ ମିଳୁ ଆହେ ଜଗନ୍ନାଥ / ବାର ବର୍ଷ ଯାଏଁ ତୁମ୍ଭେ ଦରିଦ୍ର ହୋଇବ, ଅନ୍ନ ବସ୍ତ୍ର ଜଳ ବି ତୁମ୍ଭଙ୍କୁ ନ ମିଳିବ ।'

ଲକ୍ଷ୍ମୀଙ୍କ ଅଭିଶାପ ଅନୁଯାୟୀ ଦୁଇଭାଇ ବାରବର୍ଷ ପର୍ଯ୍ୟନ୍ତ ଭୋକରେ ବାର ଦୁଆର ବୁଲିଲେ ସିନା ହେଲେ ଖାଇବାକୁ ମିଳିଲା ନାହିଁ । ଓଡ଼ିଆରେ ଏକ ଲୋକକଥା ଅଛି ଲକ୍ଷ୍ମୀଛଡ଼ାଙ୍କୁ ଖାଇବାକୁ ମିଳେ ନାହିଁ । ଜଗନ୍ନାଥ ଓ ବଳଭଦ୍ରଙ୍କ ଅବସ୍ଥା ସେୟା ହେଲା । ଶେଷରେ ଅଜାଣତରେ ଦୁଇଭାଇ ଲକ୍ଷ୍ମୀଙ୍କ ଦୁଆରକୁ ଯାଇ ଅନ୍ନଭିକ୍ଷା କଲେ । ଦୁଇ ଭାଇ ଭୋଗୀ ଥିବା ଦୁଃଖ ସେତେବେଳକୁ ମାଆଙ୍କୁ ବିଚଳିତ କରି ସାରିଥିଲା । ସେ ଦୁଇ ଭାଇଙ୍କର ମନ ମୁତାବକ ନାନା ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରି ଦାସୀମାନଙ୍କ ହାତରେ ପରଶି ଦେଲେ । ଭୋଜନ ଶେଷରେ ପୋଡ଼ପିଠା ପରଶିଲେ । ଆକଣ୍ଠ ଭୋଜନ କରି ଦୁଇ ଭାଇ ତୃପ୍ତ ହେଲା ପରେ ବଡ଼ ଠାକୁର ଜାଣିପାରିଲେ ଯେ ତାହା ଲକ୍ଷ୍ମୀଙ୍କ ହାତରନ୍ଧା । ତେଣୁ ସେ ଲକ୍ଷ୍ମୀଙ୍କୁ ଯାଇ କ୍ଷମା ମାଗି ମନ୍ଦିରକୁ ଫେରିଯିବା ପାଇଁ ଅନୁରୋଧ କରିବାକୁ ଜଗନ୍ନାଥଙ୍କୁ ଆଦେଶ ଦେଲେ । ଲକ୍ଷ୍ମୀ କେତେକ ସର୍ତ୍ତରେ ଯିବା ପାଇଁ ରାଜି ହେଲେ- 'ଏତେ କହି ଗୋବିନ୍ଦ ଧରିଲେ ଲକ୍ଷ୍ମୀ ହସ୍ତ, ଜଗତ ମାତ ବୋଇଲେ ତୁମ୍ଭେ କର ସତ୍ୟ / ଚଣ୍ଡାଳୁ ବ୍ରାହ୍ମଣ ଯାଏଁ ଖୁଆ ଖୋଇ ହେବେ, ସମସ୍ତେ ଖାଇଣ ହାତ ଜଳେ ନ ଧୋଇବେ / ହାଡ଼ିର ହାତୁ ବ୍ରାହ୍ମଣ ଛଡ଼ାଇ ଖାଇବେ, ବ୍ରାହ୍ମଣେ ଖାଇ ହାତକୁ ମୁଣ୍ଡରେ ପୋଛିବେ / ଅନ୍ନ ଖାଇ ସର୍ବେ ମୁଣ୍ଡେ ପୋଛୁଥିବେ ହସ୍ତ, ତେବେ ବଡ଼ ଦେଉଳକୁ ଯିବି ଜଗନ୍ନାଥ ।' ମହାପ୍ରଭୁ ମାଆଙ୍କର ସମସ୍ତ କଥାରେ ରାଜି ହେବାରୁ ଦୁଇ ଠାକୁର ମାଆଙ୍କ ସହ ମନ୍ଦିରକୁ ବିଜେ କଲେ । ଏହି ଲୋକକଥା ଆଧାରରେ 'ଲକ୍ଷ୍ମୀ ପୁରାଣ' ଲେଖି ମହାତ୍ମା ବଳରାମ ଦାସ ସଂସାରକୁ ଏକ ଶିକ୍ଷା ଦେବା ପାଇଁ ସଫଳ ପ୍ରୟାସ କରିଥିଲେ ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୨୫ • ପାଉଣ୍ଡ ୧୧୭.୦୩
- ୟୁରୋ ୧୦୨.୯୪ • ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୬,୪୫୦ (ନୂଆଦିଲ୍ଲୀ)
- ରୁପା : ୧,୬୨,୯୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୮୪,୫୮୭.୦୦
- ନିଫ୍ଟି ୨୫,୮୮୪.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## କାନାରା ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ



ଭୁବନେଶ୍ୱର, ୨୫।୧୧ (ସମିସ): କାନାରା ବ୍ୟାଙ୍କ, ଭୁବନେଶ୍ୱର ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ ଭାବେ ସୁମନ ଚକ୍ରବର୍ତ୍ତୀ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଶ୍ରୀ ଚକ୍ରବର୍ତ୍ତୀଙ୍କର ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ବିଭିନ୍ନ ସ୍ଥାନରେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିବାର ଦୀର୍ଘ ୨୯ ବର୍ଷର ଅଭିଜ୍ଞତା ରହିଛି। ତାଙ୍କର ସଫଳ ନିଜର କ୍ୟାରିୟରରେ ସେ ରିଟେଲ ଆସେଟ୍ ହବ୍, ରିଜିଓନାଲ ମୁଖ୍ୟ, ଟ୍ରେଜେରୀ ପରିଚାଳନା , ମିଡ୍ କର୍ପୋରେଟ୍ କ୍ରେଡିଟ୍, ରିସ୍କ ମ୍ୟାନେଜମେଣ୍ଟ ସହିତ ହଙ୍କକଙ୍ଗ୍ ଏବଂ ଜୋହନସବର୍ଗର ବ୍ୟାଙ୍କର ବିଦେଶୀ ଶାଖାରେ କାର୍ଯ୍ୟ କରିଛନ୍ତି। ଶ୍ରୀ ଚକ୍ରବର୍ତ୍ତୀ ଭୁବନେଶ୍ୱରର ମଣ୍ଡଳ ମୁଖ୍ୟ ଭାବେ ବ୍ୟବସାୟିକ ଅଭିବୃଦ୍ଧିକୁ ସୁଦୃଢ କରିବା, ଗ୍ରାହକ ସେବା ପ୍ରଦାନ କରିବା, କାର୍ଯ୍ୟ ଦକ୍ଷତାକୁ ବୃଦ୍ଧି କରିବା ଏବଂ ଓଡିଶାର ଗ୍ରାମୀଣ, ଅର୍ଦ୍ଧ-ସହରୀ ଓ ସହରାଞ୍ଚଳରେ ବ୍ୟାଙ୍କିଙ୍ଗ୍ ସେବାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିବେ ବୋଲି ସୂଚନା ଦେଇଛନ୍ତି।

## ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ୪ ନୂଆ ପାସିଭ୍ ସ୍କିମ୍

ମୁମ୍ବଇ,୨୫।୧୧ : ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ଚାରିଟି ନୂତନ ପାସିଭ୍ ସ୍କିମ୍ ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ସେଗୁଡିକ ହେଉଛି ଡିଏସ୍‌ପି ନିଫ୍‌ଟି ମିଡ୍‌କ୍ୟାପ ୧୫୦ ଇଣ୍ଡେକ୍ସ ଫଣ୍ଡ, ଡିଏସ୍‌ପି ନିଫ୍‌ଟି ମିଡ୍‌କ୍ୟାପ ୧୫୦ ଇଟିଏଫ, ଡିଏସ୍‌ପି ନିଫ୍‌ଟି ସ୍ମଲକ୍ୟାପ୍ ୨୫୦ ଇଣ୍ଡେକ୍ସ ଫଣ୍ଡ ଏବଂ ଡିଏସ୍‌ପି ନିଫ୍‌ଟି ସ୍ମଲକ୍ୟାପ୍ ୫୦ ଇଟିଏଫ୍। ଏହି ନୂତନ ଉତ୍ପାଦଗୁଡିକ ମିଡ୍ ଓ ସ୍ମଲ୍ କ୍ୟାପ୍ ବିଭାଗଗୁଡିକ ନିମନ୍ତେ ନିୟମ ଆଧାରିତ, କମ୍ ଖର୍ଚ୍ଚସାପେକ୍ଷ ସୁଯୋଗ ଯୋଗାଇଦେଇ ଡିଏସ୍‌ପିର ପରୋକ୍ଷ ପୁଞ୍ଜିନିବେଶ କ୍ଷେତ୍ରକୁ ସୁଦୃଢ କରୁଛି।

# ୨୦୨୭ ସୁଦ୍ଧା ଅଧା ହୋଇଯିବ ତେଲ ଦର

## ୩୦ ଡଲାର ତଳକୁ ଖସିଆସିବ ଅଶୋଧିତ ତୈଳ

### ବିଶ୍ୱ ବଜାରରେ ଚାହିଦା ଅପେକ୍ଷା ୩ ଗୁଣ ବଢ଼ିବ ଯୋଗାଣ




ନୂଆଦିଲ୍ଲୀ,୨୫।୧୧(ଏଜେନ୍ସି): ଆଗାମୀ ଦିନରେ ଦିନରେ ଦେଶରେ ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ମୂଲ୍ୟ ହ୍ରାସ ପାଇପାରେ। ଆର୍ଥିକବର୍ଷ ୨୦୨୭ ସୁଦ୍ଧା ବିଶ୍ୱ ବଜାରରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ପ୍ରତି ବ୍ୟାରେଲ ୩୦ ଡଲାରକୁ ହ୍ରାସ ପାଇପାରେ। ଏହାର ମୁଖ୍ୟ କାରଣ ହେଉଛି, ଯେତେବେଳେ ବିଶ୍ୱରେ ତୈଳ ଯୋଗାଣ ଚାହିଦାଠାରୁ ବହୁତ ଅଧିକ ରହିବ ସେତେବେଳେ ତେଲ ଦରରେ ଏଭଳି ପରିବର୍ତ୍ତନ ଘଟିବ ବୋଲି ବିଶ୍ୱ ସ୍ତରୀୟ ରେଟିଂ ଏଜେନ୍ସି ଜେପି ମୋର୍ଗାନ୍ କହିଛି। ଏହା ଭାରତ ଭଳି ଦେଶ ପାଇଁ ଭଲ ଖବର। ସୂଚନାଯୋଗ୍ୟ ଯେ, ଭାରତ ଏହାର ଅଶୋଧିତ ତୈଳ ଆବଶ୍ୟକତାର ୮୫% ରୁ ଅଧିକ ଆମଦାନୀ କରିଥାଏ।

ଜେପି ମୋର୍ଗାନର ସଦ୍ୟତମ ପୂର୍ବାନୁମାନ ଅନୁଯାୟୀ, ଆଗାମୀ ତିନି ବର୍ଷ ମଧ୍ୟରେ ତୈଳ ବ୍ୟବହାର ବୃଦ୍ଧି ପାଇବ, କିନ୍ତୁ ତୈଳ ଉତ୍ପାଦନ ଆହୁରି ଦ୍ରୁତ ଗତିରେ ବୃଦ୍ଧି ପାଇବ। ବିଶେଷକରି ଓପେକ୍ ପ୍ଲସ୍ ରାଷ୍ଟ୍ରଙ୍କ ବ୍ୟତୀତ ଅନ୍ୟ ଦେଶଗୁଡ଼ିକ ମଧ୍ୟ ଅଶୋଧିତ ତୈଳ ଉତ୍ପାଦନ ବୃଦ୍ଧି କରିବେ। ରିପୋର୍ଟ ଅନୁଯାୟୀ, ବିଶ୍ୱ ବଜାରରେ ତେଲ ଯୋଗାଣ ଚାହିଦା ଅପେକ୍ଷା ପ୍ରାୟ ତିନି ଗୁଣ ଦ୍ରୁତ ଗତିରେ ବୃଦ୍ଧି ପାଇବ। ୨୦୨୭ରେ ଯୋଗାଣ ବୃଦ୍ଧିର ଗତି ସାମାନ୍ୟ ହ୍ରାସ ପାଇବ, କିନ୍ତୁ ଏହା ବଜାର ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ। ଚାହିଦା ଏବଂ ଯୋଗାଣରେ ଏହି ଅସନ୍ତୁଳନ ଅଣ-ଓପେକ୍ ପ୍ଲସ୍ ଦେଶଗୁଡ଼ିକରୁ ତୈଳ ଉତ୍ପାଦନ ବୃଦ୍ଧି ହେତୁ ହୋଇଛି। ୨୦୨୭ ସୁଦ୍ଧା ମୋଟ ଯୋଗାଣ ବୃଦ୍ଧିର ଅଧା ଏହି ଦେଶଗୁଡ଼ିକରୁ ଆସିବ। ଏହି ଅସନ୍ତୁଳନ ଯୋଗୁଁ, ୨୦୨୬ ରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ୬୦ ଡଲାର ତଳକୁ ଖସିଯାଇ ବର୍ଷର ଶେଷ ତିନି ମାସରେ ୫୦ ଡଲାରରେ ପହଞ୍ଚିପାରେ। ୨୦୨୭ ସୁଦ୍ଧା, ହାରାହାରି ମୂଲ୍ୟ ୪୨ ଡଲାରକୁ ଯାଇ ବର୍ଷ ଶେଷ ସୁଦ୍ଧା ୩୦ ଡଲାର ତଳକୁ ମଧ୍ୟ ଖସିଯାଇପାରେ। ବର୍ତ୍ତମାନ, ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ପ୍ରତି ବ୍ୟାରେଲ ୬୦ ଡଲାର ଉପରେ କାରବାର କରୁଛି।

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର,୨୫।୧୧(ସମିସ): ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ୱାର୍ଲ୍ଡ ସ୍କିଲ୍ ସେଣ୍ଟରଠାରେ ୧୮ତମ ସିକେୱାଇସିଆର୍‌ଆର୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ବରିଷ୍ଠ ଅଧିକାରୀମାନଙ୍କ ସମେତ ଭୁବନେଶ୍ୱର ସହର ଅନ୍ତର୍ଗତ ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ମୁଖ୍ୟ କାର୍ଯ୍ୟାଳୟର କେୱାଇସି ମହାପ୍ରବନ୍ଧକ ସୁନିଲ କୁମାର, ଅର୍ଥ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଡିଏଫ୍‌ଏସ୍ ସୁଧିର ଶ୍ୟାମ ,ମୁଖ୍ୟ ମହାପ୍ରବନ୍ଧକ ପ୍ରବୀଣ ଶର୍ମା, ସେରସାଇର ଏମ୍‌ଡି ଉମେଶ କୁମାର ସିଂ, ଫିଉ-ଇଣ୍ଡର ଡେପୁଟୀ ଡାଇରେକ୍ଟର ହନି ପାଟଡି, ମୁଖ୍ୟ ମହାପ୍ରବନ୍ଧକ ତଥା ଏସ୍‌ଏଲ୍‌ବିସି ସଂଯୋଜକ ଗୌତମ ପାତ୍ର ଏବଂ ଭୁବନେଶ୍ୱରର ଅଞ୍ଚଳ ପ୍ରବନ୍ଧକ ଏଚ୍. କେ ଦାସ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମେନ୍ଦ୍ରଙ୍କୁ ଭାରତ ମସଲାର ଶ୍ରଦ୍ଧାଞ୍ଜଳି




କଟକ,୨୫।୧୧(ସମିସ): ଭାରତ ମସଲାକୁ ବିଶ୍ୱଦରବାରରେ ପହଞ୍ଚାଇବାରେ ଧର୍ମେନ୍ଦ୍ରଙ୍କର ରହିଛି ମହତ୍ୱପୂର୍ଣ୍ଣ ଅବଦାନ। ୨୦୧୫ରୁ ସେ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ଭାବେ କାର୍ଯ୍ୟ କରି ଆସୁଥିଲେ। ତାଙ୍କର ଦେହାନ୍ତ ଖବର ପାଇ ଭାରତ ମସଲା କମ୍ପାନୀର ପ୍ରତ୍ୟେକ ସଦସ୍ୟ ଆଜି ଦୁଃଖରେ ମ୍ରିୟମାଣ। ଆଜିଠାରୁ ଧର୍ମେନ୍ଦ୍ରଜୀଙ୍କ ସ୍ୱରରେ ଟିଭି ପରଦାରେ ଆଉ ଶୁଭିବନି ଭାରତ ମସଲା 'ଦି ଟେଷ୍ଟ ଅଫ ନିଉ ଇଣ୍ଡିଆ' ବୋଲି ଧର୍ମେନ୍ଦ୍ରଙ୍କ ବିୟୋଗରେ ଶୋକ ବ୍ୟକ୍ତ କରି କହିଛନ୍ତି ଭାରତ ମସଲାର ଏମ୍‌ଡି ସୁଶାନ୍ତ କୁମାର ପଣ୍ଡା। କଟକ ବାରଙ୍ଗସ୍ଥିତ ରାମଦାସପୁର କମ୍ପାନୀ ପରିସରରେ ଆୟୋଜିତ ଶୋକସଭାରେ ଅଧକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସଏନ ମିଲେନିୟମ, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ ଓ ଲୋକ ସମ୍ପର୍କ ଅଧିକାରୀ ଆଶିଷ ମନ୍ଥନ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।


**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

*Campus:*
262, Puranpadhan, Balakati, Bhubaneswar

Mob. 7019799641, 7978608747
9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL


### LOST

I, **Saroj Kumar Sahu**, S/o- Jagadananda Sahu, resident of Vill/PO: Purena, PS/Teh: Padampur, Dist: Bargarh, Odisha do hereby declare that, the original Regd. Sale Deed bearing No. 10171401541 dtd-31.07.2014 & the original patta of M.S.R.O.R Khata No. 152/334 (Issue dt. 23.09.2021) Mouza- Purena, PS-Padampur, Dist: Bargarh has been lost somewhere while I was going from my house at Purena to Padampur on dt. 29/10/2025. If anyone finds it kindly contact to my address. If anyone will misutilize it, we will not be responsible for it.

**Saroj Kumar Sahu**

### NOTICE

By virtue of an affidavit sworn before **Hemangini Majhi O.R.S Executive Magistrate, Kakatpur**, dated 21/11/2025, **LAXMIPRIYA BEHERA**, W/o Ajay Behera permanent resident of Tentulia, Po: Bangurigaon, Ps - Kakatpur, Dist- Puri, State- Odisha, Pin-752118 declare that I have changed my daughter's name from **PRAGNAYAPARIMITA BEHERA** to **PRANGA PARIMITA BEHERA.** Henceforth, she shall be known as **PRANGA PARIMITA BEHERA** for all future purposes.

(Sd- **LAXMIPRIYA BEHERA**)

B-733

E-mail ID: eerbngpur@yahoo.com
Tel & Fax -06858-222833 (O)

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR**

**e-Procurement Notice**

**Bid Identification No. S.E (R&B)-22/2025-26/NGP**

No.6364/Date 17.11.2025

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

| | | | |
|---|---|---|---|
| 1. | Name of the Work | : | Electrical Work as mentioned in DTCN |
| 2. | No. of Work | : | 05 Nos. |
| 3. | Estimated Cost | : | Rs. 6.73 Lakhs to 37.47 Lakhs |
| 4. | Period of completion | : | 2 Calendar of Months |
| 5. | Date & Time of Bidding | : | From 11.00 hours of 25.11.2025. upto 16.00 hours of 05.12.2025. |
| 6. | Last date & time for receipt of bids in portal | : | 16.00 hours of 05.12.2025. |
| 7. | Bids received online shall be opened on | : | 11.00 hours of 06.12.2025. |
| 8. | Name and address of the officer inviting Bid | : | Superintending Engineer, Nabarangpur(R&B)Division, Nabarangpur |

Further details can be seen from the www.tendersodisha.gov.in

OIPR-

Superintending Engineer
Nabarangpur (R&B) Division

### AFFIDAVIT

By virtue of an affidavit sworn before The Notary Public, Bhubaneswar, date-18/11/2025. I, Susit Kumar Jena, S/o Nimain Charan Jena, resident of Flat No. 401, Manjulata Mansion, Nandan Vihar, Kalarahanga, Bhubaneswar, Dist- Khordha, PIN- 751024, Odisha declare that I have changed my minor daughter's name from **Sritika Sephali Jena to Sritika Jena.** Henceforth, she shall be known as **Sritika Jena** (new name) for all purposes.

**Susit Kumar Jena**

### AFFIDAVIT

By virtue of an affidavit no. 4439, before the Executive Magistrate, Salipur, Cuttack on dtd.24.11.2025, I, WAZDA TABSUM, W/o- Mohammed Habib, resident of At/Po: Tilda, Ps: Salipur, Dist: Cuttack, Odisha, do hereby declare that my name has been wrongly mentioned as WAZEDA TABASSUM in some documents, whereas my correct and actual name is **WAZDA TABSUM** both names refer to the same and one person, i.e., myself. Henceforth, I shall be known as **WAZDA TABSUM** for all purposes.

## ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ / यूनियन बैंक ऑफ इंडिया / Union Bank of India

भारत सरकार का उपक्रम / A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ରଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ରଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୧୧.୧୨.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ରଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ଦେୟ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | **ଭାବିନିପୁର ଶାଖା, ଫୋନ୍: ୭୨୦୫୨୨୭୫୭୦/** **୧) ବି ଚନ୍ଦ୍ରୟା,** ପିତା: ବୁରୁଡୁ ସାତେୟା, ପଡା ପେଣ୍ଟାପଲ୍ଲୀ, ବାହାଦୁର ପେଟା, ଡୁରା, ଗଞ୍ଜାମ, **୨) ବି ଲଚିମି ଆମ୍ମା,** ସ୍ୱାମୀ: ବି ଚନ୍ଦ୍ରୟା, ପଡା ପେଣ୍ଟାପଲ୍ଲୀ, ବାହାଦୁର ପେଟା, ଡୁରା, ଗଞ୍ଜାମ, ଓଡ଼ିଶା, **୩) ରବି ନାରାୟଣ ସାହୁ,** ପିତା: କୃଷ୍ଣ ଚନ୍ଦ୍ର ସାହୁ, ବିଜୟ ବିହାର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା / **ମୋଟ ବକେୟା: ୦୨.୦୧.୨୦୨୦ ସୁଦ୍ଧା ଟ.୬,୭୩,୯୬୨/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ବି ଲଚିମି ଆମ୍ମାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୨୧୧, ଖାତା ନଂ.: ୧୨୯୦/୯୮୭, କ୍ଷେତ୍ର: ଏକର୦.୦୨୫ ଡିସିମିଲି, ରେଭିନ୍ୟୁ ମୌଜା: ଡୁରା, ପଡା ପେଣ୍ଟାପଲ୍ଲୀ, ବାହାଦୁର ପେଟା, ଡୁରା, ତହସିଲ: କନିସି, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପି ଏରମ୍ମାଙ୍କ ଗୃହ, ପଶ୍ଚିମ: ବି ସାତେୟାଙ୍କ ଗୃହ, ଉତ୍ତର: ଦଣ୍ଡାସୀ ଷ୍ଟ୍ରିଟ୍, ଦକ୍ଷିଣ: ରାସ୍ତା | ଟ.୧୧,୩୨,୫୦୦/- / ଟ.୧,୧୩,୨୫୦/- / ଟ.୧୧,୫୦୦/- |
| ୨. | **ନୀଳକଣ୍ଠନଗର ଶାଖା,ଫୋନ୍: ୯୮୬୧୨୮୧୨୩୪ /** **୧) ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ,** ପିତା: ଅଭିମନ୍ୟୁ ବିଶ୍ୱାଳ/ ସୁରକ୍ଷା ବିଶ୍ୱାଳ, ସା: ରାମ ନଗର ୨ୟ ଲେନ୍, କମାପଲ୍ଲୀ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୦୦୦୨, **୨) ଶ୍ରୀ ନୀଳକଣ୍ଠ ମହାନ୍ତି,** ପିତା: ଶ୍ରୀ ସୁଦର୍ଶନ ମହାନ୍ତି, ସା: ଶାସ୍ତ୍ରୀ ନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୧୦୧୮ / **ମୋଟ ବକେୟା: ୦୬.୦୪.୨୦୨୦ ସୁଦ୍ଧା ଟ.୧୯,୧୫,୨୯୧.୫୦** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ**ଙ୍କ ନାମରେ ଥିବା ଜମି ସହିତ ଫାଉଣ୍ଡେସନ୍ ଷ୍ଟ୍ରକଚର ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୨୬୭/୧୫୬୩୯/୧୬୮୩୭, ଖାତା ନଂ.: ୧୫୩୦/୭୯୪୧, ମୌଜା: ଭାବିନିପୁର, ରେଭିନ୍ୟୁ ସର୍କଲ: ବଡ଼କୁଶସ୍ଥଳି, ଥାନା: ବ୍ରହ୍ମପୁର ସଦର, ତହସିଲ: କନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଗୃହ ସମ୍ପତ୍ତିର **ସମୁଦାୟ ପରିମିତ କ୍ଷେତ୍ର: ଏକର ୦.୦୧୪ ଡ଼ିସିମିଲି,** ଏହାର ଚାରିପାର୍ଶ୍ୱରେ ପୂର୍ବ: ନୀଳକଣ୍ଠ ମହାନ୍ତିଙ୍କ ସମ୍ପତ୍ତି, ପଶ୍ଚିମ: ସନ୍ତୋଷ କୁମାର ସାହୁ ଏବଂ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ସମ୍ପତ୍ତି, ଉତ୍ତର: ପ୍ଲଟ୍ ନଂ.: ୪୨୪୪, ଦକ୍ଷିଣ: ରାସ୍ତା | ଟ.୧୧,୨୮,୦୦୦/- / ଟ.୧,୧୫,୦୦୦/- / ଟ.୧୨,୦୦୦/- |
| ୩. | **ଦିଗପହଣ୍ଡି ଶାଖା, ଫୋନ୍: ୯୭୦୪୯୧୯୨୭୦ /** **୧) ମେସର୍ସ ଅଏଲ୍‌ଲେସ୍ ଫୁଡ୍ ଇଣ୍ଡଷ୍ଟ୍ରି, ସ୍ୱତ୍ୱାଧିକାରୀ: ଶ୍ରୀମତୀ ହିଙ୍ଗଳ ତିଳତମା ରେଡ୍ଡୀ,** ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨, **୨) ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡୀ,** ପିତା: ଶ୍ରୀ ହିଙ୍ଗଳ ସୋମନାଥ ରେଡ୍ଡୀ, ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨ / **ମୋଟ ବକେୟା: ୧୦.୧୦.୨୦୨୨ ସୁଦ୍ଧା ଟ.୧୧,୪୯,୧୦୬.୬୭** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୭୧୭, ଖାତା ନଂ.: ୬୬୯, ରେଭିନ୍ୟୁ ମୌଜା: ଗୋକର୍ଣ୍ଣପୁର, ତହସିଲ/ଏସ୍‌ଆରଓ: ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର ୦.୦୨୦ ଡିସିମିଲି ଯାହା ୮୭୧ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଶିବରାମ ମହାରଣାଙ୍କ ଜମି, ପୂର୍ବ: ଏଚ୍ ରଘୁନାଥ ରେଡ୍ଡୀଙ୍କ ଗୃହ, ପଶ୍ଚିମ: ଏଚ୍ କସ୍ତୁରୀଙ୍କ ଗୃହ | ଟ.୧୮,୩୫,୦୦୦/- / ଟ.୧,୮୩,୫୦୦/- / ଟ.୧୯,୦୦୦/- |
| ୪. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** **୧) ଶ୍ରୀ ପ୍ରଭାକର ସାହୁ,** ପିତା: ଶ୍ରୀ ଅଶୋକ କୁମାର ସାହୁ, ସା: ଆରୁଆପଲ୍ଲୀ, ଗଞ୍ଜୁ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା, **୨) ଶ୍ରୀ ଅଶୋକ କୁମାର ସାହୁ,** ପିତା: ଶ୍ରୀ ଖଲ୍ଲି ସାହୁ, ସା: ଆରୁଆପଲ୍ଲୀ, ଗଞ୍ଜୁ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା / **ମୋଟ ବକେୟା: ୦୧.୦୯.୨୦୧୮ ସୁଦ୍ଧା ଟ.୧୦,୨୧,୪୬୪/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଅଶୋକ କୁମାର ସାହୁ(ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପରିମିତ କ୍ଷେତ୍ର:୧୦୮୯ ବର୍ଗଫୁଟ, ପ୍ଲଟ୍ ନଂ.: ୧୧୧୮, ଖାତା ନଂ.: ୪୭୦/୨୮୧, ରେଭିନ୍ୟୁ ମୌଜା: ଆରୁଆପଲ୍ଲୀ, ଆରୁଆପଲ୍ଲୀ, ଗଞ୍ଜୁ, ଗଞ୍ଜାମ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ତ୍ରିନାଥ ସାହୁଙ୍କ ଗୃହ, ପଶ୍ଚିମ: ନରସିଂଘ ସାହୁଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ସୀମା ବେହେରାଙ୍କ ସମ୍ପତ୍ତି | ଟ.୨୯,୦୩,୦୦୦/- / ଟ.୨,୯୦,୩୦୦/- / ଟ.୨୯,୧୦୦/- |
| ୫. | **କୁଲ୍ଲାଡ ଶାଖା, ଫୋନ୍: ୭୦୦୪୮୩୬୬୭୬ /** **୧) ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକ, **୨) ବିଜୟ ନାୟକ,** ପିତା: ସହଦେବ ନାୟକ, ଉଭୟଙ୍କ ଠିକଣା- ସା.: ରାଇପଲ୍ଲୀ, ପୋ.: ତିଳିସିଙ୍ଗି, ଭାୟା: କୁଲ୍ଲାଡ, ଗଞ୍ଜାମ, ଓଡିଶା-୭୬୧୧୩୧ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୮,୯୪,୧୦୫.୭୦** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **୧) ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ବାଲିଆପଟା, ଏସ୍‌ଆରଓ /ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୬୮/୧୦୦, ପ୍ଲଟ୍ ନଂ.: ୭୬୭/୧୨୦୮, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ : ଉମା ଚରଣ ପ୍ରଧାନଙ୍କ ଜମି, ପଶ୍ଚିମ: ଶତୃଘନ ପ୍ରଧାନଙ୍କ ଜମି, ଦକ୍ଷିଣ: ରବିନ୍ଦ୍ର ନାୟକଙ୍କ ପ୍ଲଟ୍ ନଂ.: ୭୬୮, ଉତ୍ତର: ରାସ୍ତା, **୨) ବିଜୟ ନାୟକ,** ପିତା: ସହଦେବ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ରାଇପଲ୍ଲୀ, ଏସ୍‌ଆରଓ / ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୨୩, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର ୦.୦୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲିଙ୍ଗରାଜ ପ୍ରଧାନଙ୍କ ଜମି, ଦକ୍ଷିଣ: କାଶୀନାଥ ଗୌଡଙ୍କ ଜମି, ଉତ୍ତର: ତ୍ରିନାଥ ନାୟକଙ୍କ ଜମି, ପଶ୍ଚିମ: ରାସ୍ତା | (୧) ଟ.୧୧,୬୬,୦୦୦/- / ଟ.୧,୨୦,୦୦୦/- / ଟ.୧୨,୦୦୦/- (୨) ଟ.୫,୮୫,୦୦୦/- / ଟ.୬୦,୦୦୦/- / ଟ.୬,୦୦୦/- |
| ୬. | **ରମ୍ଭା ଶାଖା, ଫୋନ୍: ୯୮୬୧୦୧୪୪୯୦ /** **୧) ରଞ୍ଜନ କୁମାର ନାହାକ,** ପିତା: ରାମ ଚନ୍ଦ୍ର ନାହାକ, **୨) ଗୁରୁବାରୀ ନାହାକ (ବନ୍ଧକଦାତା/ଗ୍ୟାରେଣ୍ଟିଦାତା),** ସ୍ୱାମୀ: ରାମ ଚନ୍ଦ୍ର ନାହାକ, **୩) ବିକ୍ରମ କୁମାର ନାହାକ,** ପିତା: ହାଡୁ ବନ୍ଧୁ ନାହାକ, ସମସ୍ତଙ୍କ ଠିକଣା- ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମ, ପିନ୍-୭୬୧୦୨୮ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୨,୫୩,୭୨୦.୦୭** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଗୁରୁବାରୀ ନାହାକ,** ସ୍ୱାମୀ: ରାମ ଚନ୍ଦ୍ର ନାହାକ, ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ସା: ଏନ୍‌ଏସି ମେନ୍ ରୋଡ୍, ହାଇସ୍କୁଲ ସମ୍ମୁଖ, ମୌଜା: ମଧୁରଚୁଆ, ଥାନା: ରମ୍ଭା, ତହସିଲ/ ଜିଲ୍ଲା: ଗଞ୍ଜାମ, ପ୍ଲଟ୍ ନଂ.: ୫୧୩, ଖାତା ନଂ.:୧୯୫ (ପୁରୁଣା), ଖାତା ନଂ.: ୩୧୨/୨୧୩ (ନୂତନ), କ୍ଷେତ୍ର: ଏକର୦.୦୩୬ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ନାହାକଙ୍କ ଗୃହ, ପଶ୍ଚିମ: ଭିକାରୀ ନାହାକଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ଯୋଗୀ ମହାପାତ୍ରଙ୍କ ଜମି | ଟ.୧୩,୧୦,୦୦୦/- / ଟ.୧,୩୧,୦୦୦/- / ଟ.୧୫,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୧୧.୧୨.୨୦୨୫ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : https://baanknet.com

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ତା.୧୧.୧୨.୨୦୨୫ରିଖ ଇ-ନିଲାମ ଆରମ୍ଭ ସୁଦ୍ଧା

ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ: ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ : ତା.୧୦.୧୨.୨୦୨୫ରିଖ ସୁଦ୍ଧା ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ,ଏନ୍‌କମ୍ବ୍ରାନ୍ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com and https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ। ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଦୁର୍ଗା ପ୍ରସାଦ ବେହେରା, ମୋ.: ୬୨୮୯୨୪୬୪୯୨

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ରଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୫.୧୧.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

### NOTICE

By virtue of an affidavit sworn before Executive Magistrate, Puri, dated 20.11.2025 I, Sujata Mallik, D/o: Duryodhana Mallik, Vill- Balipadia, Po: Gorual, Ps: puri sadar, Dist: Puri, Pin: 752002, odisha declare that I have changed my name from Puja Mallik to Sujata Mallik. Henceforth, I shall be known as Sujata Mallik for all purposes.

**Sujata Mallik**

### AFFIDAVIT

By virtue of an affidavit sworn before NOTARY PUBLIC, KESINGA, Dated 24/11/2025. I, PRIYA RANJAN SADANGI, S/o- Niranjan Sarangi, At: Bagad, Po/Ps - Kesinga, Dist.: Kalahandi, Odisha declare that, I have changed my name from PRIYA RANJAN SADANGI to PRIYA RANJAN SARANGI. Henceforth, I shall be known as PRIYA RANJAN SARANGI for all purpose.

**PRIYA RANJAN SARANGI**

### AFFIDAVIT

**I, Jitendra Kumar Behera,** S/o.: Kuda Behera, Permanent resident of At/PO.: Arkil, P.S.: Rengali Dam Side, Dist.: Angul, Odisha-759100 declare by this Affidavit No.: 5927, sworn before Executive Magistrate, Angul on Dt.11.11.2025 that from now onwards my name Jitendra Behera will be known as **Jitendra Kumar Behera** for all future legal purposes.

### AFFIDAVIT

By virtue of an affidavit sworn before NOTARY PUBLIC, KESINGA, Dated 24/11/2025. I, CHANMIYI DAS, W/o- Priya Ranjan Sarangi, At: Bagad, Ward No. 2, Po/Ps - Kesinga, Dist.: Kalahandi, Odisha declare that, I have changed my name from CHANMIYI DAS to CHINMAYEE DASH. Henceforth, I shall be known as CHINMAYEE DASH for all purpose.

**CHINMAYEE DASH**

### AFFIDAVIT

By virtue of an affidavit before the Notary Public, Titilagarh, on dated-15/11/2025. I, **Susanta Behera** (new name), formerly called as Shushant Behera (old name), S/o- Balakrishna Behera, permanent resident of AT/PO- Rigdul, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my name from **Shushant Behera** (old name) to **Susanta Behera** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Susanta Behera** (new name) for all future purposes.

**Susanta Behera**

### AFFIDAVIT

By virtue of an affidavit sworn before NOTARY PUBLIC, KESINGA, Dated 24/11/2025. I, PRIYA RANJAN SARANGI, S/o- Niranjan Sarangi, At: Bagad, Po/Ps - Kesinga, Dist.: Kalahandi, Odisha declare that, I have changed my daughter's name from SANTIDAUPA SADANGI to SHANTADWEEPA SARANGI. Henceforth, she will be known as SHANTADWEEPA SARANGI for all purpose.

**PRIYA RANJAN SARANGI**

### AFFIDAVIT

By virtue of an affidavit sworn before the Executive Magistrate, Bhubaneswar Address dated 21.11.2025, I, Baidhar Shau, Vill-Narasinghpur, P.O.:- Bhandaridiha, Dist-Kendujhar, Odisha Pin-758025 declare that, I have changed the name of my daughter from Dipika Priyadarshini Shau to Dipika Priyadarshini Sahu. Henceforth, she shall be known as Dipika Priyadarshini Sahu for all purposes.

### AFFIDAVIT

I, Sutapali Balajee, S/o- Sri Surya Narayan Sutapali, Resident of Dasarathi Street, Bell Road, Back side of Old Bhaskar Rao Pan Shop, Jeypore L/R, Po./Ps.- Jeypore Town, Dist.- Koraput, Odisha declare by this affidavit no. 1043, dated- 25/11/2025 that, now onwards I shall be known as **SUTAPALI BALAJI** for all future purposes.

### AFFIDAVIT

I, Sakuntala Chintala, W/o Eswara Rao Chintala, resident of B-801, Tamarind Terraces, Sailashree Vihar, Bhubaneswar-751021, Odisha declare by this affidavit no: IN-KA64946288954308X, dt- 09/10/2025 that now onwards I shall be known as **SAKUNTALA SAHU** for all future purposes.

**GOVERNMENT OF ODISHA**
**ST & SC DEVELOPMENT DEPARTMENT**
**INTEGRATED TRIBAL DEVELOPMENT AGENCY: CHAMPUA**
**DIST- KEONJHAR**
**"e" procurement Notice**
**Bid Identification No. ITDACH.-04/2025-26**
**No. 1915 Dt. 25.11.2025**
**e-mail: itda.champua@gmail.com**

| | | |
|---|---|---|
| 1 | No. of the work :- | 02 Nos of Construction work. |
| 2 | Estimated cost :- | Rs. 260.76 to Rs.260.76 lakh |
| 3 | Period of completion :- | **09 (Nine Calender Months)** |
| 4 | Date and Time of availability of Bid document in the portal:- | From 10.00 Hr **02.12.2025** to 17.30 Hr of **13.12.2025** |
| 5 | Last date / Time for receipt of bids in the portal :- | 17.30 Hr of **13.12.2025.** |
| 6 | Date of opening of Bid from Portal :- | 11.30 Hr of **15.12.2025.** |
| 7 | Name and address of the officer inviting Bid :- | Project Administrator, I.T.D.A., Champua |

**Further details can be seen from the e-procurement portal "http://tendersorissa.gov.in"**

**Project Administrator,**
**I.T.D.A., Champua.**

# ଆଶା ଆଶଙ୍କାରେ କଳାକାର; ୩ ମାସ ହେଲା ମିଳୁନି ଭତ୍ତା

**ନୟାଗଡ଼,୨୫।୧୧(ସମିସ):** ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କଳାକାରଙ୍କୁ ମାସିକ ଭତ୍ତା ବ୍ୟବସ୍ଥା ପୂର୍ବ ସରକାର କରିଥିଲେ। ରାଜ୍ୟର ହଜାର ହଜାର କଳାକାର ଏହା ଦ୍ୱାରା ଉପକୃତ ହେଉଥିଲେ। କିନ୍ତୁ ଗତ ୩ ମାସ ହେଲା କଳାକାରଙ୍କୁ ଭତ୍ତା ମିଳୁ ନ ଥିବାରୁ ଆଶା ଓ ଆଶଙ୍କା ସୃଷ୍ଟି ହୋଇଛି।

ନୟାଗଡ଼ ଜିଲ୍ଲା ସଂସ୍କୃତି ବିଭାଗ ଅଧୀନରେ ୧ ହଜାରରୁ ଊର୍ଦ୍ଧ୍ୱ କଳାକାର ପ୍ରତ୍ୟେକ ମାସରେ ୨ ହଜାର ଟଙ୍କା ଲେଖାଏଁ ଭତ୍ତା ପାଇଆସୁଥିଲେ। ଗତ ୩ ମାସ ହେଲା କୌଣସି କାରଣରୁ କଳାକାରଙ୍କ ବ୍ୟାଙ୍କ ଖାତାକୁ ଭତ୍ତା ଆସୁ ନ ଥିବା ଜଣାପଡ଼ିଛି। ଏନେଇ ଜିଲ୍ଲା ସଂସ୍କୃତି ଅଧିକାରୀ ଦାୟିତ୍ୱରେ ଥିବା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ ସ୍ୱଷ୍ଟ ସୂଚନା ଦେଇପାରି ନାହାନ୍ତି। ଆଗକୁ ଭତ୍ତା ମିଳିବ କି ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନେକ ବରିଷ୍ଠ କଳାକାର ଏବେ ନିଜର କଳା ପ୍ରତିଭା ପ୍ରଦର୍ଶନ କରି ନ ପାରି ଦୁର୍ଦ୍ଦିନରେ କାଳାତିପାତ କରୁଥିବାବେଳେ ସରକାରଙ୍କ ପକ୍ଷରୁ ମିଳୁଥିବା ୨ହଜାର ଟଙ୍କାରେ ତାଙ୍କ ଗୁଜୁରାଣ ମେଣ୍ଟୁଥିଲା। କଳାକାର ଭତ୍ତା ମିଳୁ ନ ଥିବାରୁ ସେମାନେ ଅସହାୟତା ପ୍ରକାଶ କରୁଛନ୍ତି।

ନୟାଗଡ଼ କଳା, ସଂସ୍କୃତିର ଜିଲ୍ଲା ଭାବେ ପରିଗଣିତ ହେଉଥିବାବେଳେ ମଞ୍ଚ ନାଟକ, ଦାସକାଠିଆ, ପାଲା, ରାମ ନାଟକ, ଦଣ୍ଡନୃତ୍ୟ, ସଙ୍କୀର୍ତ୍ତନ ଭଳି ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜ କଳା ପ୍ରଦର୍ଶନ କରି ହଜାର ହଜାର ସଂଖ୍ୟାରେ କଳାକାର ତାଙ୍କ ପେଟ ପୋଷୁଛନ୍ତି। ଅନେକ କଳାକାରଙ୍କୁ ଉପଯୁକ୍ତ ଭାବେ ମଞ୍ଚ ନ ମିଳିବା, ସମୟ ସହ ତାଳ ଦେଇ ଆଗକୁ ଆଗେଇ ନ ପାରିବା, ଆଧୁନିକ ଯୁଗରେ ପାରମ୍ପରିକ କଳାକାରଙ୍କୁ ପ୍ରାଧାନ୍ୟ ନ ମିଳିବା ଦ୍ୱାରା ସେମାନଙ୍କ ପେସା ଦିନକୁ ଦିନ ରୋଗାଗ୍ରସ୍ତ ହେଉଛି। ଫଳରେ ସେମାନଙ୍କ ପରିବାର ଚଳିବା କଷ୍ଟକର ହେଉଛି। ବର୍ଷକ ମଧ୍ୟରେ ଯେତିକି ମଞ୍ଚ ମିଳୁଛି, ସେଥିରେ ଦୁଇ ମାସ ଚଳିବା କଷ୍ଟକର ବୋଲି ଅନେକ କଳାକାର କହିଛନ୍ତି। ଏଭଳି ସ୍ଥିତିରେ ସରକାରଙ୍କ ପକ୍ଷରୁ ମିଳୁଥିବା ଭତ୍ତା ଟଙ୍କା ବ୍ୟାଙ୍କ ଖାତାକୁ ନ ଆସିବା ସେମାନଙ୍କୁ ଆହୁରି ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଉଛି। ଜିଲ୍ଲାର ୧ ହଜାରରୁ ଊର୍ଦ୍ଧ୍ୱ କଳାକାର ପରିବାର ଭତ୍ତା ଟଙ୍କା ପାଇଁ ଚାହିଁ ବସିଛନ୍ତି। ଜିଲ୍ଲାପାଳ ଏନେଇ ରାଜ୍ୟ ସଂସ୍କୃତି ବିଭାଗ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

### ନୂଆ ଭତ୍ତା ଅପେକ୍ଷାରେ ୩ ହଜାରରୁ ଊର୍ଦ୍ଧ୍ୱ

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଦୀର୍ଘ ବର୍ଷ ତଳେ ଭତ୍ତା ପାଇବା ପାଇଁ କଳାକାରଙ୍କୁ ଚୟନ କରାଯାଇଥିଲା। ଏହା ପରଠାରୁ ନୂଆ ଭତ୍ତା ପାଇବା ପାଇଁ ଅନେକ ଥର କଳାକାରମାନେ ଆବେଦନ କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଜିଲ୍ଲାରେ ଏବେ ୩ ହଜାରରୁ ଊର୍ଦ୍ଧ୍ୱ କଳାକାର ଭତ୍ତା ପାଇବାକୁ ଅପେକ୍ଷାରେ ରହିଥିବା ଜଣାପଡ଼ିଛି। ବିଗତ ଦିନରେ ପଡ଼ିଥିବା ଆବେଦନଗୁଡ଼ିକ ମଧ୍ୟରୁ ସଠିକ୍ କଳାକାରଙ୍କୁ ଚୟନ କରି ଭତ୍ତା ପ୍ରଦାନ ପାଇଁ ଦାବି ହେଉଛି।

## ସାମ୍ବାଦିକଙ୍କ ମୋବାଇଲ୍ ଚୋରି

**ନୟାଗଡ଼,୨୫।୧୧(ସମିସ):** ନୟାଗଡ଼ ଜିଲ୍ଲା ଦଶପଲ୍ଲା 'ସକାଳ' ପ୍ରତିନିଧି ସୁଶାନ୍ତ କୁମାର ସାହୁଙ୍କ ମୋବାଇଲ୍ ଚୋରି ହୋଇଛି। ଏନେଇ ସୁଶାନ୍ତ ଦଶପଲ୍ଲା ଥାନାରେ ଅଭିଯୋଗ କରିଛନ୍ତି। ସୁଶାନ୍ତ ବଜାରରୁ ପନିପରିବା କିଣିବାକୁ ଯାଇଥିବାବେଳେ କେହି ତାଙ୍କ ମୋବାଇଲ୍‌ଟିକୁ ଚୋରି କରି ନେଇଛି। ସୁଶାନ୍ତ ଘରେ ପହଞ୍ଚି ମୋବାଇଲ୍ ନ ପାଇବା ପରେ ଦଶପଲ୍ଲା ଥାନାରେ ଅଭିଯୋଗ କରିଛନ୍ତି।

## ଦର୍ପନାରାୟଣପୁର ବନପାଳ ନିଲମ୍ବିତ

**ନୟାଗଡ଼,୨୫।୧୧(ସମିସ):** ନୟାଗଡ଼ ବନଖଣ୍ଡ ଅଧୀନସ୍ଥ ପଞ୍ଚରିଡ଼ା ବନାଞ୍ଚଳ ଅନ୍ତର୍ଗତ ଦର୍ପନାରାୟଣପୁର ସେକ୍ସନ୍‌ରେ କାର୍ଯ୍ୟରତ ବନପାଳ ଚନ୍ଦ୍ରମଣୀ ଡାକୁଆଙ୍କୁ ନିଲମ୍ବନ କରାଯାଇଛି। ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବର୍ଚ୍ଚନା ବେହେରା ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବା ସହ ମୁଖ୍ୟାଳୟରେ ହାଜିରା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବନପାଳ ଶ୍ରୀ ଡାକୁଆଙ୍କ ସ୍ଥାନରେ ବନପାଳ ଜ୍ୟୋତିରଞ୍ଜନ ମାନସିଂଙ୍କୁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କାଠ ମାଫିଆଙ୍କ ସହ ଭିତିରିଆ ବୁଝାମଣା କାରଣରୁ ତାଙ୍କୁ ନିଲମ୍ବନ କରାଯାଇଥିବା ବନ କର୍ମଚାରୀଙ୍କଠାରୁ ସୂଚନା ମିଳିଛି। ଏକ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଧରିବା ପରେ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବାକୁ ଡିଲ୍ କରିଥିବା ନେଇ ଡିଏଫ୍‌ଓଙ୍କ ପାଖରେ ଅଭିଯୋଗ ହୋଇଥିଲା। ଯାହାକୁ ନେଇ ତାଙ୍କ ବିରୋଧରେ ପ୍ରୋସିଡିଂ କରାଯିବାକୁ ନିର୍ଦ୍ଦେଶ ରହିଥିବାବେଳେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏନେଇ ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କୁ କେଉଁ କାରଣ ପାଇଁ ନିଲମ୍ବନ କରାଯାଇଛି ପଚାରିବାରେ, ତାହା ସ୍ପଷ୍ଟ କରି ନାହାନ୍ତି।

## ଡାକ୍ତରଙ୍କ ପ୍ରତୀକାତ୍ମକ ଆନ୍ଦୋଳନ



**ନୟାଗଡ଼,୨୫।୧୧(ସମିସ):** ସରକାର ଡାକ୍ତରଙ୍କ ୧୮ ଦଫା ଦାବି ପୂରଣ କରିବା ଦିଗରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ପୂର୍ବରୁ ଡାକ୍ତରମାନେ ନଭେମ୍ବର ୨୦ରୁ ବହିର୍ବିଭାଗ ବନ୍ଦ କରିବା ପାଇଁ ଡକରା ଦେଇଥିଲେ। ସରକାର ଚିଠି ମାଧ୍ୟମରେ ଆଲୋଚନା ପାଇଁ ୧୯ ତାରିଖରେ ସଂଘ ସଭାପତି ଓ ସମ୍ପାଦକଙ୍କୁ ଡାକି ଆଲୋଚନା କରିଥିଲେ। ବାରମ୍ବାର ଅନୁରୋଧ ସତ୍ତ୍ୱେ ସରକାର ଦାବି ପୂରଣ ଦିଗରେ କିଛି ପଦକ୍ଷେପ ନେଉନାହାନ୍ତି। ସେଥିପାଇଁ ସାରା ଓଡ଼ିଶାର ଡାକ୍ତରମାନେ ଶାନ୍ତିପୂର୍ଣ୍ଣ ଭାବେ କଳା ପୋଷାକ କିମ୍ବା କଳା ବ୍ୟାଜ୍ ପିନ୍ଧି ରୋଗୀ ସେବା ଜାରି ରଖିଛନ୍ତି। ସେହିପରି ନୟାଗଡ଼ ଜିଲ୍ଲାର ସମସ୍ତ ଡାକ୍ତର ଏହି ପ୍ରତିବାଦରେ ସାମିଲ୍ ହୋଇଛନ୍ତି। ନୟାଗଡ଼ ଜିଲ୍ଲା ଶାଖା ତରଫରୁ ସମ୍ପାଦକ ଡା. ପ୍ରଦୀପ କୁମାର ପାଇକରାୟ ଓ ଉପସଭାପତି ଡା. ସିଦ୍ଧାର୍ଥ ଦାଶଙ୍କ ସହ ଅନ୍ୟ ଡାକ୍ତରମାନେ ମଧ୍ୟ ଜିଲ୍ଲା ଚିକିତ୍ସାଳୟ ସମ୍ମୁଖରେ ନିରବ ପ୍ରତିବାଦ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଭାପୁର,୨୫।୧୧(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ପରିସରରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଅମିତ୍ କୁମାର ବେହେରାଙ୍କ ଆୟୋଜନରେ ଅନୁଷ୍ଠିତ ଏହି ଶିବିରରେ ବ୍ଲକ୍‌ର ୨୦ ପଞ୍ଚାୟତରୁ ଆଶାୟୀ ହିତାଧିକାରୀମାନେ ଭାଗ ନେଇଥିଲେ। ଅସ୍ଥିଶଲ୍ୟ ବିଭାଗରେ ମୋଟ୍ ୧୧୩ ଜଣ, ଦୃଷ୍ଟିବାଧିତ ବିଭାଗରେ ୨୭, ଶ୍ରବଣବାଧିତ ବିଭାଗରେ ୬୧ ଜଣ ଓ ମାନସିକ ବିଭାଗରେ ୨୪ ଜଣ ସେମାନଙ୍କ ଶରୀର ପରୀକ୍ଷା କରାଇଥିଲେ। ନୟାଗଡ଼ରୁ ବିଶେଷଜ୍ଞ ଡାକ୍ତରମାନେ ଆସି ଶିବିରରେ ଆଶାୟୀ ହିତାଧିକାରୀଙ୍କୁ ଯାଞ୍ଚ କରିଥିଲେ। ଏହି ଶିବିରକୁ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ବିଡିଓ ସାରଦା ପ୍ରସନ୍ନ ପଣ୍ଡା ଉଦ୍‌ଘାଟନ କରିଥିଲେ।

## ଦୁର୍ଘଟଣାରେ ମୃତ ଡାକ୍ତରଙ୍କ ଚକ୍ଷୁଦାନ



**ଖଣ୍ଡପଡ଼ା,୨୫।୧୧(ସମିସ):** ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ଗ୍ରାମ ରାଜୁଆ ସାହିର ଯୁବ ଡାକ୍ତର ଅମରେଶ ପ୍ରସାଦଙ୍କର ଗତ ୨୩ ତାରିଖରେ ଖୋର୍ଦ୍ଧା ନିକଟସ୍ଥ ପୁରୁସାହିଠାରେ ଦୁର୍ଘଟଣାରେ ଅକାଳ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ଖଣ୍ଡପଡ଼ା ଓ ଖଳିସାହି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏହି ଦୁଃଖଦ ଘଟଣା ପରେ ମୃତକଙ୍କ ପରିବାର ବର୍ଗ ଭାଙ୍ଗି ନ ପଡ଼ି ମୃତ ଯୁବ ଡାକ୍ତରଙ୍କ ଚକ୍ଷୁଦାନ କରିଥିବାବେଳେ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କ ଚକ୍ଷୁ ସଂଗ୍ରହ ସଂଗ୍ରହ କରିଥିବା ଜଣାଯାଇଛି। ଏହି ଘଟଣା ପ୍ରଚାରିତ ହେବା ପରେ ଅଞ୍ଚଳବାସୀ ମୃତକଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

● ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ନିମନ୍ତେ ପ୍ରସ୍ତୁତି

## ପାରମ୍ପରିକ ଲୋକକଳାକୁ ଗୁରୁତ୍ୱ



**ଖଣ୍ଡପଡ଼ା,୨୫।୧୧(ସମିସ):** ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ଶୁଭ କଲ୍ୟାଣମଣ୍ଡପ ପରିସରରେ ଖଣ୍ଡପଡ଼ା ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା କଳାବିକାଶ ପରିଷଦର ସଭାପତି ପ୍ରଦୀପ୍ତ କିଶୋର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଆସନ୍ତା ଡିସେମ୍ବର ୨୭ରୁ ୩୧ ତାରିଖ ୫ ଦିନ ଧରି ମହୋତ୍ସବ ହେବା ନେଇ ସ୍ଥିର ହୋଇଛି। ବୈଠକରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା କମିଟିର ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ମହୋତ୍ସବକୁ ସରସ ସୁନ୍ଦର କରିବା ସହିତ ଖଣ୍ଡପଡ଼ା ଅଞ୍ଚଳର ଏ ମହୋତ୍ସବ ପାଇଁ ସମସ୍ତେ ସହଯୋଗ କରନ୍ତୁ ବୋଲି ମତପ୍ରକାଶ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଅଧ୍ୟକ୍ଷା ଉପମା ବେହେରା, କଳାବିକାଶ ପରିଷଦର ଆବାହକ ଦୀନବନ୍ଧୁ ଦାସ, ପଣ୍ଡିତ ମନୋଜ ଦାଶ ପ୍ରମୁଖ ମଞ୍ଚାସୀନ ରହିବା ସହିତ ମହୋତ୍ସବରେ ସହଯୋଗ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହଯୋଗ ଲୋଡ଼ିଥିଲେ। ଏ ଅବସରରେ କଳାବିକାଶ ପରିଷଦ ସଂଯୋଜକ ରମେଶ କୁମାର ମହାନ୍ତି ମହୋତ୍ସବରେ ବ୍ୟୟ ଅଟକଳ ବାବଦରେ ସୂଚନା ଦେବା ସହିତ ବିଭିନ୍ନ ବିଭାଗର ସହଯୋଗ କାମନା କରିଥିଲେ। ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବରେ ଖଣ୍ଡପଡ଼ା ଅଞ୍ଚଳର ପାରମ୍ପରିକ ଲୋକକଳା ସହିତ ପଲ୍ଲିଶ୍ରୀ ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ବାଲୁକା କଳା, ମିନାବଜାର ଆଦି ପ୍ରଦର୍ଶନ ସହ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯିବ ବୋଲି ଆବାହକ ଦୀନବନ୍ଧୁ ଦାସଙ୍କଠାରୁ ସୂଚନା ମିଳିଥିଲା। ବୈଠକରେ ଗଣମାଧ୍ୟମ ପ୍ରତିନିଧି, ପୁଲିସ, ଏନ୍‌ଏସି କର୍ତ୍ତୃପକ୍ଷ, ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ୍ ବିଭାଗ ସମେତ ବ୍ଲକ୍‌ର ବହୁ ବିଭାଗର ପ୍ରମୁଖ ଅଧିକାରୀ ଉପସ୍ଥିତ ରହି ସହଯୋଗ ନିମନ୍ତେ ସହମତି ଜଣାଇଥିଲେ। ସେହିପରି ମହୋତ୍ସବ କମିଟିର ସମସ୍ତ ସଦସ୍ୟ ବୈଠକରେ ସକ୍ରିୟ ସହଯୋଗ କରିଥିଲେ।

ଜନପ୍ରତିନିଧିଙ୍କ ବ୍ଲକ୍ ଘେରଉ ଘଟଣା

## ୫୦ ଜଣଙ୍କ ନାଁରେ ଏତଲା ଦେଲେ ବିଡିଓ

**ଭାପୁର,୨୫।୧୧(ସମିସ):** ନୟାଗଡ଼ ଜିଲ୍ଲା ପ୍ରଶାସନ ଭାପୁର ବ୍ଲକ୍‌ରେ ଉତ୍ତେଜନା ପ୍ରଶମିତ କରିବା ପରିବର୍ତ୍ତେ ବ୍ଲକ୍‌ରେ ଜାଣିଶୁଣି ଉତ୍ତେଜନା ବୃଦ୍ଧି କରିବା ଦେଖିବାକୁ ମିଳୁଛି। ବ୍ଲକ୍‌ରେ ଏକ ବର୍ଷ ହେଲା ପ୍ରଶାସନ ଓ ଜନପ୍ରତିନିଧିଙ୍କ ମଧ୍ୟରେ ଅସହଯୋଗ ଓ ମତାନ୍ତର ଯୋଗୁଁ ବ୍ଲକ୍‌ରେ ଉନ୍ନତିମୂଳକ କାର୍ଯ୍ୟ ଠପ୍ ହେବା ସହ ଦୁର୍ନୀତି ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ଏହାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ କଥା ଦେଇ ପରୋକ୍ଷରେ ଏହି ସମସ୍ୟାର ଏକ ପକ୍ଷ ହୋଇ ଉତ୍ତେଜନା ବୃଦ୍ଧି କରିବାରେ ସହାୟକ ହୋଇଛି।

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ରେ ବିଡିଓ ଭାବେ ସାରଦା ପ୍ରସନ୍ନ ପଣ୍ଡା ଯୋଗଦେବାଠାରୁ ସେ ଶାସକ ଦଳର ଇଙ୍ଗିତରେ ଏକପାଖିଆ ଭାବେ କାର୍ଯ୍ୟ କରୁଥିବା ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଓ ୩୦ରୁ ଊର୍ଦ୍ଧ୍ୱ ସରପଞ୍ଚ, ସମିତିସଭ୍ୟ ତିନି ଥର ଜିଲ୍ଲା ପ୍ରଶାସନକୁ ଭେଟି ଲିଖିତ ଅଭିଯୋଗ କରି ଆସୁଛନ୍ତି। ନିଦାବିଷ୍ଟ ସାଜିଥିବା ଜିଲ୍ଲା ପ୍ରଶାସନ ସବୁବେଳେ ଆଶ୍ୱାସନା ଦେଇ ଆସୁଛି। ଏପରିକି ଦୁଇଥର ଜିଲ୍ଲା ପରିଷଦ ବୈଠକରେ ଏ ନେଇ ତୁମ୍ବିତୋଫାନ ହୋଇଛି। ତଥାପି ଜିଲ୍ଲା ପ୍ରଶାସନ କୌଣସି ସମାଧାନ କରାଇଲା ନାହିଁ।

ଗତ ଜୁନ୍ ୨୩ରେ ଅସନ୍ତୁଷ୍ଟ ଜନପ୍ରତିନିଧିମାନେ ବ୍ଲକ୍ ଗାନ୍ଧୀ ମୂର୍ତ୍ତି ନିକଟରେ ଧାରଣାରେ ବସିଥିଲେ। ଏହାପରେ ପିଡି ଓ ଉପଜିଲ୍ଲାପାଳ ଆସି ଏକ ସପ୍ତାହ ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଥିଲେ। ହେଲେ ଉକ୍ତ ଅଧିକାରୀମାନେ ଭାପୁର ଆସି ଯେଉଁ କଥା ଦେଉଛନ୍ତି ତାହା ନୟାଗଡ଼ ଗଲା ପରେ କାହା ଚାପରେ ବଦଳି ଯାଉଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଏହି ଅସନ୍ତୋଷ ଯୋଗୁଁ ଜନପ୍ରତିନିଧିମାନେ ସୋମବାର ବ୍ଲକ୍‌ର କେତେକ କାର୍ଯ୍ୟାଳୟ ଓ ଗେଟ୍ ତାଲା ପକାଇବା ସମୟରେ ଫତେଗଡ଼ ଥାନା ଅଧିକାରୀ ସେମାନେ ଉପରିସ୍ଥ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିବା ପାଇଁ ଉପଦେଶ ଦେଇଥିଲେ। ଏହାପରେ ଜନପ୍ରତିନିଧିମାନେ ବ୍ଲକ୍ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ କରି ଧାରଣାରେ ବସି ରହିଥିଲେ। ଅପରାହ୍ଣରେ ଜିଲ୍ଲା ପ୍ରଶାସନ ପ୍ରକଳ୍ପ ନିର୍ଦ୍ଦେଶକ ଲଗ୍ନଜିତ୍ ରାଉତ ଓ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଭାପୁର ଆସି ଜନପ୍ରତିନିଧିଙ୍କ ସହ ଆଲୋଚନା କରି ଏକ ସପ୍ତାହ ମଧ୍ୟରେ ଜିଲ୍ଲା ପ୍ରଶାସନ, ବିଡିଓ ଏବଂ ଜନପ୍ରତିନିଧିଙ୍କ ଏକ ବୈଠକ କରାଇ ସମସ୍ତ ସମସ୍ୟା ସମାଧାନ କରାଇବେ ବୋଲି ପ୍ରତିଶ୍ରୁତି ଦେଇ ତାଲା ପଡ଼ିଥିବା ସମସ୍ତ କାର୍ଯ୍ୟାଳୟ ତାଲା ଖୋଲି ଫେରିଥିଲେ। ମାତ୍ର ସନ୍ଧ୍ୟାରେ କ'ଣ ଏପରି ଘଟିଲା ଓ କାହା କଥାରେ ଭାପୁର ବିଡିଓ ସାରଦା ପ୍ରସନ୍ନ ପଣ୍ଡା ଫତେଗଡ଼ ଥାନାରେ ୫୦ ଜଣ ଜନପ୍ରତିନିଧିଙ୍କ ନାମରେ ଲିଖିତ ଅଭିଯୋଗ କଲେ। ଏହି ଆଧାରରେ ଫତେଗଡ଼ ଥାନାରେ କେସ୍ ନମ୍ବର ୩୫୮/୨୫ରେ ଏକ ମାମଲା ମଧ୍ୟ ରୁଜୁ ହେଲା। ଏସବୁ ଘଟଣା ଦେଖିଲା ପରେ ବ୍ଲକ୍ ପ୍ରଶାସନ କେଉଁ ଅଦୃଶ୍ୟ ଶକ୍ତି କଥାରେ ବସ୍‌ଉଠ୍ ହେଉଛି ସେ ନେଇ ଭାପୁର ବ୍ଲକ୍‌ର ସବୁ ଛକ ବଜାରରେ ଆଲୋଚନା ହେଉଛି। ଏହା ଫଳରେ ବ୍ଲକ୍‌ରେ ଆଗକୁ ଅଧିକ ଉତ୍ତେଜନା ବୃଦ୍ଧି ପାଇବ ବୋଲି ଆଲୋଚନା ହେଉଛି।

■ ଓଡ଼ଗାଁ ପଞ୍ଚାୟତ ସମିତି ସ୍ୱତନ୍ତ୍ର ଅଧିବେଶନ

## ମନରେଗା ପ୍ରକଳ୍ପଗୁଡ଼ିକୁ ନିୟମିତ କରିବାକୁ ନିର୍ଦ୍ଦେଶ




**ଓଡ଼ଗାଁ,୨୫।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ସଭାଗୃହରେ ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ସ୍ୱତନ୍ତ୍ର ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତମାନଙ୍କରେ ରହିଥିବା ଆକାଉଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର(ଏଡିଇଓ), ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ଏବଂ ଏନ୍‌ଆର୍‌ଜିଏସ୍ ବ୍ଲକ୍ ପ୍ରୋଗ୍ରାମ ଅଧିକାରୀ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି ମନରେଗା ଯୋଜନା ଅନ୍ତର୍ଗତ ଅନିୟମିତ ପ୍ରକଳ୍ପଗୁଡ଼ିକୁ ଏକ ମାସ ମଧ୍ୟରେ ନିୟମିତ କରିବାକୁ ବ୍ଲକ୍ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ପଞ୍ଚାୟତରେ ଏଡିଇଓ ଏବଂ ପିଇଓମାନେ ନିୟମିତ ବାୟୋମେଟ୍ରିକ୍ ପ୍ରଣାଳୀରେ ଡିଜିଟାଲ ଉପସ୍ଥାପନା ଦେବା ସହିତ ଡିଜିଟାଲ ଉପସ୍ଥାପନାକୁ ପିଡିଏଫ୍ ଫର୍ମାଟ୍‌ରେ ପ୍ରତି ମାସର ୨୪ ତାରିଖରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଏବିଡିଓ)ଙ୍କ ନିକଟକୁ ପଠାଇବେ। ଏବିଡିଓଙ୍କ ସୁପାରିସ୍ ପରେ ଦରମା ବିଲ୍ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଗଲା। ଦୀର୍ଘ ଦିନ ଧରି ପଡ଼ି ରହିଥିବା ଅନ୍ତ୍ୟୋଦୟ ଗୃହ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଅର୍ଥ ପ୍ରଦାନର ବ୍ୟବସ୍ଥା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା। ନିର୍ଦ୍ଧାରିତ ସମୟରେ ନିର୍ମାଣ କାର୍ଯ୍ୟ ସାରିଥିବାରୁ ମିଳୁଥିବା ଅତିରିକ୍ତ ପ୍ରୋତ୍ସାହନ ଅର୍ଥ ଏବଂ ମନରେଗା ଯୋଜନାରୁ ମିଳୁଥିବା ଅର୍ଥରୁ ଯେପରି କୌଣସି ହିତାଧିକାରୀ ବଞ୍ଚିତ ନ ହୁଅନ୍ତି, ସେନେଇ ଏଡିଇଓ ଏବଂ ପିଇଓମାନଙ୍କୁ ପରାମର୍ଶ ଦିଆଗଲା। ମନରେଗା ଯୋଜନାରେ ମଞ୍ଜୁର ହୋଇଥିବା ନୂତନ ପ୍ରକଳ୍ପଗୁଡ଼ିକର ଯଥାଶୀଘ୍ର ଆରମ୍ଭ କରିବା ପାଇଁ ପଞ୍ଚାୟତ ପ୍ରତିନିଧିମାନଙ୍କ ସହଯୋଗ ଲୋଡ଼ାଯାଇଥିଲା। ଏବିଡିଓ କବିତା କୁମାରୀ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅରୁନ୍ଧତୀ ପଣ୍ଡା, ରଣପୁର ବିଧାୟକଙ୍କ ପ୍ରତିନିଧି ଲିଙ୍ଗରାଜ ପାତ୍ର ଏବଂ ମନରେଗା ପ୍ରୋଗ୍ରାମ ଅଫିସର ବିଭୂ ପ୍ରସାଦ ସାଥୁଆଙ୍କ ସହିତ ବ୍ଲକ୍‌ର ୩୬ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପିଇଓ ଏବଂ ଏଡିଇଓମାନେ ଅଧିବେଶନରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍

**ଗଣିଆ,୨୫।୧୧(ସମିସ):** ଗଣିଆରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ଅଗ୍ନିଶମ ବିଭାଗ ତରଫରୁ ଏକ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଦମକଳ ଅଧିକାରୀ ବିଜୟାନନ୍ଦ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏହି ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନେ ନିଆଁ ଲାଗିବା ସମୟରେ କିପରି ନିଆଁକୁ ଆୟତ୍ତ କରିବେ ସେଥିପାଇଁ ସମସ୍ତ କୌଶଳ ଛାତ୍ରଛାତ୍ରୀଙ୍କୁ ଶିଖାଇବା ସହିତ ଶିକ୍ଷକଶିକ୍ଷୟିତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭ କରି ବିଭିନ୍ନ ସମୟରେ ଘଟୁଥିବା ବନ୍ୟା ବାତ୍ୟା ପରିସ୍ଥିତିରୁ ପୀଡ଼ିତ ଜନସାଧାରଣଙ୍କୁ କିପରି ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରିବ ସେ ସମ୍ପର୍କରେ ଅଗ୍ନିଶମ ଅଧିକାରୀ ସୂଚନା ଦେଇଥିଲେ। ଆକସ୍ମିକ ଦୁର୍ଘଟଣା ମଧ୍ୟରେ ଗ୍ୟାସ୍ ଟାଙ୍କି ଓ ରୋଷେଇ ସରଞ୍ଜାମରେ ଲାଗିଥିବା ନିଆଁକୁ ଲିଭାଇବା, ଅଗ୍ନିକାଣ୍ଡକୁ ପ୍ରଶମିତ କରିବା, ବଜ୍ରପାତରୁ ରକ୍ଷା ପାଇବା, ବନ୍ୟା ପରିସ୍ଥିତିରେ ବୁଡ଼ି ଯାଉଥିବା କିମ୍ବା ଭାସୁଥିବା ଗୃହପାଳିତ ପ୍ରାଣୀକୁ ଉଦ୍ଧାର କରିବା ଆଦି କୌଶଳଗୁଡ଼ିକ ଶିଶୁ ଭାଇଭଉଣୀଙ୍କୁ ମକ୍‌ଡ୍ରିଲ୍ ମାଧ୍ୟମରେ ତାଲିମ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ରତ୍ନାକର ମହାପାତ୍ରଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ଅଂଶଗ୍ରହଣ କରିଥିଲେ।




● ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞର ତୃତୀୟ ଦିନ

## ଯୋଗଦେଲେ ବାବା ସୁକାନ୍ତ ଦାସ ମହାରାଜ

**ଗଣିଆ,୨୫।୧୧(ସମିସ):** ଗଣିଆ ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞର ତୃତୀୟ ଦିନରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି। ଗଣିଆର ଗଣପର୍ବ ଶେଷ ହେବାକୁ ଆଉ ଗୋଟିଏ ଦିନ ବାକି ଥିବାବେଳେ ମଙ୍ଗଳବାର ତୃତୀୟ ଦିନରେ ମେଳାରେ ଓଡ଼ିଶାର କୋଣ ଅନୁକୋଣରୁ ଭକ୍ତଙ୍କ ସମାଗମ ହୋଇଥିଲା। ମୁଖ୍ୟ ମଞ୍ଚରେ ଦିନ ତମାମ ଭଜନ ସମାରୋହ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ନୃତ୍ୟ, ଗୀତ ତଥା ପ୍ରବଚନ ଆସର ଜମିଥିଲା। ବାବା ତଥା ପ୍ରବଚକ ସୁକାନ୍ତ ଦାସ ମହାରାଜଙ୍କ ପ୍ରବଚନ ଅତି ଶୃତି ମଧୁର ଥିଲା। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯଜ୍ଞ ସ୍ଥଳରେ ପହଞ୍ଚିଥିବାବେଳେ ତାଙ୍କୁ କମିଟି ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେଇଥିବାରୁ ବିଧାୟକ ଶ୍ରୀ ବେହେରା ଉପସ୍ଥିତ ଭକ୍ତମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଯଜ୍ଞ କମିଟିର ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, ଉପାଧ୍ୟକ୍ଷ ରାଜକିଶୋର ସାହୁ ପ୍ରମୁଖ ବିଧାୟକଙ୍କ ସହିତ ଉପସ୍ଥିତ ଥିଲେ। ସୋମବାର ସନ୍ଧ୍ୟାରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମଧ୍ୟ ଯଜ୍ଞସ୍ଥଳରେ ପହଞ୍ଚିଥିବାବେଳେ କମିଟି ତରଫରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଗଣିଆର ଏହି ପର୍ବ ଭାଇଚାରାର ପର୍ବ ବୋଲି ସେ ମତପ୍ରକାଶ କରିଥିଲେ। ବୁଧବାର ଯଜ୍ଞର ପୂର୍ଣ୍ଣାହୁତି ହେବାକୁ ଥିବାରୁ ପୁଲିସ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ଜଣାପଡ଼ିଛି।



# ଖଣ୍ଡପଡ଼ା ଓ ଭାପୁର ମଣ୍ଡଳସ୍ତରୀୟ ବିଜ୍ଞାନମେଳା

**ଖଣ୍ଡପଡ଼ା,୨୫।୧୧(ସମିସ):** ଖଣ୍ଡପଡ଼ା ବ୍ଲକ୍ ଅଧୀନ ଗୁଣ୍ଠୁଣି ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ୩୧ତମ ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ଣରେ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ବ୍ଲକ୍ ଅଧ୍ୟକ୍ଷା ଉପମା ବେହେରା, ସରପଞ୍ଚ ପ୍ରତିମା ପରିଡ଼ା, ସମିତିସଭ୍ୟା ସୁଲୋଚନା ଦାସ, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ, ଏବିଇଓ କଳିଙ୍ଗ ଚନ୍ଦ୍ର ନାଏକ, ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଲିପ୍ସା ନନ୍ଦ, ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ରାଉତ, ବିଡ଼ିୟୁପିଏମ୍‌ଇଏସ୍ ବିଦ୍ୟାଳୟ ପ୍ରତିଷ୍ଠାତା ବଂଶୀଧର ଦାଶ, ପରିଚାଳନା କମିଟି ସଭାପତି ରାଜକିଶୋର ଗୁରୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ସମଗ୍ର ବ୍ଲକ୍‌ରୁ ସର୍ବକନିଷ୍ଠ ବର୍ଗରେ ୪୧, କନିଷ୍ଠ ବର୍ଗରେ ୬୬, ବରିଷ୍ଠ ବର୍ଗରେ ୪୩ ଏହିଭଳି ସମୁଦାୟ ୧୫୦ ପ୍ରକଳ୍ପ ସ୍ଥାନ ପାଇଥିବାବେଳେ ବିଚାରକ ଭାବେ ଶିକ୍ଷକମଣ୍ଡଳୀ ୫ଟି ଶ୍ରେଷ୍ଠ ପ୍ରକଳ୍ପ ବାଛିଥିବା ଏବଂ ଏହା ଜିଲ୍ଲାସ୍ତରରେ ପ୍ରଦର୍ଶିତ ହେବ ବୋଲି ସୂଚନା ମିଳିଛି। ଏଥିସହିତ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିବାବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଚାରକ ଭାବେ ଶିକ୍ଷକ ଯୋଗେନ୍ଦ୍ର ନାଥ ନାୟକ, ପ୍ରକାଶ ସାହୁ ବିଭିନ୍ନ ବିଭାଗରେ ୧୭ଟି ଶ୍ରେଷ୍ଠ ପ୍ରକଳ୍ପ ବାଛିଥିବା ଏବଂ ଏହା ଜିଲ୍ଲାସ୍ତରରେ ପ୍ରଦର୍ଶିତ ହେବ ବୋଲି ଶିକ୍ଷା ବିଭାଗଠାରୁ ସୂଚନା ମିଳିଛି। ସିଆର୍‌ସିସି ନାରାୟଣ ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।




**ଭାପୁର:** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ସାମନ୍ତ ଚନ୍ଦ୍ରଶେଖର କପିଳମାର୍ଥା ସରକାରୀ ହାଇସ୍କୁଲରେ ୩୧ତମ ବିଜ୍ଞାନମେଳା ଆୟୋଜିତ ହୋଇଯାଇଛି। ବ୍ଲକ୍ ଶିକ୍ଷା ଅଧିକାରିଣୀ ମୋନାଲିସା ରଥ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଓ ଶିକ୍ଷକ ନେତା ପ୍ରସନ୍ନ କୁମାର ଲେଙ୍କାଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବରେ ବ୍ଲକ୍ ଶିକ୍ଷା ଅଧିକାରିଣୀ ମୋନାଲିସା ରଥ, ବିଆର୍‌ସିସି ପ୍ରଭାକର ସାମନ୍ତରାୟ, ଏବିଇଓ ସନ୍ତୋଷ କୁମାର କର, ସିଆର୍‌ସିସି ସଞ୍ଜୟ କୁମାର ପଙ୍ଗାରି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫୁଲ୍ଲ କୁମାର ଜେନା, ପଞ୍ଚଶଖା ଶିକ୍ଷା ସେତୁ ସଭାପତି ସନାତନ ଦଳେଇ ଉପସ୍ଥିତ ଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ପ୍ରଫୁଲ୍ଲ କୁମାର ନନ୍ଦ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା ଓ ବ୍ଲକ୍ ପ୍ରତିନିଧି ତୋଫାନ ପ୍ରଧାନ, ସରପଞ୍ଚ ଉଷାରାଣୀ ସାହୁ ଯୋଗଦେଇଥିଲେ। ଏହି ମେଳାରେ ମୋଟ ୧୦୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜିଲ୍ଲାସ୍ତରକୁ ୧୦ଟି ପ୍ରକଳ୍ପ ମନୋନୀତ ହୋଇଥିବା ସୂଚନା ମିଳିଛି।



## ବାଘମାରୀ ପୀଡ଼ିତା ନାବାଳିକାଙ୍କ ବୟାନ ରେକର୍ଡ

ଭୁବନେଶ୍ବର, ୨୫।୧୧ (ସମିସ) : ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଞ୍ଚଳର ବଳାତ୍କାର ପୀଡିତା ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ଭୁବନେଶ୍ବରସ୍ଥିତ ଚତୁର୍ଥ ଅତିରିକ୍ତ ଜିଲା ଓ ଦୌରା ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ(କେ) କୋର୍ଟରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ୍) ଧାରା ୧୮୩ ଅନୁଯାୟୀ ମଙ୍ଗଳବାର ଏହି ଆଇନଗତ ପ୍ରକ୍ରିୟା ଶେଷ ହୋଇଛି। ପୂର୍ବରୁ ପୁଲିସ ପକ୍ଷରୁ ବିଏନଏସଏସ ଧାରା ୧୮୦ରେ ପୀଡିତାଙ୍କ ବୟାନ ରେକର୍ଡ ହୋଇଥିଲା। ସୂଚନାଯୋଗ୍ୟ, ଗତ ୨୦ତାରିଖରେ ସମ୍ପୃକ୍ତ ନାବାଳିକା ମୁମୂର୍ଷୁ ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରୁ ଉଦ୍ଧାର ପରେ କ୍ୟାପିଟାଲ ହସ୍ପିଟାଲର ୱାନ୍ ଷ୍ଟପ୍ ସେଣ୍ଟର ସଖୀରେ ଚିକିତ୍ସାଧୀନ ଥିଲେ ସୋମବାର ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍ସିପିସିଆର୍) ଅଧକ୍ଷା ବବିତା ପାତ୍ରଙ୍କ ସମେତ ୩ଜଣିଆ ଟିମ୍ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ପୀଡ଼ିତା ଏବଂ ତାଙ୍କ ପରିବାର ସହ ଆଲୋଚନା କରିଛନ୍ତି ଏଥିସହ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରଙ୍କୁ ପଚାରି ବୁଝିଥିଲେ। ପୀଡ଼ିତାଙ୍କୁ ଡିସ୍‌ଚାର୍ଜ କରାଯିବା ପରେ ପରିବାର ସହ ଘରକୁ ଫେରିଛନ୍ତି ଏନେଇ ଓଏସ୍ସିପିସିଆର୍ ଅଧକ୍ଷା ପାତ୍ର କହିଛନ୍ତି ଯେ, ପୀଡ଼ିତା ପୂର୍ବରୁ ସୋସିଆଲ ମିଡିଆରେ ଜଣେ ଯୁବକଙ୍କ ସହ ସମ୍ପର୍କରେ ଆସିଥିଲେ। ପୀଡ଼ିତାଙ୍କ ବୟାନ ଅନୁଯାୟୀ ଗତ ୧୮ ତାରିଖରେ ମୁଖ୍ୟ ଅଭିଯୁକ୍ତଙ୍କ ସହ ଅନ୍ୟ ୪ଜଣ ଥିଲେ ତାଙ୍କୁ ଡାକି ଅପହରଣ ପରେ ଅସଦାଚରଣ କରିଥିଲେ। ନିଶା ଦେଇ ତାଙ୍କୁ ଅଚେତ କରିଦେଇଥିଲେ। ପୀଡ଼ିତାଙ୍କୁ ନ୍ୟାୟଦେବା ପାଇଁ ଆୟୋଗ ନିଜ ଆଡୁ ମାମଲା ରୁଜୁ କରିଛି ଘଟଣା ସମ୍ପର୍କରେ ସବିଶେଷ ତଦନ୍ତ ରିପୋର୍ଟ ଦାଖଲ ପାଇଁ ପୁଲିସକୁ ନିର୍ଦ୍ଦେଶ ଦିଆଯାଇଛି ଏହି ଘଟଣାରେ ପୁଲିସ ୫ଜଣଙ୍କୁ ଅଟକ ରଖିଛି। ପୀଡ଼ିତାଙ୍କ ଡାକ୍ତରୀ ରିପୋର୍ଟ ଆସିବା ପରେ ସତ୍ୟତା ସ୍ପଷ୍ଟ ହେବ। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ବୋଲି କହିଥିଲେ।

## ଅଖାଦ୍ୟ ଖାଇ ଗୋରୁ ବିଭିନ୍ନ ରୋଗର ଶିକାର

ଭୂଷଣ୍ଡପୁର,୨୫।୧୧(ସମିସ): ଟାଙ୍ଗୀ ବ୍ଲକର ବିଭିନ୍ନ ପଂଚାୟତରେ ଶତାଧିକ ଗାଇଗୋରୁ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ବିଶେଷ କରି ଚିଲିକା ସନ୍ନିକଟ ବାଲିପାଟପୁର, ଭୂଷଣ୍ଡପୁର, କନ୍ତଲବାଇ ଗ୍ରାମ ପଂଚାୟତରେ ଅସଂଖ୍ୟ ଗାଇ ଗୋରୁ ବିଭିନ୍ନ ରାସାୟନିକ ପଲିଥିନ ଜରି, କାଗଜ କପ, ଦୁର୍ଗନ୍ଧ ଖାଦ୍ୟ ଖାଇ ପେଟ ରୋଗ ଏବଂ ଶରୀରରେ ବିଷ ପ୍ରତିକ୍ରିୟା ଘଟି ମୃତ୍ୟୁ ବରଣ କରୁଛନ୍ତି। ପ୍ରତ୍ୟହ ଶହ ଶହ ଗାଇ ଗୋରୁ ବାସ ଗୃହ ଗୁହାଳ ଅଭାବ ଯୋଗୁଁ ବାହାରେ ଜମା ହେବା, ନିୟମିତ ଚିକିତ୍ସା ଅଭାବରୁ ତାଙ୍କ ଠାରୁ ଜନ୍ମ ହେଉଥିବା ବାଛୁରୀ ମଧ ରୋଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। ଏଠାରେ ସରକାରୀ ସ୍ତରରେ କୌଣସି ବ୍ୟବସ୍ଥା ନ ଥିବାରୁ ତୁରନ୍ତ ଏକ ଗୋଶାଳାର ଆବଶ୍ୟକ ରହିଥିବା ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ଦେଶୀ ମଦ ଜବତ, ଜଣେ ଗିରଫ

ଖୋର୍ଦ୍ଧା,୨୫।୧୧(ସମିସ): ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ଇନଫୋର୍ଭ୍ୟାଲି ଥାନା ଅନ୍ତର୍ଗତ ଜାଗେଶ୍ୱରପାଟଣା ଅଞ୍ଚଳରେ ଚଢଉ କରାଯାଇ ଦେଶୀ ମଦ, ଏକ ବାଇକ ଓ ମୋବାଇଲ ଫୋନ୍ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଜଣକ ହେଲେ କାଇମାଟିଆ ପାଟଣା ର କାଳନ୍ଦୀ ସାହୁ(୫୮)।

## ନଳବଣରେ ମାଛ ମାରି ମତ୍ସ୍ୟଜୀବୀ ଗିରଫ, ଡଙ୍ଗା ଜବତ

ବାଲୁଗାଁ;୨୫।୧୧(ସମିସ): ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧିନ ତଥା ପକ୍ଷୀ ଅଭୟାରଣ୍ୟ ନଳବଣ ନିଷିଦ୍ଧାଞ୍ଚଳରେ ଅନୁପ୍ରବେଶ କରି ୪ଜଣ ମତ୍ସ୍ୟଜୀବୀ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ୍ୟପ୍ରାଣୀ ବିଭାଗ ଜଣେ ମତ୍ସ୍ୟଜୀବୀଙ୍କୁ ଗିରଫ କରିବା ସହ ଏକ ମେସିନ ଡଙ୍ଗାକୁ ଜବତ କରିଥିବା ବେଳେ



ଅନ୍ୟ ୩ଜଣ ଫେରାର ହୋଇଯିବାରେ ସକ୍ଷମ ହୋଇଛନ୍ତି। ଗିରଫ ଅଭିଯୁକ୍ତ ଜଣକ ସ୍ଥାନୀୟ ଚନ୍ଦ୍ରାପୁଟ ଗ୍ରାମର ଗୌରାଙ୍ଗ ଜାଲି(୬୫) ହୋଇଥିବା ବେଳେ ଫେରାର ହୋଇଯାଇଥିବା ୩ ଅଭିଯୁକ୍ତ ଚିହ୍ନଟ ସରିଛି, ତଦନ୍ତ ଚାଲିଛି ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ୧୯୭୨ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ବାଲୁଗାଁ ରେଞ୍ଜ ପକ୍ଷରୁ କେଶ ନଂ ୩୬ବି/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରି ଅନ୍ୟ ଅଭିଯୁକ୍ତଙ୍କୁ ଖୋଜାଖୋଜି ଜାରି ରଖିଥିବା ବିଭାଗ କହିଛି। ଅଭିଯୁକ୍ତଙ୍କ ଠାରୁ ବ୍ୟବହୃତ ଗୋଟିଏ ମେସିନ ଡ଼ଙ୍ଗା, ମାଛ ଧରା ଡୁବି ଜାଲ ଜବତ କରାଯାଇଛି।

## ସମାଜସେବୀଙ୍କ ଅକାଳ ବିୟୋଗ

ଟାଙ୍ଗୀ,୨୫।୧୧(ସମିସ): କନ୍ଦନୟାଗଡ଼ ବ୍ରାହ୍ମଣ ଶାସନର ବିନାୟକ ଆଚାର୍ଯ୍ୟଙ୍କ ଏକମାତ୍ର ପୁତ୍ର ପ୍ରଶାନ୍ତ କୁମାରଙ୍କ ୪୫ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି। ପ୍ରଶାନ୍ତ ଜଣେ ଯୁବ ସମାଜସେବୀ ହିସାବରେ ଅତ୍ୟନ୍ତ ମେଳାପୀ ଓ ବନ୍ଧୁବତ୍ସଳ ବ୍ୟକ୍ତି ଥିଲେ। ଗତ ସପ୍ତାହରେ ସାଙ୍ଗସାଥିମାନଙ୍କ ସହ ଉତ୍ତରାଖଣ୍ଡର କେଦାରନାଥ ଓ ବଦ୍ରୀନାଥ ଭଳି ତୀର୍ଥ ସ୍ଥାନ ଭ୍ରମଣରେ ଯାଇଥିଲେ। ୨୩ତାରିଖ ଦିନ ସକାଳୁ ପ୍ରଶାନ୍ତ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ସେଠାକାର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପାର୍ଥିବ ଶରୀରକୁ ଏୟାର ଲିଫ୍ଟ ଯୋଗେ ନିଜ ଗ୍ରାମକୁ ଅଣାଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କର ବିଧବା ପତ୍ନୀଙ୍କ ସହ ଗୋଟିଏ ଝିଅ ଓ ପୁଅ ଅଛନ୍ତି।

# ଚିଲିକାରେ ଫସିଲା ଯାତ୍ରୀବାହୀ ଡଙ୍ଗା

### ସୁରକ୍ଷିତ ଫେରିଲେ ସମସ୍ତ ଯାତ୍ରୀ

ବାଲୁଗାଁ,୨୫ ।୧୧(ସମିସ) : ବାଲୁଗାଁ ନିକଟସ୍ଥ ବଡ଼କୁଳ ପାନ୍ଥନିବାସ ଜେଟିରୁ ଏକ ଯାତ୍ରୀବାହୀ ଡଙ୍ଗାରେ ବାଲେଶ୍ୱର ଏବଂ ନୟାଗଡ଼ ଅଞ୍ଚଳର ୧୨ଜଣ ଯାତ୍ରୀ ମା'କାଳିଜାଈଙ୍କ ଦର୍ଶନ ପାଇଁ ଯାଇଥିଲେ। ତେବେ ସେଠାରୁ ମା'ଙ୍କ ଦର୍ଶନ ସାରି ଫେରିବା ସମୟରେ ଡଙ୍ଗାର ମେସିନରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ହଠାତ୍ ଡଙ୍ଗାଟି ଚିଲିକା ହ୍ରଦ ମଧ୍ୟରେ ଅଟକି ରହି ଯାଇଥିଲା। ଉକ୍ତ ଡଙ୍ଗାର ନାଉରିଆ କାତ ମାରି କୂଳକୁ ଆଣିବା ପାଇଁ ବହୁ ଚେଷ୍ଟା କରିଥିଲେ ମଧ ପବନ ଯୋଗୁଁ ଡଙ୍ଗାଟି ବିପରୀତ ଦିଗରେ ଭାସି ବାଟବଣା ହୋଇ ଥିଲା। ଫଳରେ ଚିଲିକା ହ୍ରଦ ମଧ୍ୟରେ ପ୍ରାୟ ୨ଘଣ୍ଟା ଧରି ଡଙ୍ଗାଟି ଘୁରି ବୁଲିଥିଲା। ଖବର ପାଇ ଜେଟିରୁ ଅନ୍ୟ ଏକ ଡଙ୍ଗା ଚିଲିକା ଭିତରକୁ ଯାଇ ବହୁ ଖୋଜାଖୋଜି କରି ବିଫଳ ହୋଇ ଫେରି ଆସିଥିଲା। ଖବର ପାଇ ବାଲୁଗାଁ ଅଗ୍ନିଶମ ବାହିନୀ ପହଞ୍ଚି ବୋଟ୍ ଯୋଗେ ଚିଲିକା ମଧ୍ୟରେ ନିଖୋଜ ଡଙ୍ଗାକୁ ବହୁ ଖୋଜାଖୋଜି କରିବା ପରେ ଡଙ୍ଗାର ସନ୍ଧାନ ପାଇଥିଲେ। ହେଲେ ସେତେବେଳକୁ କୌଣସି ମତେ ସମସ୍ତ ଯାତ୍ରୀମାନେ ଅନ୍ୟ ଏକ ଡଙ୍ଗା ସହାୟତାରେ ସୁରକ୍ଷିତ ଭାବେ କୂଳକୁ ଫେରିଥିଲେ। ତେବେ ଚିଲିକାରେ ପୂର୍ବରୁ ଏଭଳି ଘଟଣା ବାରମ୍ବାର ଘଟିଆସୁଥିବା ବେଳେ ଜରୁରୀ ସମୟରେ କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ମାଙ୍କଡ଼ କାମୁଡ଼ାରେ ଜଣେ ଗୁରୁତର

ନିରାକାରପୁର, ୨୫।୧୧ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳରେ ମାଙ୍କଡ଼ ଉତ୍ପାତ ବଢ଼ିଚାଲିଛି। ଆଜି ମାଙ୍କଡ କାମୁଡାରେ ଜଣେ ଗୁରୁତର ହୋଇଥିବାରୁ ପଞ୍ଚାୟତ ତରଫରୁ ମାଙ୍କଡ଼ ଧରି ଜଙ୍ଗଲରେ ଛାଡ଼ିବାକୁ ବନ ବିଭାଗକୁ ଚିଠି କରାଯାଇଛି। ଆଜି ସ୍ଥାନୀୟ ସଖା ସଂଘ କ୍ରୀଡା ସଂସଦ ସମ୍ପାଦକ ଭାଗିରଥି ପ୍ରଧାନ ନିଜ ଘର ବାଡ଼ି ପଟକୁ ଶୌଚ ହେବାକୁ ଯାଇଥିବାବେଳେ ଏକ ହନୁ ମାଙ୍କଡ଼ ତାଙ୍କ ହାତକୁ କାମୁଡି ଗୁରୁତର କରିଛି। ତାଙ୍କୁ ଖୋର୍ଦ୍ଧା ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ତୁରନ୍ତ ଏହି ଅଞ୍ଚଳରୁ ମାଙ୍କଡ଼ ପଲ ଘଉଡ଼ାଇବାକୁ ଦାବି ହେଉଛି।

## ପ୍ରୋ-କବାଡ଼ି ଟୁର୍ଣ୍ଣାମେଣ୍ଟ: ଚାମ୍ପିଅନ ବାଲୁଗାଁ ଟିମ୍ ସମ୍ବର୍ଦ୍ଧିତ

ବାଲୁଗାଁ,୨୫ ।୧୧(ସମିସ) : ଭୁବନେଶ୍ୱର ଗୋଠପାଟଣାସ୍ଥିତ ଟାଇମ୍ସ ଗୁରୁକୁଳ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ ପ୍ରଥମ ପ୍ରୋ-କବାଡି ଟୁର୍ଣ୍ଣାମେଣ୍ଟରେ ଚିଲିକା ଅଞ୍ଚଳର ବାଲୁଗାଁ ଟିମ ଭାଗ ନେଇ ଚାମ୍ପିଅନ ଆଖ୍ୟା ଅର୍ଜନ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଫାଇନାଲ ମ୍ୟାଚରେ



ବାଲୁଗାଁ ଟିମ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ପ୍ରାଣନାଥ ଉଚ୍ଚ ବିଦ୍ୟାଳୟ, ଜଟଣୀକୁ ୪୪-୪୨ ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ବିଜୟଲାଭ କରିଥିଲେ। ଚାମ୍ପିଅନ ବାଲୁଗାଁ ଦଳକୁ ଟ୍ରଫି ସହ ନଗଦ ୫ହଜାର ଟଙ୍କା ପୁରସ୍କୃତ କରାଯାଇ ଥିଲା। ଉକ୍ତ ପ୍ରତିଯୋଗିତାରେ ବାଲୁଗାଁ ଟିମର ଆଦର୍ଶ ପ୍ରୀତମ ବେହେରାଙ୍କୁ ଶ୍ରେଷ୍ଠ ରାଇଡ଼ର ରୂପେ ସମ୍ମାନିତ କରାଯାଇଥିଲା। ଖେଳାଳି ମାନେ ବାଲୁଗାଁ ଷ୍ଟେସନରେ ପହଞ୍ଚିବା ପରେ ସ୍ଥାନୀୟ ଫୁଟବଲ କ୍ଲବର ସଦସ୍ୟ ଏବଂ ବହୁ ସଂଖ୍ୟାରେ କ୍ରୀଡ଼ାବିତ ଉପସ୍ଥିତ ରହି ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରି ପାଛୋଟି ନେଇଥିଲେ।

## ଯୁବତୀଙ୍କ ମୃତ୍ୟୁ ଘଟଣାରେ ପ୍ରେମିକ କୋର୍ଟ ଚାଲାଣ

ବେଗୁନିଆ,୨୫।୧୧(ସମିସ): ଗତ ୨୩ ତାରିଖ ମଧ୍ୟାହ୍ନରେ ବାଘମାରୀ ଥାନା ଅନ୍ତର୍ଗତ ଓସ୍ତପୁର - ଲେଖନପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ପାର୍ଶ୍ୱରେ ଗୁରୁତର ଅବସ୍ଥାରେ ଜଣେ ଯୁବତୀଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିବା ପରେ ବାଘମାରୀ ଥାନା ପୁଲିସ ଅଭିଯୋଗ ପାଇ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ସୂଚନା ଅନୁଯାୟୀ ମୃତ ଯୁବତୀ ଜଣକ ଘର ହେଉଛି ବାଙ୍କୀ ଥାନା ଅନ୍ତର୍ଗତ ପଥୁରିପଡ଼ା ଗ୍ରାମର ସ୍ୱର୍ଗତ ଚିନ୍ତାମଣି ଦାସଙ୍କ ଝିଅ ଶୁଭଲକ୍ଷ୍ମୀ। ସେ ନୟାଗଡ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ରାଜସୁନାଖଳାସ୍ଥିତ ସିଟି କଲେଜରେ ପାଠ ପଢୁଥିଲେ। ସେ ବାଙ୍କୀ ଥାନା ଅନ୍ତର୍ଗତ କୁମୁସର୍ ଗ୍ରାମର ରଶ୍ମି ରଞ୍ଜନ ରାଉତରାୟଙ୍କୁ ଭଲ ପାଇଥିଲେ। ଯୁବତୀ ଜଣକ ୧୫ ଦିନ ହେବ ସିଟି କଲେଜରେ ପାଠ ପଢିବା ପାଇଁ ଯାଇଥିବା ବେଳେ ପ୍ରେମିକ ଜଣକ କଥାବାର୍ତ୍ତା ନ ହେବାରୁ କୁମୁସର ଗ୍ରାମକୁ ଯାଇଥିଲେ। ଅତର୍କିତ ଭାବେ ଯୁବକ ଜଣକ ଗ୍ରାମକୁ ଆସିଥିବା ପ୍ରେମିକାକୁ ଦେଖି ହତବାକ ହୋଇ ଯାଇଥିବା ବେଳେ ମା'ଙ୍କ ସହିତ ଯୁକ୍ତିତର୍କ ହୋଇଥିଲା। ଏଥିରେ ପ୍ରେମିକା ଶୁଭଲକ୍ଷ୍ମୀ ସହି ନ ପାରି ବିଷ ପିଇ ଦେଇଥିଲେ। ପରେ ଯୁବକ ଜଣକ ଜାଣି ପାରି ଚିକିତ୍ସା ପାଇଁ ବାଇକ ଯୋଗେ ନେଇ ଯାଉଥିବା ବେଳେ ଲେଖନପୁର-ଓସ୍ତପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ପାଶ୍ୱର୍ରେ ଥିବା ଜନ ବସତି ନିକଟରେ ରହି ଗୁରୁତର ଯୁବତୀ ପାଣି ପିଇବା ପାଇଁ ମାଗିଥିଲେ। ସେଠାରେ ଚେତାଶୁନ୍ୟ ହୋଇ ଯିବାରୁ ଲୋକ ମାନେ ପାଣି ପିଆଇ ଭିଣୋଇ ପାଖକୁ କଲ କରି ଜଣାଇବା ପରେ ଚିକିତ୍ସା ପାଇଁ ପଠାଇବାର ବ୍ୟବସ୍ଥା କରିଥିଲେ। ଏହା ଦେଖି ଭୟରେ ଶ୍ରୀ ରାଉତରାୟ ଘଟଣା ସ୍ଥଳରୁ ପଳାଇ ଯାଇଥିଲେ। ପୁଲିସ ପ୍ରାଥମିକ ତଦନ୍ତ କରିବା ସହ ଅଭିଯୁକ୍ତ ରଶ୍ମି ରଞ୍ଜନକୁ କୋର୍ଟ ଚାଲାଣ କରିଛି।

## ଡିସେମ୍ବର ୧୮ ରୁ ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍

ଟାଙ୍ଗୀ,୨୫।୧୧(ସମିସ) : ଟାଙ୍ଗୀ ବ୍ଲକ ଅଧିନସ୍ଥ କୁହୁଡି ଜନତା ହାଇସ୍କୁଲ ଷ୍ଟାଡିୟମ୍ ଠାରେ ମହାବୀର ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ୬୬ତମ ସର୍ବଭାରତୀୟ ମହାବୀର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ଡିସେମ୍ବର ୧୮ ରେ ଦକ୍ଷିଣପୂର୍ବ ରେଳପଥ ଖଡକପୁରକୁ ଭେଟିବ ସ୍ପୋର୍ଟସ ହଷ୍ଟେଲ ନୟାଗଡ଼। ମହାବୀର ଆଥଲେଟିକ୍ ଆସୋସିଏସନ୍ ବରିଷ୍ଠ କ୍ରୀଡାବିତ୍ ରାଜକିଶୋର ବୈରିଗଞ୍ଜନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ମନୋଜ କୁମାର ମାନସିଂହ ସଭା ପରିଚାଳନା କରିଥିଲେ।

ଏହି ସଭାରେ ସହ ସମ୍ପାଦକ ରମେଶ ଚନ୍ଦ୍ର ନାଇଡୁ, ମଣ୍ଡଳ ସଭାପତି ଜୟରାମ ବେହେରା, ରତନପୁର ସରପଞ୍ଚ ଗୁରୁବଂଧୁ ବେହେରା, ବରଡି ସରପଞ୍ଚ ହୁଲ୍ଲାସ ବେହେରା, ମାନସିଂହପୁର ସରପଞ୍ଚ ପ୍ରତିନିଧି ତପନ କୁମାର ବେହେରା , ମାନସିଂହପୁର ସରପଞ୍ଚ ରତ୍ନାକର ବେହେରା, ମାନସିଂହପୁର ସଭାପତି ସତ୍ୟବ୍ରତ ବେହେରା, ପବିତ୍ର ବେହେରା, ପବିତ୍ର ଭୁଜବଳ, ରତ୍ନାକର ସାମନ୍ତରାୟ, ବିପିନ ଉଦୟସିଂହ, ହରିବନ୍ଧୁ ସାମନ୍ତରାୟ, ଶ୍ୱେତ ମେକାପ, ଚନ୍ଦ୍ରଶେଖର ଆଚାରୀ, ହେମନ୍ତ ଜେନା ଓ ଅନୁପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଆଦିବାସୀ ମାଳ ଅଞ୍ଚଳରେ ଜିଲ୍ଲାପାଳଙ୍କ ଜନଶୁଣାଣି



ବାଣପୁର,୨୫।୧୧(ସମିସ) : ବାଣପୁର ବ୍ଲକ ଅଧିନ ଆଦିବାସୀ ମାଳ ଅଞ୍ଚଳ ନୀଳାଦ୍ରି ପ୍ରସାଦ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ପଲ୍ଲୀରେ ପ୍ରଶାସନ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଶିବିରରେ ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ ଓ ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ଉକ୍ତ ଅଭିଯୋଗ ଶୁଣାଣିରେ ମୋଟ ୭୮ଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ବ୍ୟକ୍ତି ଗତ ୬୫ ଗୋଟି ଓ ସାମୁହିକ ଗ୍ରାମୀଣ ସମସ୍ୟା ଜନିତ ୧୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଅଭିଯୋଗ ସ୍ଥଳରେ ୩ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜନଶୁଣାଣି ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପ ଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଆସିଷ୍ଟାଣ୍ଟ କଲେକ୍ଟର, ଭୁବନେଶ୍ୱର କଅଁର, ବିଡିଓ ଏବଂ ତହସିଲଦାର ପ୍ରମୁଖ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ଜନ ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟର ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ଦାଶ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହିଆଲ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ମାନେ ସାମିଲ ହୋଇଥିଲେ।

## ରାମକୃଷ୍ଣ ଶିକ୍ଷାକେନ୍ଦ୍ରରେ ଜ୍ଞାନ ଓ ବିଜ୍ଞାନ ପ୍ରଦର୍ଶନୀ

ଟାଙ୍ଗୀ,୨୫।୧୧ (ସମିସ) : ଟାଙ୍ଗୀ ରାମକୃଷ୍ଣ ଶିକ୍ଷାକେନ୍ଦ୍ର ପରିସରରେ ୨୮ତମ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ଓ ବିଜ୍ଞାନ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର ନାରାୟଣ ସାହୁଙ୍କ ପୌରହିତ୍ୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ସାହୁ, ଅବସରପ୍ରାପ୍ତ ସହ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ରକୁମାର ନାୟକ କାର୍ଯ୍ୟକ୍ରମକୁ ଉଦଘାଟନ କରି ବିଚାରକ ଭାବରେ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ। ପ୍ରଧାନଆଚାର୍ଯ୍ୟ ମୋନାଲି ଦାସ ବିଜ୍ଞାନ ଶିକ୍ଷୟିତ୍ରୀ ଆରତୀ ସାହୁ ପ୍ରିୟଙ୍କା ସାହୁ ପ୍ରକଳ୍ପ ମୂଲ୍ୟାୟନରେ ସହଯୋଗ କରିଥିଲେ। ମୋଟ ୫୦ ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ୱାଗତିକା ମହାରଣା, ସନ୍ତୋଷୀ ବେହେରା ଦେବଯାନୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ଗୟାବନ୍ଧ ଫୁଟବଲ; ଏଜି କ୍ଲବ୍ ବିଜୟୀ

ନିରାକାରପୁର,୨୫।୧୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଗୟାବନ୍ଧ ଖେଳ ପଡିଆରେ ବାପୁଜୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଗୟାବନ୍ଧ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଆଜି ଏ ଜି କ୍ଲବ୍ , ଖୋର୍ଦ୍ଧା ବନାମ ୭୨ ବାରଙ୍ଗ ଫୁଟବଲ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

ଏଥିରେ ୭୨ ବାରଙ୍ଗ ଫୁଟବଲ କ୍ଲବ୍‌କୁ ୩-୦ ଗୋଲରେ ଏ ଜି କ୍ଲବ୍ , ଖୋର୍ଦ୍ଧା ଫୁଟବଲ କ୍ଲବ୍ ହରାଇ ବିଜୟୀ ହୋଇଥିଲା। ଆଜିର ଖେଳକୁ ଶରତ କୁମାର ଛୋଟରାୟ, ଚିତ୍ତରଞ୍ଜନ ପରିଡ଼ା, ବୈକୁଣ୍ଠ ମହାପାତ୍ର ଓ ଲକ୍ଷ୍ମୀଧର ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ। ଅତିଥି ଭାବେ ଆଇନଜୀବୀ ଶିଶିର ପରିଡ଼ା, ସନ୍ତୋଷ ଦଳେଇ, ସତ୍ୟପୀର ପଟ୍ଟନାୟକ, ପୂର୍ବତନ ସରପଞ୍ଚ ସୁବୋଧ ଭୋଳ, ରଜାକ ଖାଁ ଓ ନବକିଶୋର ଭୁଜବଳ, ଭାଗିରଥି ଭୁଜବଳ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଭ୍ୟ ସୁଶାନ୍ତ ଶ୍ରୀଚନ୍ଦନ, ହଜାରି ଭୁଜବଳ, ପ୍ରଦୀପ ସୁବୁଦ୍ଧି, ଶୁଭ୍ର ରଞ୍ଜନ ଭୋଳ, ଜିତୁ ବେହେରା ଓ ମାନସ ଭୁଜବଳ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା କାଲି ଯଦୁମଣି ସ୍ପୋର୍ଟସ କ୍ଲବ୍, ଇଟାମାଟି ଓ ଜଟଣୀ କୁସୁମାଟି ଫୁଟବଲ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ।

## କୁମ୍ଭକାର ସମାଜର କୁରାଳ ପଞ୍ଚମୀ ପାଳିତ

ବାଲୁଗାଁ;୨୫।୧୧(ସମିସ); ପବିତ୍ର ମାର୍ଗଶିର ଶୁକ୍ଳ ପଞ୍ଚମୀ ତିଥିରେ ସମଗ୍ର ଚିଲିକା ତଥା ବାଲୁଗାଁ ବାଣପୁର ଅଞ୍ଚଳର ବିଭିନ୍ନ ଗ୍ରାମର କୁମ୍ଭକାର ସମାଜ ତରଫରୁ ତିନି ଦିନ ଧରି କୁରାଳ ପଞ୍ଚମୀ ଓ ଓଢଣୀ ଷଷ୍ଠୀ ଉତ୍ସବ ପାଳିତ ହେଉଅଛି। ଏହି ଉପଲକ୍ଷେ ପ୍ରତ୍ୟେହଃ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ମୃଣ୍ମୟ ମୂର୍ତ୍ତିଙ୍କୁ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଉଥିବା ବେଳେ ଦୈନନ୍ଦିନ ନାମ ସଂକୀର୍ତ୍ତନ, ଯଜ୍ଞ, ଭଜନ ସମାରୋହ, ମାଟି ପାତ୍ର ନିର୍ମାଣରେ ବ୍ୟବହୃତ ଚକ ପୂଜା ସହ ଅନ୍ନ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଭୀମପୁର, କୁରୁଞ୍ଜିପୁର, ମୁକ୍ତାଦେଇପୁର, ସାରୁବାରିପଦର, ଓସ୍ତାପଲ୍ଲୀ, ବିଷ୍ଣୁଡ଼ିହ ଓ ହଜ୍ ଆଦି ଗ୍ରାମରେ କୁମ୍ଭକାର ସମାଜ ତରଫରୁ କୁରାଳ ପଞ୍ଚମୀ ପାଳନ କରାଯାଉଛି।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ବେଗୁନିଆ,୨୫।୧୧(ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ସରସ୍ୱତୀ ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଛି। ଏଥିରେ ଖୋର୍ଦ୍ଧା ଜିଲ୍ଲା ସଙ୍କୁଳ ପ୍ରମୁଖ ନଳିନୀକାନ୍ତ ପଣ୍ଡା ଓ ଶିକ୍ଷା ବିକାଶ ସମିତିର ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ଅତିଥି ଭାବେ ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ। ସଭାପତି ମାନସ ରଞ୍ଜନ ଦାଶ, ସମ୍ପାଦକ ଦିଲ୍ଲୀପ ପାଣିଗ୍ରାହୀ, କୋଷାଧକ୍ଷ ପ୍ରସନ୍ନ ମହାପାତ୍ର, ବିଦ୍ୱତ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ, ସମ୍ପାଦକ ଶ୍ରୀକାନ୍ତ ବାହିନୀପତି ଓ ସଭ୍ୟ ସରୋଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ମନ ରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିବା ବେଳେ ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରା ସମେତ ଆଚାର୍ଯ୍ୟା ଓ କର୍ମଚାରୀ ପରିଚାଳନା କରିଥିଲେ।

## ବାଲୁଗାଁ କଲେଜରେ ଏନସିସି ଦିବସ



ବାଲୁଗାଁ,୨୫ ।୧୧(ସମିସ): ବାଲୁଗାଁ ମହାବିଦ୍ୟାଳୟ ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ରବିବାର ୭୮ତମ ଏନସିସି ଦିବସ ପାଳିତ ହୋଇଯାଇଛି। କଲେଜର ପ୍ରଶାସନିକ ଅଧିକାରୀ ଡ. କୈଳାସ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ପ୍ରାକ୍ତନ ଏନସିସି ଅଧିକାରୀ ଲେଫ୍ଟନାଣ୍ଟ ଡ. ଅକ୍ଷୟ ମିଶ୍ର ଓ କାର୍ଯ୍ୟାଳୟ ମୁଖ୍ୟ ସୁଧାକର ନାୟକ ଯୋଗ ଦେଇଥିଲେ। ଏନସିସି ଅଧିକାରୀ ଅଧାପକ ଚନ୍ଦନ ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନସିସି କ୍ୟାଡେଟ ଅତିଥିଙ୍କୁ ପାଛୋଟି ନେବା ପରେ ଏନସିସି ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ କ୍ୟାଡେଟ ଦେବାଶିଷ ପାଢ଼ୀଙ୍କୁ ଜୁନିଅର ଅଣ୍ଡର ଅଫିସର, ଟ୍ୱିଙ୍କିଲ ପ୍ରଧାନଙ୍କୁ କ୍ୱାର୍ଟର ମାଷ୍ଟର, ଆୟୁଷ ରୋନାଲି ଜେନାଙ୍କୁ କର୍ପୋରାଲ ଓ ଆଲୋକ ସ୍ୱାଇଁଙ୍କୁ ଲାନ୍ସ କର୍ପୋରାଲ ର୍‍ୟାଙ୍କ ପ୍ରଦାନ କରାଯାଇଥିବାବେଳେ ସମସ୍ତ କ୍ୟାଡେଟ୍ ଏନସିସିର ଶୃଙ୍ଖଳା ଅନୁସରଣ କରିବାକୁ ଶପଥ ପାଠ କରିଥିଲେ। ଶେଷରେ କ୍ୟାଡେଟ୍‌ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ୪ ରେଳ କର୍ମଚାରୀ ସମ୍ମାନିତ

ଜଟଣୀ,୨୫।୧୧(ସମିସ): ପରିଚାଳନାଗତ ଉତ୍କର୍ଷତାକୁ ସ୍ୱୀକୃତି ଦେବାକୁ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ଡିଭିଜନ ରେଳମଣ୍ଡଳର ଅତିରିକ୍ତ ଡିଭିଜନାଲ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି.କେ. ବେହେରା ଓ ଅତିରିକ୍ତ ଡିଭିଜନାଲ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ସୁଭ୍ରଜ୍ୟୋତି ମଣ୍ଡଳ ୪ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି। ସେମାନେ ହେଲେ ବ୍ରହ୍ମପୁରର ଟ୍ରାକ୍ ରକ୍ଷଣାବେକ୍ଷଣକାରୀ ଏସ. ଶିବା ଓ ବିନୋଦ ଘଡେଇ, ନୀଳକଣ୍ଠେଶ୍ୱର ଷ୍ଟେସନର ଟ୍ରେନ ପଏଣ୍ଟମ୍ୟାନ୍ ଲକ୍ଷ୍ମୀକାନ୍ତ ବେହେରା, ମେମୁ ସେଡ୍/ଖୋର୍ଦ୍ଧା ରୋଡ଼ର ଟେକ୍ନିସିଆନ୍ ହିରେନ ସିଂ। ଉଭୟ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ବେହେରା ଓ ଶ୍ରୀ ମଣ୍ଡଳ ରେଳ ସୁରକ୍ଷା ସୁନିଶ୍ଚିତ କରିବାରେ ଟ୍ରାକ୍ ରକ୍ଷଣାବେକ୍ଷଣକାରୀ, ଲୋକୋ ପାଇଲଟ୍, ଟେକ୍ନିସିଆନ୍ ଓ ଷ୍ଟେସନ ଅପରେଟରଙ୍କ ସମେତ ଫ୍ରଣ୍ଟଲାଇନ୍ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା ସହ ସେମାନଙ୍କ ପ୍ରତିବଦ୍ଧତାର ପ୍ରଶଂସା କରିଛନ୍ତି। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ବରିଷ୍ଠ ଅଧିକାରୀ ଯୋଗ ଦେଇଥିବାବେଳେ ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ନମୋନାରାୟଣ ମୀନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମଇଁଷି ବୋଝେଇ ଆଇଚର ଓ ପିକଅପ୍ ଭ୍ୟାନ୍ ଜବତ



୨ ଗିରଫ

ଖୋର୍ଦ୍ଧା,୨୫।୧୧(ସମିସ)

୧୬ନଂ ଜାତୀୟ ରାଜପଥର ସଦର ଥାନା ଅଞ୍ଚଳରୁ ପୁଲିସ ମଇଁଷି ବୋଝେଇ ଏକ ଆଇଚର ଗାଡି ଓ ଏକ ବୋଲେରୋ ପିକଅପ୍ ଭ୍ୟାନ୍ କୁ ଜବତ କରିଛି। ଏହି ଘଟଣାରେ ଦୁଇଟି ଗାଡିର ଚାଳକଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ହେଲେ ଆଇଚର ଚାଳକ କର୍ଣ୍ଣାଟକ ର କୋଲାର ଜିଲ୍ଲା ସୁନ୍ଦରପଲାୟାରର ଭି. କୁମାର (୬୫) ଓ ବୋଲେରୋ ଚାଳକ ଜଗତସିଂହପୁର କାଟସିଂହପୁରର ସୁରେଶ ଦାସ (୪୫)। ଗାଡି ଦୁଇଟି ରୁ ପୁଲିସ ୨୨ମଇଁଷିଙ୍କୁ ଉଦ୍ଧାର କରି କଳାପଥରସ୍ଥିତ ମା'ବରଡାପଲ୍ଲୀ ଗୋସାଳାରେ ଛାଡିଛି। ଗୋରୁ ବୋଝେଇ ଆଇଚର ଓ ପିକଅପ ଭ୍ୟାନ୍‌କୁ ଜବତ କରି ତଦନ୍ତ ଜାରୀ ରଖିଛି। ମଇଁଷି ବୋଝେଇ ଆଇଚରର ଯାଉଥିବା ଖବର ପାଇ ପୁଲିସ ଜାତୀୟ ରାଜପଥ ର ଦଧିମାଛଗାଡିଆ ଛକ ନିକଟରେ ଭୋର ପ୍ରାୟ ୪ଟା ସମୟରେ ଗାଡି ଗୁଡିକ ଯାଂଚ କରିଥିଲା। ଏହି ସମୟରେ ଏକ ଆଇଚର ଓ ପଛରେ ଆସୁଥିବା ପିକଅପ ଭ୍ୟାନ୍‌କୁ ଅଟକାଇ ଯାଂଚବେଳେ ଚାଳକ ମଇଁଷି ପରିବହନ ସମ୍ବନ୍ଧୀୟ କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିଲେ। ବେଆଇନ ମଇଁଷି ଚାଲାଣ ଅଭିଯୋଗରେ ପୁଲିସ ଅଟକ ରଖିଥିବାବେଳେ ଗୋପ୍ରେମୀ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ କରି ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗାଡି ଦୁଇଟି ଭିତରୁ ପୁଲିସ ୨୨ ଟି ମଇଁଷି ଉଦ୍ଧାର କରିଛି। ତନ୍ମଧରେ ୧୭ଟି ପଣ୍ଡା, ୫ଟି ମଇଁଷି ରହିଥିଲେ। ଗାଡି ଦୁଇଟି ଜଗତସିଂହପୁରରୁ ବାହାରି ଆନ୍ଧ୍ର ଅଭିମୁଖେ ଯାଉଥିଲା ବୋଲି ପ୍ରାରମ୍ଭିକ ତଦନ୍ତରେ ପୁଲିସ ଜାଣିବାକୁ ପାଇଛି। ଉଦ୍ଧାର ସମସ୍ତ ପଣ୍ଡା ଓ ମଇଁଷିଙ୍କୁ ପ୍ରାଥମିକ ଚିକିତ୍ସା ପରେ ଗୋଶାଳାରେ ଛଡାଯାଇଛି।

## ଗୋମାଂସ ଚାଲାଣ ସନ୍ଦେହରେ ଟ୍ରକ୍ ଜବତ, ଦୁଇ ଅଟକ

ବାଲୁଗାଁ,୨୫।୧୧(ସମିସ): ବେଆଇନ ଭାବେ କଲିକତାରୁ ହାଇଦ୍ରାବାଦ ଗୋମାଂସ ଚାଲାଣ ହେଉଥିବା ସନ୍ଦେହରେ ମାଂସ ବୋଝେଇ ଟ୍ରକ୍‌କୁ ମଙ୍ଗଳବାର ଅପରାହ୍ନ ସମୟରେ ପୁଲିସ୍ ଜବତ କରିବା ସହ ଚାଲାଣରେ ସଂପୃକ୍ତ ଟ୍ରକ ଡ୍ରାଇଭର ଓ ହେଲପର୍ ଦୁଇ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

ପଶ୍ଚିମବଙ୍ଗର କୋଲକାତା ଠାରୁ ବେଆଇନ ଭାବେ ଏକ ଟ୍ରକରେ ହାଇଦ୍ରାବାଦ ଗୋମାଂସ ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇ ବାଲୁଗାଁ ଚିଲିକା ଅଞ୍ଚଳର କିଛି ଗୋସେବକ ୧୬ ନଂ ଜାତୀୟ ରାଜପଥର ବାଲୁଗାଁ ବାଣପୁର ବାଇପାସ ଛକ ନିକଟସ୍ଥ ଧୂଆଁଳି ଓଭରବ୍ରିଜ ନିକଟରେ ଟ୍ରକକୁ ଅଟକାଇ ଥିଲେ। ଟ୍ରକରେ ପ୍ୟାକେଟ ମାନଙ୍କରେ ମାଂସ ଥିବାର ଦେଖି ଟ୍ରକ ଡ୍ରାଇଭର ଓ ହେଲପର୍ ଦୁହିଁଙ୍କୁ ଧରି ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ବାଣପୁର ପୁଲିସ ପହଞ୍ଚିଥିଲା। ପୁଲିସ ଟ୍ରକକୁ ଜବତ କରିବା ସହ ସଂପୃକ୍ତ ଡ୍ରାଇଭର ଓ ହେଲପର୍ ଦୁଇ ଜଣଙ୍କୁ ବାଣପୁର ଥାନାକୁ ନେଇ ପଚରାଉଚରା ଚଳାଇଛନ୍ତି। ଟ୍ରକରେ ପ୍ରାୟ ୬ଟନ ଓଜନର ମାଂସ ଭଳି ପଦାର୍ଥ ରହିଥିବା ବେଳେ ଏହା ମୃତ ପ୍ରାଣୀଙ୍କ କଲିଜା ଓ ଅବଶେଷ ରହିଛି, ଯାହା ଔଷଧିୟ ବ୍ୟବହାର ପାଇଁ ଚାଲାଣ ହେଉଥିବା ନେଇ ଟ୍ରକ ଚାଳକ କହିବା ସହ ଏ ସମ୍ବନ୍ଧୀୟ କାଗଜାତ୍ ପୁଲିସକୁ ଦେଇଥିବା ଚାଳକ କହିଛନ୍ତି। କାଗଜପତ୍ରର ସଠିକ ଯାଞ୍ଚ ସହ ଟ୍ରକରେ ଥିବା ସାମଗ୍ରୀର ରାସାୟନିକ ପରୀକ୍ଷଣ ପରେ ସବୁକିଛି ସଠିକ ଜଣାପଡିବ ବୋଲି ପୁଲିସ କହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୌସୁମୀରେ ଧୋଇଗଲା...

ନିଜର ରଣନୀତିକୁ ଚୂଡ଼ାନ୍ତ ରୂପ ଦେବେ। ଏପଟେ ନୂଆପଡ଼ାରେ ବିପୁଳ ବିଜୟ ପରେ ଶାସକ ଦଳ ପୂରା ଜୋଶରେ ଥିବାବେଳେ ଏହା ଗୃହକୁ ଅଧିକ ସରଗରମ କରିପାରେ ବୋଲି ଅନୁମାନ କରାଯାଉଛି। ଉଭୟ ଶାସକ ଏବଂ ବିରୋଧୀଙ୍କ ମୁଡକୁ ଦେଖିଲେ ବିଧାନସଭାରେ ଯେ କେହି କାହାରିକୁ ଛାଡ଼ିବେ ନାହିଁ, ତାହା ଏବେଠାରୁ ଜଳଜଳ ଦିଶିଲାଣି ବୋଲି ରାଜନୈତିକ ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି।

### ୨୧ ଲକ୍ଷ ମୋବାଇଲ...

ଚିହ୍ନଟ କରି ତଦନ୍ତ ପରେ ସେଗୁଡ଼ିକୁ ସ୍ଥାୟୀ ଭାବରେ ବ୍ଲକ୍ କରିଛନ୍ତି। ଟ୍ରାଇ ପକ୍ଷରୁ ଏକ ପରାମର୍ଶ ଜାରି କରି କୁହାଯାଇଛି ଯେ, ଯେତେବେଳେ ଏକ ସ୍ପାମ୍ କଲ୍ ଆସୁଛି,ସେତେବେଳେ କେବଳ ନିଜର ବ୍ୟକ୍ତିଗତ ଡିଭାଇସ୍‌ରେ ବ୍ଲକ୍ କରିବା ସହ ଡିଏନ୍‌ଡି ଆପ୍ ମାଧ୍ୟମରେ ମଧ୍ୟ ଏ ସମ୍ପର୍କରେ ରିପୋର୍ଟ କରନ୍ତୁ। ଡିଏନ୍‌ଡି ଆପ୍‌ରେ ଅଭିଯୋଗ କରିବା ପାଇଁ ପ୍ରଥମେ ମୋବାଇଲ୍ ଫୋନ୍‌ରେ ଟ୍ରାଇ ୩.୦ ଆପ୍ ଡାଉନଲୋଡ୍ କରିବାକୁ ହେବ।

### ଆଇସକ୍ରିମ୍‌ର ଲୋଭ ଦେଖାଇ...

ପରେ ଥାନାରେ ଅଭିଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ମଧ୍ୟ ଏହି ଅଞ୍ଚଳରେ ଦୁଇଜଣ ନାବାଳିକା ଛାତ୍ରୀଙ୍କୁ କେହି ଦୁର୍ବୃତ୍ତ ଦୁଷ୍କର୍ମ ସହ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଉକ୍ତ ଘଟଣାର ସ୍ପଷ୍ଟ ଚିତ୍ର ଆସି ନଥିବା ବେଳେ ଆଜି ପୁଣି ଏଭଳି ଏକ ଘଟଣା ବୁଦ୍ଧିଜୀବୀମହଲରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି।

### ବିଦ୍ୟୁତ୍ ଉପଭୋକ୍ତାଙ୍କ...

ଦେଇଥିଲେ। ଏହ ବିଦ୍ୟୁତ୍ ବିକ୍ରି ବାବଦରେ ଟାଟାପାୱାରର ୪ କମ୍ପାନୀ ୧୭୪୬୧ କୋଟିଟଙ୍କା ରାଜସ୍ୱକୁ ମଧ୍ୟ ମଞ୍ଜୁରୀ ମିଳିଥିଲା। ମାତ୍ର ଟାଟା ପାୱାର ଉପଭୋକ୍ତାଙ୍କୁ ୨୯୫୭୯ ନିୟୁତ ୟୁନିଟ ହାରାହାରି ୬ ଟଙ୍କା ୩ ପଇସା ହିସାବରେ ବିକ୍ରି କରି ୧୭୮୩୬ କୋଟି ଟଙ୍କା ଅଦାୟ କରିଛି। ଆୟୋଗ ଅନୁମୋଦନ କରିଥିବା ୟୁନିଟ୍ ପିଛା ହାରାହାରି ଟାରିଫ ଠାରୁ ଏହା ୩୬ ପଇସା ଅଧିକ ବୋଲି କୁହାଯାଉଛି। ଟାଟାପାୱାର ପରି ଗ୍ରୀଡକୋ ମଧ୍ୟ ଏହି ବର୍ଷ ଲାଭବାନ ହୋଇଛି ଏବଂ ଏହାର ପରିମାଣ ୩୪୭.୩୭ କୋଟି ଟଙ୍କା ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଅନ୍ୟପକ୍ଷରେ ଅନୁମୋଦିତ ବୈଷୟିକ ଓ ବାଣିଜ୍ୟ କ୍ଷତି ହ୍ରାସ ଲକ୍ଷ୍ୟ ୧୮.୭୯ ପ୍ରତିଶତଠାରୁ ଟାଟା ପାୱାର ଉତ୍ତମ ପ୍ରଦର୍ଶନ କରିଛି ଓ ଏହି କ୍ଷତି ୧୬.୭୦ ପ୍ରତିଶତକୁ ହ୍ରାସ ପାଇଛି। ପୁନଶ୍ଚ ଉପଭୋକ୍ତାଙ୍କ ମିଟର ସ୍ଥାପନ କ୍ଷେତ୍ରରେ ଟାଟା ୯୯ ପ୍ରତିଶତ ସଫଳ ହୋଇଥିବା ବେଳେ ସ୍ମାର୍ଟ ମିଟର ସ୍ଥାପନ ମାତ୍ର ୧୩ ପ୍ରତିଶତ ସମ୍ଭବ ହୋଇଛି। ଅର୍ଥାତ ରାଜ୍ୟରେ ଏଯାବତ୍ ୧୨ ଲକ୍ଷ ୬୭ ହଜାର ଉପଭୋକ୍ତା ସ୍ମାର୍ଟ ମିଟର ବସାଇଛନ୍ତି। ସେହିପରି ଫିଡର ଓ ଟ୍ରାନ୍ସଫର୍ମର ମିଟରିଙ୍ଗ କାର୍ଯ୍ୟରେ ଟାଟାର ପ୍ରଦର୍ଶନ ଦୁର୍ବଳ ରହିଛି। ଓଡ଼ିଶା ବିଦ୍ୟୁତ ସେବାରେ ନିୟୋଜିତ ସମୁଦାୟ ୨୬୫୯ଟି (୧୪୭/୩୩ ଏମଭିଏ) ପାୱାର ଟ୍ରାନ୍ସଫର୍ମର ମଧ୍ୟରୁ ମାତ୍ର ୧୬୩୦ଟିରେ (୬୧ ପ୍ରତିଶତ) ମିଟରିଙ୍ଗ ହୋଇଛି। ୯୭୮ଟି ୩୩କେଭି ଫିଡର ମଧ୍ୟରୁ ମାତ୍ର ୭୫ ପ୍ରତିଶତ ଅର୍ଥାତ ୭୩୮ଟି ମିଟରିଙ୍ଗ ହୋଇଛି। ବିଦ୍ୟୁତ ସେବାରେ ନିୟୋଜିତ ଥିବା ସମୁଦାୟ ୩ ଲକ୍ଷ ବିତରଣ ଟ୍ରାନ୍ସଫର୍ମର ମଧ୍ୟରୁ ପ୍ରାୟ ୨ ଲକ୍ଷ ଟ୍ରାନ୍ସଫର୍ମର କ୍ଷମତା ୬୩ କେଭିଏରୁ କମ ଥିବାରୁ ଆୟୋଗ ନାପସନ୍ଦ କରି ସେଗୁଡିକୁ ୧୦୦ କେଭିଏ କିମ୍ବା ତଦୁଦ୍ଧ୍ୱର୍ କ୍ଷମତାକୁ ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଉପଭୋକ୍ତା ସୂଚୀକରଣ ଓ ଜିଆଇଏସ ମ୍ୟାପିଙ୍ଗ କାର୍ଯ୍ୟରେ ଟାଟା ପ୍ରାୟ ଶତ ପ୍ରତିଶତ ସଫଳ ହୋଇଥିବାବେଳେ ବିତରଣ ଟ୍ରାନ୍ସଫର୍ମର ମିଟରିଙ୍ଗ ମାତ୍ର ୧୯.୪୦ ପ୍ରତିଶତ ହୋଇଛି। ଅପରପକ୍ଷେ ଗ୍ରୀଡକୋର କାର୍ଯ୍ୟଦକ୍ଷତା ସମୀକ୍ଷା ରିପୋର୍ଟ ଅନୁସାରେ ୨୦୨୪-୨୫ରେ ଗ୍ରୀଡକୋ ୪୨୪୮୭ ନିୟୁତ ୟୁନିଟ ବ୍ୟବସାୟ କରି ୧୪୫୧୧ କୋଟିଟଙ୍କା ଆୟ କରିଥିବା ବେଳେ ସମୁଦାୟ ବ୍ୟୟ କରିଛି ୧୪୧୬୩ କୋଟି ଟଙ୍କା। ଅର୍ଥାତ ବିଦ୍ୟୁତ ବ୍ୟବସାୟରୁ ଗ୍ରୀଡକୋ ୩୪୭ କୋଟି ଟଙ୍କା ଲାଭ କରିଛି।

ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ଯେହେତୁ ପୂର୍ବ ବର୍ଷରେ (୨୦୨୪-୨୫) ଗ୍ରୀଡକୋର ବ୍ୟବସାୟିକ ଲାଭ ୩୪୭ କୋଟି ଟଙ୍କା ହୋଇଛି ଏବଂ ଟାଟା ବିତରଣ କମ୍ପାନୀ ଗୁଡିକ ଓଇଆରସି ଧାର୍ଯ୍ୟ କରିଥିବା ହାରାହାରି ଟାରିଫ ଠାରୁ ୟୁନିଟ ପିଛା ୩୬ ପଇସା ହିସାବରେ ଉପଭୋକ୍ତାଙ୍କ ଠାରୁ ଅଧିକ ୧୦୬୫ କୋଟିଟଙ୍କା ଅଦାୟ କରିଛନ୍ତି, ତେଣୁ ଆସନ୍ତା ବର୍ଷର ଟାରିଫ ନିର୍ଣ୍ଣୟ ପ୍ରକ୍ରିୟାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଟାଟା ଉପଭୋକ୍ତାଙ୍କ ଠାରୁ ଅଧିକ ଅଦାୟ କରିଥିବା ରାଜସ୍ୱକୁ ସୁଧସହ ଫେରସ୍ତ କରିବା ପାଇଁ ଶ୍ରୀ ମହାପାତ୍ର ଆସନ୍ତା ଟାରିଫ ନିର୍ଣ୍ଣୟ ପ୍ରକ୍ରିୟାରେ ଆୟୋଗ ସମ୍ମୁଖରେ ଯୁକ୍ତି ରଖିବେ ବୋଲି ସେ ସୂଚନା ଦେଇଛନ୍ତି। ତେଣୁ ଆସନ୍ତା ବର୍ଷ ୨୦୨୬-୨୭ ପାଇଁ ଖୁଚୁରା ବିଦ୍ୟୁତମୂଲ୍ୟ (ଟାରିଫ) ବୃଦ୍ଧିହେବା ସମ୍ଭାବନା ଖୁବ କମ ରହିଛି ବୋଲି ସେ ମତପ୍ରକାଶ କରିଛନ୍ତି।

### ଇଥିଓପିଆରେ ଉଦ୍‌ଗୀରଣ...

ପାଉଁଶର ଏହି ବାଦଲ ମଙ୍ଗଳବାର ସନ୍ଧ୍ୟା ୭.୩୦ ବେଳକୁ ଭାରତରୁ ଅପସରି ଯିବ ଓ ଆକାଶ ସଫା ହେବ ଏବଂ ଏହା ଚୀନ୍ ଆଡକୁ ଗତି କରିବ ବୋଲି ଭାରତୀୟ ମୌସମ ବିଜ୍ଞାନ ବିଭାଗ (ଆଇଏମ୍‌ଡି) ତରଫରୁ କୁହାଯାଇଛି।

ଏହି ଜ୍ୱାଳାମୁଖି ଫାଟିବା କାରଣରୁ ଏୟାର ଇଣ୍ଡିଆ ନିଜର ୧୧ଟି ବିମାନର ଉଡାଣକୁ ରଦ୍ଦ କରିଛି। ଏହି ଧୂଆଁ ତଥା ବାଦଲର ଉଚ୍ଚତା ଏତେ ଥିଲା ଯେ, ସାଧାରଣ ଲୋକଙ୍କ ଜୀବନ ଉପରେ ଏହା ପ୍ରଭାବ ବହୁତ କମ୍ ରହିଛି। ଏଥିରେ କୌଣସି ଲୋକ ମୃତାହତ ହୋଇ ନଥିବାର ସୂଚନା ମିଳିଛି। କିନ୍ତୁ ୟେମେନ ଓ ଓମାନ ସରକାର ଲୋକଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା ବିମାନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଖାସ୍ କରି ଦିଲ୍ଲୀ ଓ ଜୟପୁର ଭଳି ଅଞ୍ଚଳରେ ବିମାନ ଚଳାଚଳ ଉପରେ ନଜର ରଖାଯାଇଛି। ପାଉଁଶର କଣା ବିମାନର ଇଞ୍ଜିନକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି। ଖାସ୍‌କରି ଏଥିପାଇଁ ଅନ୍ତର୍ଜାତୀୟ ବିମାନ ଚଳାଚଳ ନିୟମ ଅନୁସାରେ ସତର୍କତା ଅବଲମ୍ବନ କରାଯାଉଛି। ଭାରତର ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ବିଭିନ୍ନ ଏୟାର ଲାଇନ୍ସ ପାଇଁ ବିସ୍ତୃତ ମାର୍ଗଦର୍ଶିକା ଜାରି କରିଛି। ତେବେ ଏହି ପାଉଁଶ ତଥା ବାଦଲ ବହୁ ଉଚ୍ଚରେ ରହିଥିବାରୁ ବିମାନ ଉଡାଣ ଓ ଅବତରଣରେ କୌଣସି ସମସ୍ୟା ନଥିବା କଥା କୁହାଯାଇଛି। ଯଦି କୌଣସି ବିମାନ ଏହି ପାଉଁଷ ସଂସ୍ପର୍ଶରେ ଆସେ ତେବେ ତୁରନ୍ତ ଏ ନେଇ ସୂଚନା ଦେବାକୁ କୁହାଯାଇଛି। ଏହି କାରଣରୁ ଆକାଶ ଏୟାର, ଇଣ୍ଡିଗୋ ଓ କେଏଲ୍‌ଏମ୍ ସେମାନଙ୍କର ଏକାଧିକ ଉଡାଣ ବନ୍ଦ କରିଛନ୍ତି। ଏହି ଜ୍ୱାଳାମୁଖି ବିସ୍ଫୋରଣକୁ ବୈଜ୍ଞାନିକମାନେ ଏକ ଅସାଧାରଣ ଘଟଣା ବୋଲି କହିଛନ୍ତି। ଏହା ପରିବେଶ ଓ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହି ଜ୍ୱଳାମୁଖିରେ ପୁଣି ବିସ୍ଫୋରଣ ହେବାର ଆଶାଙ୍କ ରହିଛି ବୋଲି କୁହାଯାଇଛି।

# ପ୍ରେମ ପାଇଁ 'ନିର୍ଯାତନା' ନାଟକ

## ଆମେରିକାରୁ ଫେରିଲେ ବାଲେଶ୍ୱର ଝିଅ ପୂଜା



**ପୁରୁଷ ବନ୍ଧୁଙ୍କୁ ବାହା ହେବା ପାଇଁ ମିଛ ଭିଡିଓ ଭାଇରାଲ କରିଥିଲେ**

ବାଲେଶ୍ୱର, ୨୫ ।୧୧(ସମିସ): ପ୍ରେମ ପାଇଁ 'ନିର୍ଯାତନା' ନାଟକ ରଚିଥିଲେ। ନିଜ ମନର ମଣିଷକୁ ବିବାହ କରି ତା' ସହ ରହିବା ପାଇଁ ପାଳିତ ମା' ଉପରେ ମିଛ ଅଭିଯୋଗ ଆଣିଥିଲେ। ଖାଲି ସେତିକି ନୁହେଁ, ଏହାର ଏକ ଭିଡିଓ କରି ଭାଇରାଲ୍ କରିଥିଲେ। ପୌଷ୍ୟ କନ୍ୟା ଭାବେ ଆମେରିକା ଯାଇଥିବା ଓଡ଼ିଆ ଝିଅ ପୂଜା ଆଜି ବାଲେଶ୍ୱର ଫେରିବା ପରେ ନିଜ ମୁହଁରେ ଏହି 'ନିର୍ଯାତନା' ନାଟକର ଭେଦ ଖୋଲିଛନ୍ତି।

ପୂଜା କହିଛନ୍ତି, ଛୋଟ ବେଳେ ଭୁବନେଶ୍ୱରରେ ରହି ପୁରୁଷବନ୍ଧୁ ଅମରଙ୍କ ସହ ପାଠ ପଢୁଥିଲି। ପରିବାର ସହ ଟ୍ରେନ୍‌ରେ ଯାତ୍ରା କରୁଥିବା ବେଳେ ହଜିଯାଇଥିଲି। ଚାଇଲ୍ଡଲାଇନ ମୋତେ ଉଦ୍ଧାର କରି ଭୁବନେଶ୍ୱର ନହରକଣ୍ଟାସ୍ଥିତ ଏକ କନ୍ୟାଶ୍ରମରେ ରଖିଥିଲା। ସେଠାରୁ ଏକ ଆମେରିକୀୟ ଦମ୍ପତି ମୋତେ ପୋଷ୍ୟକନ୍ୟା ଭାବେ ଗ୍ରହଣ କରି ସାଙ୍ଗରେ ନେଇ ଯାଇଥିଲେ। ଆମେରିକାରେ ପାଖାପାଖି ୭ବର୍ଷରୁ ଅଧିକ ସମୟ ରହିଥିଲି। ୨୦୨୪ ମସିହାରେ ସୋସିଆଲ ମିଡିଆରେ ଅମରକୁ ଦେଖିବା ପରେ ତାଙ୍କ ସହ ଯୋଗାଯୋଗ କରିଥିଲି। କଥାବାର୍ତ୍ତାରୁ ଆମ ସଂପର୍କ ଆଗକୁ ବଢ଼ିଥିଲା। ସେଠାରେ ମୋତେ କୌଣସି ନିର୍ଯାତନା ଦିଆଯାଉ ନଥିଲା। ଭାଇରାଲ୍ ହୋଇଥିବା 'ନିର୍ଯାତନା' ଭିଡିଓ ସମ୍ପୂର୍ଣ୍ଣ ମିଛ। ମୁଁ ଅମରଙ୍କୁ ଭଲ ପାଉଛି ଓ ତାଙ୍କୁ ବାହା ହୋଇ ଓଡ଼ିଶାରେ ରହିବି ବୋଲି ପୂଜା କହିଛନ୍ତି।

ସୂଚନାନୁଯାୟୀ, କିଛି ଦିନ ତଳେ ପୂଜାଙ୍କ ଏକ ଭିଡିଓ ଭାଇରାଲ୍ ହୋଇଥିଲା। ତାଙ୍କୁ ପୋଷ୍ୟ କନ୍ୟା ଭାବେ ଗ୍ରହଣ କରିଥିବା ଦମ୍ପତି ତାଙ୍କୁ ଆମେରିକାରେ ନିର୍ଯାତନା ଦେଉଛନ୍ତି ବୋଲି ସେଥିରେ ସେ ଅଭିଯୋଗ କରିଥିଲେ। ତେଣୁ, ଯଥାଶୀଘ୍ର ତାଙ୍କୁ ସେଠାରୁ ଉଦ୍ଧାର ପାଇଁ ସେ ଉକ୍ତ ଭିଡିଓରେ ଓଡ଼ିଶା ସରକାରଙ୍କୁ ଗୁହାରି କରିଥିଲେ। ତେବେ ରାଜ୍ୟ ସରକାରଙ୍କ ଉଦ୍ୟମରେ ତାଙ୍କୁ ଓଡ଼ିଶା ଫେରାଇ ଅଣାଯାଇଛି। ତାଙ୍କୁ ବାଲେଶ୍ୱର ନାରୀସଂଘରେ ରଖାଯାଇଛି।

ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋସ୍ନା ମହାନ୍ତି କହିଛନ୍ତି ଯେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ଅଧ୍ୟକ୍ଷତାରେ ଗୋଟିଏ ଟିମ୍ ଭୁବନେଶ୍ୱର ଯାଇ ସେଠାରୁ ତାଙ୍କୁ ଉଦ୍ଧାର କରି ଜିଲ୍ଲା ନାରୀ ସଂଘରେ ରଖିଛନ୍ତି। ଅନ୍ୟପଟେ ପୂଜାଙ୍କ ପୁରୁଷ ବନ୍ଧୁଙ୍କ ସହ ଏପର୍ଯ୍ୟନ୍ତ ତାଙ୍କର ଦେଖାହୋଇନି। ତାଙ୍କ ସହ ଯୋଗାଯୋଗ ଜାରି ରଖାଯାଇଛି। ଜିଲ୍ଲାପାଳଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପରେ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ।

**ଆଜୀବନ ଦଣ୍ଡାଦେଶକୁ ଚାଲେଞ୍ଜ**

## ୧୨ବର୍ଷ ବିଳମ୍ବରେ ମାମଲାକୁ ନେଇ ହାଇକୋର୍ଟଙ୍କ ଅସନ୍ତୋଷ

କଟକ,୨୫ ।୧୧(ସମିସ): ଜିଲ୍ଲା ଜଜ୍ ଓ ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ନିୟମିତ ଜେଲ୍ ଯାଞ୍ଚ ସତ୍ତ୍ୱେ ଆଜୀବନ ଜେଲ୍ ଦଣ୍ଡାଦେଶ ପାଇଥିବା ଦୋଷୀଙ୍କ ପକ୍ଷରୁ ଦଣ୍ଡାଦେଶ ବିରୋଧରେ ୧୨ବର୍ଷ ବିଳମ୍ବରେ ଅପିଲକୁ ନେଇ ହାଇକୋର୍ଟ ପ୍ରଶ୍ନ ଉଠାଇବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। କେବଳ ଜିଲ୍ଲା ଜଜ୍ ନୁହେଁ, ବରଂ ଜିଲ୍ଲା ଆଇନସେବା ପ୍ରାଧିକରଣ ସହ ଜଡ଼ିତ ଅଧିକାରୀମାନେ ମଧ୍ୟ ଜେଲଗୁଡ଼ିକର ନିୟମିତ ପରିଦର୍ଶନ କରି ଯାଞ୍ଚ କରୁଛନ୍ତି। ତେବେ ନିମ୍ନ ଅଦାଲତଙ୍କ ରାୟକୁ କିଭଳି ୧୨ବର୍ଷ ଧରି ଅଭିଯୁକ୍ତଙ୍କ ତରଫରୁ ଅପିଲ ଜରିଆରେ ହାଇକୋର୍ଟରେ ଚାଲେଞ୍ଜ କରାଯାଇନଥିଲା, ସେ ନେଇ ଖଣ୍ଡପୀଠ ପ୍ରଶ୍ନ କରିବା ସହ ମୟୂରଭଞ୍ଜ ଜିଲ୍ଲା ଏବଂ ଦୌରାଜଜ୍‌ଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି। ଜଟିଆ ହେମ୍ବ୍ରମଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ଜଟିଆ ହେମ୍ବ୍ରମକୁ ଆଇପିସିର ଧାରା ୩୦୨(ହତ୍ୟା) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଗତ ୨୦୧୩ ଜାନୁଆରି ୩୦ରେ ବାରିପଦା ଅତିରିକ୍ତ ଦୌରାଜଜ୍‌ଆ ଜୀବନ କାରାଦଣ୍ଡାଦେଶ ପ୍ରଦାନ କରି ରାୟ ପ୍ରକାଶ କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ଗତ ଅକ୍ଟୋବର ୨୪ରେ ଏକ ଜେଲ କ୍ରିମିନାଲ ଅପିଲ ଦାଖଲ କରାଯାଇଥିଲା। ଯେତେବେଳେ ମାମଲାଟି ଶୁଣାଣି ପାଇଁ ଆସିଲା, ସେତେବେଳେ ଅପିଲ୍ ଦାଖଲ କରିବାରେ ୪୫୬୫ ଦିନ ଅର୍ଥାତ ୧୨ ବର୍ଷ ବିଳମ୍ବ ହୋଇଥିବା କୋର୍ଟ ଷ୍ଟାମ୍ପ ରିପୋର୍ଟରଙ୍କ ଦ୍ୱାରା ଉଲ୍ଲିଖିତ କରାଯାଇଥିଲା। ଅପିଲ କରୁନଥିବା ଅଭିଯୁକ୍ତଙ୍କୁ ଆଇନଗତ ସହାୟତା ପ୍ରଦାନର ନିୟମ ରହିଛି, ଯାହାକୁ ନେଇ ହାଇକୋର୍ଟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ପରବର୍ତ୍ତୀ ଶୁଣାଣି ବେଳେ ସମ୍ପୃକ୍ତ ଆଇନ ସେବା ପ୍ରାଧିକରଣର ସଚିବଙ୍କୁ ଭର୍ଚୁଆଲ ଜରିଆରେ ହାଜର ହେବା ପାଇଁ କହିଛନ୍ତି ହାଇକୋର୍ଟ। ଏଥିସହ ଆବେଦନକାରୀ ଅଭିଯୁକ୍ତଙ୍କ ହାଜର ବ୍ୟବସ୍ଥାକୁ ବାରିପଦା ସର୍କଲ ଜେଲ୍ ଅଧୀକ୍ଷକ ସୁନିଶ୍ଚିତ କରାଇବେ ବୋଲି କହିଛନ୍ତି ଅଦାଲତ।

## ବକାଉର ରହେମାନଙ୍କ ପରଲୋକ



ଭୁବନେଶ୍ୱର,୨୫ ।୧୧(ସମିସ)୨୫।୧୧: ଯଦୁପୁରର ବିଶିଷ୍ଟ ସମାଜସେବୀ ମହମ୍ମଦ ବକାଉର୍ ରହେମାନଙ୍କର ଗତ ରବିବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୯୪ବର୍ଷ ବୟସ ହୋଇଥିଲା। ଭାରତୀୟ ଡାକ ବିଭାଗରେ କାର୍ଯ୍ୟ କରି ସେ ଅବସର ନେବା ପରେ ତାଙ୍କର ଯଦୁପୁର ବାସଭବନରେ ରହୁଥିଲେ। ସେ ଅତ୍ୟନ୍ତ ମେଳାପୀ ଥିଲେ ଏବଂ ଗ୍ରାମର ବିଭିନ୍ନ ଲୋକହିତକର କାର୍ଯ୍ୟରେ ସଂଶ୍ଳିଷ୍ଟ ରହୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଜ୍ୟେଷ୍ଠପୁତ୍ର ବରିଷ୍ଠ ସାମ୍ବାଦିକ ମହମ୍ମଦ ହିଫ୍‌ଜୁର ରହେମାନଙ୍କ ସମେତ ୪ ପୁଅ, ତିନିଝିଅ ଏବଂ ସମସ୍ତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଯଦୁପୁର କବର ସ୍ଥାନରେ ସୋମବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଭିଜିଲାନ୍ସ ଜାଲରେ ଏଆରଆଇ



୧୨ ହଜାର ଲାଞ୍ଚ ନେଲାବେଳେ ମାଡ଼ିବସିଲା ଭିଜିଲାନ୍ସ

କେନ୍ଦ୍ରାପଡ଼ା, ୨୫।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ତହସିଲ ଅଧୀନ ନିକିରାଇ ରାଜସ୍ୱ ସର୍କଲ ଏଆର୍‌ଆଇ ଅଭିମନ୍ୟୁ ବେହେରା ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଜମିର କିସମ ପରିବର୍ତ୍ତନ ପାଇଁ ଶ୍ରୀନାଥ ମଲ୍ଲିକଠାରୁ ୧୨ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ ଲାଞ୍ଚ ଟଙ୍କା ସହ କାବୁ କରିଛି।

ଶ୍ରୀନାଥ ମଲ୍ଲିକ ନିଜ ଚାଷଜମିକୁ ଘରବାଡ଼ିକୁ ପରିବର୍ତ୍ତନ ପାଇଁ ଗତ ଅକ୍ଟୋବର ୩୧ ତାରିଖରେ ଡେରାବିଶ ତହସିଲ କାର୍ଯ୍ୟାଳୟରେ ଅନଲାଇନ୍ ଆବେଦନ କରିଥିଲେ। ଦଲିଲ ଯାଞ୍ଚ ହେବା ପରେ ଶ୍ରୀନାଥକୁ ନିକିରାଇ ରାଜସ୍ୱ କାର୍ଯ୍ୟାଳୟକୁ ଡକାଯାଇଥିଲା। ଶ୍ରୀନାଥ ଅଫିସରେ ପହଞ୍ଚିଥିଲେ। ସେଠାରେ ଏଆର୍‌ଆଇ ଶ୍ରୀ ବେହେରା ତାଙ୍କୁ ୧୫,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏତେ ଟଙ୍କା ଦେବାକୁ ଶ୍ରୀନାଥ ଅମଙ୍ଗ ହେବାରୁ ଶ୍ରୀ ବେହେରା ୧୨ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ କାମ ହେବନି ବୋଲି ରୋକଠୋକ୍ ଶୁଣାଇ ଦେଇଥିଲେ। ଅନ୍ୟ ଉପାୟ ନ ପାଇ ଶ୍ରୀ ମଲ୍ଲିକ ଏ ସଂପର୍କରେ ଭିଜିଲାନ୍ସର ଦ୍ୱାରସ୍ଥ ହେବାରୁ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଆଜି ଶ୍ରୀ ବେହେରା ଅଫିସ୍‌ରେ ଲାଞ୍ଚ ଟଙ୍କା ନେଉଥିବା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ପରେ ଭିଜିଲାନ୍ସ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଅଭିମନ୍ୟୁଙ୍କ ଆଳିସ୍ଥିତ ପୈତୃକ ଘର, ଗରାପୁର ବାସଭବନ ଓ ଅଫିସରେ ଏକ ସମୟରେ ଚଢ଼ଉ କରିଥିଲା

**ଗାଁରେ ପହଞ୍ଚିଲା ଓଡ଼ିଆ ଶ୍ରମିକଙ୍କ ମରଶରୀର**

## ଗାର୍ଡ ଅଫ୍ ଅନର୍ ପରେ ଅନ୍ତିମ ସଂସ୍କାର



ଖଲ୍ଲିକୋଟ,୨୫ ।୧୧(ସମିସ): ସୁରତରେ ବ୍ରେନ୍-ଡେଡ୍ ଘୋଷଣା ପରେ ନିଜର ଦୁଇ କିଡ୍‌ନୀ ଓ ଲିଭର୍ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଦାନ କରିଥିବା ଓଡ଼ିଆ ଦାଦନ ଶ୍ରମିକ ପଞ୍ଚୁ ପ୍ରଧାନଙ୍କ ମରଶରୀର ମଙ୍ଗଳବାର ପୈତୃକ ଗ୍ରାମ ଆମ୍ବଝର ନୂଆପଲ୍ଲୀରେ ପହଞ୍ଚିଛି। ଶହଶହ ଅଞ୍ଚଳବାସୀଙ୍କ ଗହଣରେ ଗାଁ ମଶାଣିରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଗାଁରେ ତାଙ୍କ ଶବ ପହଞ୍ଚିବା ପରେ ଅଞ୍ଚଳବାସୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତ୍ରିରଙ୍ଗାରେ ଆଚ୍ଛାଦିତ ତାଙ୍କ ମରଶରୀରକୁ ଶ୍ମଶାନକୁ ନିଆଯାଉଥିବା ବେଳେ 'ପଞ୍ଚୁ ପ୍ରଧାନ ଅମର ରହେ' ନାରାରେ ପୂରା ପରିବେଶ କମ୍ପି ଉଠିଥିଲା। ଗାର୍ଡ ଅଫ୍ ଅନର୍ ଦିଆଯିବା ପରେ ଗାଁ ମଶାଣିରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

ପୁଲିସ ପକ୍ଷରୁ ଗାର୍ଡ ଅଫ୍ ଅନର୍ ଦିଆଯିବା ବେଳେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ଆସିକା ସାଂସଦ ଅନିତା ଶୁଭଦର୍ଶିନୀ, ଖଲ୍ଲିକୋଟ ବିଡିଓ ଦେବାଶିଷ ସାମଲ, ତହସିଲଦାର ଡି. ମାଲେଶ୍ୱର ପାତ୍ର, ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ତାଳପଡ଼ା ସରପଞ୍ଚ ମନୋଜ କୁମାର ସେଠୀ, ବିଜେପି ଘୁମୁସର ଜିଲ୍ଲା ସାଧାରଣ ସମ୍ପାଦକ ଅନୀଲ କୁମାର ପଣ୍ଡା, ବିଜେପି ଯୁବନେତା ଅରୁଣ କୁମାର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

ପଞ୍ଚୁଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର। ସେ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଘରେ ତାଙ୍କର ପତ୍ନୀ, ୭ ବର୍ଷର ଏକ ଝିଅ ଓ ୪ ମାସର ପୁଅ ରହିଛି। ସ୍ୱାମୀଙ୍କ ମୃତ୍ୟୁ ପରେ ପୁଅ-ଝିଅଙ୍କୁ କିପରି ପାଳିବେ, ସେ ଚିନ୍ତାରେ ପଞ୍ଚୁଙ୍କ ପତ୍ନୀ ଘାରି ହେଉଛନ୍ତି।

# ୨୨ ଏକର ଜମିରୁ ଗଞ୍ଜେଇ ଗଛ ପୋଡ଼ିଲା ପୁଲିସ



ଜି.ଉଦୟଗିରି,୨୫ ।୧୧(ସମିସ): ବ୍ୟାପକ ସଚେତନତା ସତ୍ତ୍ୱେ କନ୍ଧମାଳ ଜିଲ୍ଲାରେ ଗଞ୍ଜେଇ ଚାଷ କମିବା ବଦଳରେ ବଢ଼ିବାରେ ଲାଗିଛି। ଜି.ଉଦୟଗିରି ଅଞ୍ଚଳରେ ବ୍ୟାପକ ଗଞ୍ଜେଇ ଚାଷ ହୋଇଥିବା ଖବର ପାଇ ପୁଲିସ ପକ୍ଷରୁ ଚଢ଼ଉ କରାଯାଇଛି। ପେଟାପାଙ୍ଗା ପଞ୍ଚାୟତର ବିଭିନ୍ନ ଜମି ଓ ପାହାଡ଼ିଆ ଅଞ୍ଚଳରେ ଥିବା ପ୍ରାୟ ୨୨ଏକର ଜମିରେ ଲାଗିଥିବା ଗଞ୍ଜେଇ ଗଛକୁ ପୁଲିସ କାଟି ପୋଡ଼ି ନଷ୍ଟ କରିଛି। ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ତିନି ପୁଲିସ ଅଧିକାରୀ, ଏକ ପ୍ଲାଟୁନ ଫୋର୍ସ, ୪୦ଜଣ ହୋମଗାର୍ଡ ସଦଳବଳେ ଗଞ୍ଜେଇ ଗଛ କାଟି ପୋଡ଼ି ନଷ୍ଟ କରିଛନ୍ତି। ଜି.ଉଦୟଗିରି ଅଞ୍ଚଳରେ ପ୍ରଥମ କରି ଗଞ୍ଜେଇ ଚାଷ ହେଉଥିବା ଜଣାପଡ଼ିଛି। ରାଇକିଆ ତହସିଲଦାର ବାରିଆଲ ମୁର୍ମୁଙ୍କ ଉପସ୍ଥିତିରେ ଗଞ୍ଜେଇ ଗଛ କଟାଯାଇଥିଲା। ଯାହାର ମୂଲ୍ୟ ଦୁଇ କୋଟି କୋଡ଼ିଏ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଘଟଣାସ୍ଥଳରୁ ଗଞ୍ଜେଇ ଚାଷ ପାଇଁ ବ୍ୟବହୃତ କିଛି ସାମଗ୍ରୀ ମଧ୍ୟ ଜବତ ହୋଇଥିବା ସୂଚନା ମିଳିଛି।

# ଆଶ୍ୱସ୍ତି: ଓଡ଼ିଶା ଉପରେ ନାହିଁ ବାତ୍ୟା ପ୍ରଭାବ

## ଆଇଏମ୍‌ଡି ବୁଲେଟିନ୍‌ରୁ ହଟିଲା ବାତ୍ୟା ପୂର୍ବାନୁମାନ

ଭୁବନେଶ୍ୱର,୨୫ ।୧୧(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଆଶଙ୍କା ମଧ୍ୟରେ ଆସିଛି ଆଶ୍ୱସ୍ତିର ଖବର। ଓଡ଼ିଶା ଉପରେ ବାତ୍ୟାର ପ୍ରଭାବ ଅତ୍ୟନ୍ତ କ୍ଷୀଣ ବୋଲି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଶେଷଜ୍ଞ। ବର୍ତ୍ତମାନ ବଙ୍ଗୋପସାଗର ସଂଲଗ୍ନରେ ୨ ଟି ଲଘୁଚାପ ରହିଥିବା ବେଳେ ଗୋଟିଏ ଅବପାତର ରୂପ ନେଇଛି ଓ ଅନ୍ୟଟି ଘନୀଭୂତ ପରବର୍ତ୍ତୀ ୨୪ ଘଣ୍ଟାରେ ଅବପାତର ରୂପ ନେବାର ସମ୍ଭାବନା ରହିଛି। ଦୁଇ ଲଘୁଚାପ ଘନୀଭୂତ ହେବା ସତ୍ତ୍ୱେ ଏହା ବାତ୍ୟାରେ ପରିଣତ ହେବା ଓ ଓଡ଼ିଶା ଉପରେ ପ୍ରଭାବ ପକାଇବାର ସମ୍ଭାବନା କମ୍ ବୋଲି କୁହାଯାଉଛି। ଏମିତି କି ଏହି ଦୁଇ ଲଘୁଚାପ ବାତ୍ୟାରେ ପରିଣତ ହେବାର ଆଶଙ୍କା ମଧ୍ୟ ଅନେକାଂଶରେ କମି ଯାଇଛି। ଯାହାର ପରିଣାମ ସ୍ୱରୂପ ୨-୩ ଦିନ ହେବ ଆଇଏମ୍‌ଡି ପକ୍ଷରୁ ନିଜ ବୁଲେଟିନ୍‌ରେ ବାତ୍ୟା ସୃଷ୍ଟି ନେଇ ଆକଳନ କରାଯାଉଥିବା ବେଳେ ମଙ୍ଗଳବାର ସନ୍ଧ୍ୟା ବୁଲେଟିନ୍‌ରେ ବାତ୍ୟା ଆଶଙ୍କାକୁ ହଟାଇ ଦିଆଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ମାଲ୍ଲାକାରେଠାରେ ଥିବା ସ୍ପଷ୍ଟ ଚିହ୍ନିତ ଲଘୁଚାପ ଅବପାତରେ ପରିଣତ ହୋଇଛି। ଆଗାମୀ ୨୪ ଘଣ୍ଟାରେ ଏହା ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ଏହା ବ୍ୟତୀତ ଆଉ ଏକ ଲଘୁଚାପ କମୋରିନ ଏବଂ ଏହାର ପାଖାପାଖି ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଏବଂ ଶ୍ରୀଲଙ୍କା ଉପରେ ଅଞ୍ଚଳରେ ସୃଷ୍ଟି ହୋଇଛି। ଏହା ଉତ୍ତର ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଆଗାମୀ ୨୪ ଘଣ୍ଟା ମଧ୍ୟରେ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ଏହା ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର କହିଛି। ତେବେ ଏହି ଦୁଇଟି ଲଘୁଚାପ ଓ ଅବପାତର ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ ବୋଲି ୨ ଟି ପ୍ରମୁଖ ମଡେଲ୍ ଆକଳନ କରୁଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଆଗାମୀ ୭ ଦିନ ପାଇଁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏହି ସମୟରେ ବର୍ଷା ହେବାର ବିଶେଷ ସମ୍ଭାବନା ନାହିଁ। ତେବେ ଏହି ସମୟରେ କିଛି କିଛି ସ୍ଥାନରେ ଘନ କୁହୁଡିର ସମ୍ଭାବନା ରହିଛି। ବିଶେଷ କରି ସୁନ୍ଦରଗଡ ଓ କୋରାପୁଟ ଜିଲ୍ଲାର କିଛି ସ୍ଥାନରେ ଘନ କୁହୁଡିର ଆସ୍ତରଣ ଦେଖିବାକୁ ମିଳିପାରେ। ସେହିପରି ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟରେ ଥଣ୍ଡାର ପ୍ରଭାବ ସାମାନ୍ୟ ବଢ଼ିବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ତାପମାତ୍ରା ପ୍ରାୟ ୩ ଡିଗ୍ରୀ ହ୍ରାସ ହେବାକୁ ଥିବାରୁ ଥଣ୍ଡା ବଢ଼ିବା ନେଇ ଆକଳନ କରାଯାଇଛି। ମଙ୍ଗଳବାର ରାଉରକେଲାରେ ଅତ୍ୟଧିକ ଘନ କୁହୁଡି ଦେଖିବାକୁ ମିଳିଛି। କୋରାପୁଟ ଓ ଫୁଲବାଣୀ ଜିଲ୍ଲାରେ ଘନ କୁହୁଡି ହୋଇଥିବା ରେକର୍ଡ କରାଯାଇଛି। ସୋନପୁର, ପାରାଦ୍ୱୀପ, ଗୋପାଳପୁର, ଭୁବନେଶ୍ୱର ଓ ଝାରସୁଗୁଡ଼ାରେ ହାଲୁକା କୁହୁଡି ପଡିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସର୍ବନିମ୍ନ ତାପମାତ୍ରା ୧୩.୮ ଡିଗ୍ରୀ ସେଲସିୟସ ଝାରସୁଗୁଡାରେ ରେକର୍ଡ କରାଯାଇଛି ଓ ପାହାଡିଆ ଅଞ୍ଚଳ ଦାରିଙ୍ଗବାଡିରେ ସର୍ବନିମ୍ନ ୧୦ ଡିଗ୍ରୀ ସେଲସିୟସ ତାପମାତ୍ରା ହୋଇଥିବା ରିପୋର୍ଟ କରାଯାଇଛି।

■ **ପୁଲିସ ଏସ୍‌ଆଇ ଚାକିରି କେଲେଙ୍କାରୀ ମାମଲା**

## ଭୁବନେଶ୍ୱର ସ୍ୱତନ୍ତ୍ର ସିଜେଏମ୍ କୋର୍ଟକୁ ମାମଲା ସ୍ଥାନାନ୍ତର

ବ୍ରହ୍ମପୁର, ୨୫।୧୧(ସମିସ): ବ୍ରହ୍ମପୁର ଜେଏମ୍‌ଏଫ୍‌ସି କୋର୍ଟରେ ଥିଲା ପୁଲିସ ଏସ୍‌ଆଇ କେଲେଙ୍କାରୀ ମାମଲା। ଯାହାର ତଦନ୍ତ ଭାର ବର୍ତ୍ତମାନ ସିବିଆଇ ହାତକୁ ଯିବା ପରେ ଏହି ମାମଲା ବ୍ରହ୍ମପୁରରୁ ଭୁବନେଶ୍ୱର ସ୍ୱତନ୍ତ୍ର ସିଜେଏମ କୋର୍ଟକୁ ସ୍ଥାନାନ୍ତର ହୋଇଛି। ମାମଲାର ସମସ୍ତ ନଥିପତ୍ର ସ୍ଥାନୀୟ ଜେଏମ୍‌ଏଫ୍‌ସି ଗ୍ରାମୀଣ କୋର୍ଟରୁ ଭୁବନେଶ୍ୱର ସ୍ୱତନ୍ତ୍ର ସିଜେଏମ୍ କୋର୍ଟକୁ ସ୍ଥାନାନ୍ତର ହୋଇଛି। ସେଠାରେ ଚାର୍ଜସିଟ ଦାଖଲ ପରେ ବିଧିବଦ୍ଧ ଭାବେ ସିବିଆଇ କୋର୍ଟରେ ବିଚାର ଚାଲିବ। ମାମଲା ସ୍ଥାନାନ୍ତର ନେଇ ଅନୁମତି ଦେଇଛନ୍ତି ବ୍ରହ୍ମପୁର ଜେଏମଏଫସି କୋର୍ଟ। ମାମଲା ସ୍ଥାନାନ୍ତର ସହ ସମସ୍ତ ରେକର୍ଡ, ନଥିପତ୍ର ଓ ଜବତ ସାମଗ୍ରୀ ସବୁକିଛି ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ବ୍ରହ୍ମପୁର ମଣ୍ଡଳ କାରାଗାରରୁ ସୋମବାର ରାତିରେ ଅଭିଯୁକ୍ତ ଶଙ୍କର ପୃଷ୍ଟି ସମେତ ମୋଟ ୧୨ଜଣ ଅଭିଯୁକ୍ତ ଝାରପଡ଼ା ଜେଲକୁ ସ୍ଥାନାନ୍ତର ହୋଇଛନ୍ତି।

### ୯ମ ପୁଣ୍ୟତିଥି ଉପଲକ୍ଷେ



## ଇଚ୍ଛାବତୀ ରଥ: ଏକ ଅମୃତ ଧାରା

ଆଜି ମାର୍ଗଶୀର ମାସ ପବିତ୍ର ଓଢଣ ଷଷ୍ଠୀ। ଅମୃତ ଅନ୍ୱେଷୀ ମହୀୟସୀ ମା' ଇଚ୍ଛାବତୀ ରଥଙ୍କର ୯ମ ପୁଣ୍ୟତିଥି। ଇଚ୍ଛାବତୀ ଥିଲେ ନିଜେ ନିଜର ପରିଚୟ। ଅତ୍ୟନ୍ତ ସ୍ନେହୀ, ସଦାଚାରିଣୀ, କର୍ତ୍ତବ୍ୟନିଷ୍ଠ, ପୁଣ୍ୟବନ୍ତ ଓ ପରୋପକାରିଣୀ..ଏମିତି ଅନେକ ସୁଗୁଣର ଅଧିକାରିଣୀ। କେବଳ ପରିବାର କାହିଁକି ପରିବାର ପରିଧି ବାହାରେ ଅନେକଙ୍କୁ ସେ ଆପଣାର କରିଛନ୍ତି। ଜୀବନଚର୍ଯ୍ୟାରେ 'ପରୋପକାରାୟ ସ୍ୱର୍ଗାୟ ପରପୀଡ଼ନ' ମନ୍ତ୍ରକୁ ନିଷ୍ଠାର ସହ ଅନୁଶୀଳନ କରିଛନ୍ତି।

୧୯୨୯ ମସିହା ଏପ୍ରିଲ ୧୫ ତାରିଖରେ କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ଅନ୍ତର୍ଗତ ଝାଡ଼େଶ୍ୱର କଡେଇ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ଇଚ୍ଛାବତୀ। କଣ୍ଠୁରୀ ଚରଣ ଦାଶ ଓ ରାଣୀ ଦେବୀଙ୍କ ଏକମାତ୍ର କନ୍ୟା ଥିଲେ ସେ। ପରିବାରର ଆର୍ଥିକ ସ୍ୱଚ୍ଛଳତା ନଥିଲେ ବି ଆଧ୍ୟାତ୍ମିକ ଭାବନା ଓ ଗଭୀର ଈଶ୍ୱର ବିଶ୍ୱାସ ତାଙ୍କ ସଂସାରକୁ କରିଥିଲା ସୁଖଶାନ୍ତିମୟ। କଣ୍ଠୁରୀ ଚରଣ ଥିଲେ ଅତ୍ୟନ୍ତ ଅମାୟିକ, ଶାନ୍ତ ଓ ସ୍ନେହୀ ମଣିଷ। ପୁଅଟିଏ ନଥିଲେ ବି ତାଙ୍କ ମନରେ ନଥିଲା ଅନୁଶୋଚନା। ଅନ୍ୟମାନଙ୍କୁ ଆପଣାର ପୁଅଝିଅ ବୋଲି ଧରି ନେଇଥିଲେ। ଇଚ୍ଛାବତୀ ଗାଁ ସ୍କୁଲ ପ୍ରାଥମିକ ଶିକ୍ଷା ଲାଭ ବେଳେ ପ୍ରତ୍ୟହ ପ୍ରାର୍ଥନାରେ 'ଆହେ ଦୟାମୟ ବିଶ୍ୱବିହାରୀ...' ଆବୃତ୍ତି କରୁଥିଲେ। ସୁବିଧା କି ସୁଯୋଗ ନଥିବାରୁ ପାଠରେ ଆଗକୁ ଯାଇପାରିଲେ ନାହିଁ ସିନା କିନ୍ତୁ ବିଦ୍ୟାଳୟରେ ଶିଖିଥିବା ଏହି ପ୍ରାର୍ଥନା ସଂଗୀତକୁ ସେ ଜୀବନ ସଂଗୀତ ଭାବରେ ଗ୍ରହଣ କରିନେଇଥିଲେ। ଇଚ୍ଛାବତୀଙ୍କୁ ଯେତେବେଳେ ୧୩ ବର୍ଷ ବୟସ ତାଙ୍କର ବିବାହ ସମ୍ପନ୍ନ ହେଲା ନିକଟବର୍ତ୍ତୀ ଟାଙ୍ଗୀ ଗ୍ରାମର କଏରାପାରୀର ସମ୍ଭ୍ରାନ୍ତ ରଥ ପରିବାରରେ। କପିଳ ରଥଙ୍କ କନିଷ୍ଠପୁତ୍ର ଧନେଶ୍ୱରଙ୍କ ସହ। ସ୍ଥିତିପ୍ରଜ୍ଞ ଓ ଦୃଢ଼ ଇଚ୍ଛାଶକ୍ତିର ଅଧିକାରୀ ଥିଲେ ଧନେଶ୍ୱର। ୫ ପୁତ୍ର ଓ ୪ କନ୍ୟାଙ୍କ ଜନନୀ ହେବାର ସୌଭାଗ୍ୟ ଲାଭ କରିଥିଲେ। ପିଲାମାନଙ୍କୁ ଉପଯୁକ୍ତ ଲାଳନପାଳନ ଶିକ୍ଷାଦୀକ୍ଷା ଦେଇ ମଣିଷ ପରି ମଣିଷ କରି ଗଢ଼ିତୋଳିଥିଲେ। ପୁତ୍ରକନ୍ୟାମାନେ ଆଜି ସ୍ୱ ସ୍ୱ କ୍ଷେତ୍ରରେ କେବଳ ପ୍ରତିଷ୍ଠିତ ନୁହଁନ୍ତ ଅନେକ ଅନୁଷ୍ଠାନ ଓ ଉଦ୍ୟୋଗ ପ୍ରତିଷ୍ଠା କରି ରାଜ୍ୟର ଗୌରବ ବୃଦ୍ଧି କରିଚାଲିଛନ୍ତି। ସେମାନଙ୍କ ମଧ୍ୟରେ ତୃତୀୟ ପୁତ୍ର ସଫଳ ଶିଳ୍ପୋଦ୍ୟୋଗୀ ପ୍ରମୋଦଚନ୍ଦ୍ର ରଥଙ୍କ ଦୂରଦୃଷ୍ଟି, ନିଷ୍ଠାପର ପ୍ରଚେଷ୍ଟା ଓ ସମ୍ମିଳିତ ସହଯୋଗରେ ପ୍ରତିଷ୍ଠିତ 'ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ' ଓ ପଦ୍ମିନୀ କେୟାର ହସ୍‌ପିଟାଲ, ମେଡିକାଲ କଲେଜ ଆଜି ଅଞ୍ଚଳବାସୀଙ୍କପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇଛି। ୧୯୯୪ରେ ସ୍ୱାମୀ କର୍ମଯୋଗୀ ଧନେଶ୍ୱରଙ୍କ ବିୟୋଗ ଇଚ୍ଛାବତୀଙ୍କୁ ନିଃସଙ୍ଗ କରିଦେଇଥିଲା। ତେବେ ସ୍ୱାମୀଙ୍କ ଆଦର୍ଶ ଓ ଈଶ୍ୱରଙ୍କ ଆଶୀର୍ବାଦକୁ ପାଥେୟ କରି ସେ ଜୀବନପଥକୁ ପ୍ରଶସ୍ତ କରିଥିଲେ। ତାଙ୍କରି ପ୍ରେରଣାରେ ଅନେକ ଧର୍ମାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ନୂଆ ରୂପ ନେଲା। ପରିଣତ ବୟସ ପର୍ଯ୍ୟନ୍ତ ଅଗଣିତ ମଣିଷଙ୍କୁ ଖୁସି ବାଣ୍ଟୁଥିବା ଏହି ମହୀୟସୀଙ୍କ ଜୀବନଦୀପ ଲିଭିଗଲା ୨୦୧୬ ଡିସେମ୍ବର ୫ ତାରିଖର ଶୀତୁଆ ଅପରାହ୍ନରେ। ଆଜି ତାଙ୍କର ୯ମ ଶ୍ରାଦ୍ଧବାର୍ଷିକୀରେ ଅମର ଆତ୍ମା ପ୍ରତି ଜଣାଉଛୁ କୋଟିକୋଟି ପ୍ରଣତି... ।■

- ନିରାକାର ସାହୁ
ଲୋକସଂପର୍କ ଅଧିକାରୀ,
ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟକ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ।

## ଆଜିର ଇତିହାସ

- ୧୮୮୫-ପ୍ରଥମ ଥର ପାଇଁ ଉଲ୍‌କାପିଣ୍ଡର ଫଟୋଚିତ୍ର ଉତ୍ତୋଳନ କରାଗଲା।
- ୧୯୩୨- ମହାନ୍ କ୍ରିକେଟର୍ ସାର୍ ଡନ୍ ବ୍ରାଡ୍‌ମ୍ୟାନ୍ ପ୍ରଥମ ଶ୍ରେଣୀ କ୍ରିକେଟରେ ୧୦,୦୦୦ ରନ୍ କଲେ।
- ୧୯୬୭- ଲିସ୍‌ବନ୍‌ରେ ବାଦଲ ଫାଟିବାରୁ ୪୫୦ ଲୋକଙ୍କ ମୃତ୍ୟୁ।
- ୨୦୦୮ - ମୁମ୍ବାଇର ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ଯୋଗୁଁ ୧୬୬ ଜଣଙ୍କ ପ୍ରାଣହାନି,୩୦୦ରୁ ଅଧିକ ଆହତ।

# ଜାନୁଆରୀରେ 'ଡନ୍ ୩'ର ସୁଟିଂ



ଫରହାନ୍ ଅଖତର୍ ୨୦୨୩ରେ ସେ 'ଡନ୍ ୩' ନିର୍ମାଣ କରୁଛନ୍ତି ବୋଲି ଘୋଷଣା କରିଥିଲେ। ରଣବୀର ସିଂହ ଏଥିରେ ଲିଡ୍ ରୋଲରେ ନଜର ଆସିବେ ବୋଲି ସେତେବେଳେ ସେ କହିଥିଲେ। ନିକଟରେ 'ଡନ୍ ୩'କୁ ନେଇ ଏକ ଖବର ଆସିଛି। ଫରହାନ୍ '୧୨୦ ବାହାଦୂର'ର ପ୍ରମୋସନ୍ କରୁଥିବା ସମୟରେ ତାଙ୍କର ଆଗାମୀ ପ୍ରୋଜେକ୍ଟ 'ଡନ୍ ୩' ହେବ ବୋଲି କହିଥିଲେ। ସେ ଆସନ୍ତା ଜାନୁୟାରୀରୁ ଏହାର ସୁଟିଂ ଆରମ୍ଭ କରିବେ ବୋଲି କହିଛନ୍ତି। ଏଥିରେ ରଣବୀରଙ୍କ ବିପକ୍ଷରେ କ୍ରିତି ସାନନ୍ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏହାବାଦ୍ ବିଜୟ ଦେବରକୋଣ୍ଡା ଓ ବିକ୍ରାନ୍ତ ମେସିଙ୍କୁ ମଧ୍ୟ ସେ ବ୍ରେକ୍ ଦେଇପାରନ୍ତି ବୋଲି ମଧ୍ୟ କୁହାଯାଉଛି। ଫିଲ୍ମର ସୁଟିଂ ଆସନ୍ତାବର୍ଷ ଜାନୁୟାରୀରୁ ଆରମ୍ଭ ହେବ ଏବଂ ଏହାକୁ ଡିସେମ୍ବରରେ ରିଲିଜ୍ କରିବା ପାଇଁ ଫରହାନ୍ ଯୋଜନା କରିଛନ୍ତି।

# ସମ୍ବିଧାନ ଦିବସ



ପ୍ରତିବର୍ଷ ନଭେମ୍ବର ୨୬ ତାରିଖକୁ ସମ୍ବିଧାନ ଦିବସ ଭାବରେ ପାଳନ କରାଯାଏ। ୧୯୪୯ ମସିହା ନଭେମ୍ବର ୨୬ରେ ଭାରତ ସମ୍ବିଧାନକୁ ଗ୍ରହଣ କରିଥିଲା ଏବଂ ୧୯୫୦ ମସିହା ଜାନୁଆରୀ ୨୬ରେ ଏହାକୁ ଭାରତରେ ଲାଗୁ କରାଯାଇଥିଲା। ୨୦୧୫ ମସିହାରେ ନାଗରିକଙ୍କ ମଧ୍ୟରେ ସମ୍ବିଧାନର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ସାମାଜିକ ନ୍ୟାୟ ମନ୍ତ୍ରଣାଳୟ ପ୍ରତିବର୍ଷ ନଭେମ୍ବର ୨୬କୁ ସମ୍ବିଧାନ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। କାରଣ ସେହି ବର୍ଷ 'ଭାରତୀୟ ସମ୍ବିଧାନର ଜନକ' ବାବାସାହେବ ଭୀମରାଓ ରାମଜୀ ଆମ୍ବେଦକରଙ୍କ ଶହେ ପଚିଶତମ ଜୟନ୍ତୀ ପାଳିତ ହୋଇଥିଲା। ତାଙ୍କ ସମ୍ମାନାର୍ଥେ 'ସମ୍ବିଧାନ ଦିବସ' ପାଳନ ନିମନ୍ତେ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ଦେଶରେ ଶାସନ ପାଇଁ ସମ୍ବିଧାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ। ସମ୍ବିଧାନ ଦେଶର ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ପ୍ରଦାନ କରେ ଏବଂ ସେମାନଙ୍କୁ ନିୟମରେ ବାନ୍ଧି ରଖିଥାଏ। ୧୯୪୭ ଅଗଷ୍ଟ ୧୫ ତାରିଖରେ ବ୍ରିଟିଶ ଶାସନ କବଳରୁ ଭାରତ ସ୍ୱାଧୀନତା ହାସଲ କଲାବେଳେ ଦେଶରେ ଏକ ସ୍ଥାୟୀ ସମ୍ବିଧାନ ନ ଥିଲା। ଭାରତର ପ୍ରଥମ ଆଇନ ମନ୍ତ୍ରୀ ବାବାସାହେବ ଆମ୍ବେଦକର ୧୯୪୭ ମସିହାରରେ ସମ୍ବିଧାନ ଡ୍ରାଫ୍ଟ କମିଟିର ସଭାପତି ଭାବରେ ନିଯୁକ୍ତି ହୋଇଥିଲେ ଏବଂ ତାଙ୍କୁ ଭାରତର ସମ୍ବିଧାନ ଲେଖିବାର ଦାୟିତ୍ୱ ଦିଆଯାଇଥିଲା। ଆମ୍ବେଦକର ଭାରତର ସମ୍ବିଧାନକୁ ଦୁଇବର୍ଷ ଏଗାର ମାସ ଏବଂ ୧୮ ଦିନରେ ପ୍ରସ୍ତୁତ କରି ରାଷ୍ଟ୍ରକୁ ସମର୍ପି ଦେଇଥିଲେ। ଭାରତୀୟ ସମ୍ବିଧାନ ହେଉଛି ବିଶ୍ୱର ଦୀର୍ଘତମ ଲିଖିତ ସମ୍ବିଧାନ। ସମ୍ବିଧାନର ମୂଳ କପି ଏବେ ମଧ୍ୟ ପାର୍ଲାମେଣ୍ଟ ଲାଇବ୍ରେରୀରେ ରଖାଯାଇଛି। ସେତେବେଳେ ଏହାର ସପକ୍ଷରେ ସଂସଦର ୨୮୪ ଜଣ ସଦସ୍ୟ ହସ୍ତାକ୍ଷର କରିଥିଲେ। ସେମାନଙ୍କ ମଧ୍ୟରେ ୧୫ ଜଣ ମହିଳା ସଦସ୍ୟା ଥିଲେ। ବିଶ୍ୱର ବିଭିନ୍ନ ରାଷ୍ଟ୍ରର ସମ୍ବିଧାନର କେତେକ ଅଂଶ ଭାରତୀୟ ସମ୍ବିଧାନରେ ସାମିଲ କରାଯାଇ ଏକ ବୃହତ୍ ସମ୍ବିଧାନ ପ୍ରସ୍ତୁତ କରାଯାଇଥିଲା। ସମ୍ବିଧାନକୁ ଗୋଟିଏ ରାଷ୍ଟ୍ରର ଦର୍ପଣ ଭାବେ ଗ୍ରହଣ କରାଯାଇଥାଏ। ଗୋଟିଏ ସ୍ୱାଧୀନ ରାଷ୍ଟ୍ରର ଶାସନ ପରିଚାଳନା ନିମନ୍ତେ ଅନୁସୃତ ନିୟମାବଳୀର ସମଷ୍ଟିକୁ ସମ୍ବିଧାନ କୁହାଯାଏ। ସମଗ୍ର ବିଶ୍ୱରେ ଭାରତର ସମ୍ବିଧାନର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ଏହି ଦିବସ ପାଳନ ଅବସରରେ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରରେ ସମ୍ବିଧାନ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।

# ଛଅ ଦିନ ଗାଏବ ହୋଇଯାଏ ଟ୍ରେନ୍

ପ୍ରତ୍ୟେକ ଟ୍ରେନ୍ ତାର ଗନ୍ତବ୍ୟ ସ୍ଥଳରୁ ବାହାରି ନିର୍ଦ୍ଦିଷ୍ଟ ସମୟରେ ଲକ୍ଷ୍ୟସ୍ଥଳରେ ପହଞ୍ଚିଥାଏ। ହେଲେ ବିଶ୍ୱରେ ଏମିତି ଏକ ଟ୍ରେନ୍ ରହିଛି, ଷ୍ଟେସନରୁ ବାହାରିବା ମାତ୍ରେ ତାହା ଉଭାନ୍ ହୋଇଯାଏ। ଏହି ଟ୍ରେନ୍ ଯାତ୍ରା ଆରମ୍ଭ କରିବାର ଛଅ ଦିନ ପର୍ଯ୍ୟନ୍ତ ଯାତ୍ରୀଙ୍କର ବାହ୍ୟ ଦୁନିଆ ସହିତ କୌଣସି ସମ୍ପର୍କ ରୁହେନାହିଁ। ବେଜିଂରୁ ମସ୍କୋ ଯାଏଁ ୭୮୨୬ କିଲୋମିଟର ଯାତ୍ରା କରୁଥିବା ଏହି ଟ୍ରେନ୍‌ର ନାଁ କେ୩। ଟ୍ରାନ୍ସ-ମଙ୍ଗୋଲିୟାନ ରୁଟ୍‌ରେ ଚାଲୁଥିବା ଏହି ଟ୍ରେନ୍‌ଟି ତାର ଗତିପଥରେ ଚୀନ୍, ମଙ୍ଗୋଲିଆ, ରୁଷ୍ ତିନୋଟି ଦେଶ ଅତିକ୍ରମ କରିଯାଏ। ପ୍ରତ୍ୟେକ ବୁଧବାର ବେଜିଂରୁ ଟ୍ରେନ୍‌ଟି ତା'ର ଯାତ୍ରା ଆରମ୍ଭ କରି ସୋମବାର ଦିନ ମସ୍କୋରେ ପହଞ୍ଚିଥାଏ। କରୋନା ଯୋଗୁ ୨୦୨୦ ମସିହାରୁ ଏହି ଟ୍ରେନ୍ ଚଳାଚଳ ବନ୍ଦ ଥିବାବେଳେ ଏବେ ପୁଣି ଥରେ ଏହାକୁ ଚଳାଇବା ପାଇଁ ଯୋଜନା କରାଯାଉଛି। ସାଧାରଣତଃ ଜଣେ ଟ୍ରେନ୍‌ରେ ଯାତ୍ରା କରିବା ସମୟରେ ତାର ଲୋକେସନ୍ ସମ୍ପର୍କରେ ତାର ସାଙ୍ଗସାଥୀ ପରିବାର ଲୋକେ ଜାଣିପାରନ୍ତି। ଏହାବାଦ୍ ଯାତ୍ରୀମାନେ ପରିବାର, ସାଙ୍ଗସାଥୀଙ୍କ ସହ ଫୋନ୍‌ରେ କଥାବାର୍ତ୍ତା କରିପାରନ୍ତି। ହେଲେ କେ୩ ଟ୍ରେନ୍‌ଟି ବେଜିଂ ଷ୍ଟେସନ ଛାଡିବାମାତ୍ରେ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ। ଗୋବି ମରୁଭୂମି, ମଙ୍ଗୋଲିଆର ତୃଣଭୂମି , ସାଇବେରିଆର ବରଫାବୃତ୍ତ ଜଙ୍ଗଲ,ବୈକାଲ ହ୍ରଦ ଦେଇ ଏହି ଟ୍ରେନ୍ ଅତିକ୍ରମ କରେ। ଏଥିରେ ଦୁଇ ପ୍ରକାରର



କେବିନ୍ ସୁବିଧା ଥାଏ। ଡିଲକ୍ସ ୨ ବର୍ଥ କିମ୍ବା ୪ବର୍ଥ ହାର୍ଡ ସ୍ଲିପର। ସେହିପରି ଟ୍ରେନ୍‌ଟି ଯେଉଁ ଦେଶ ଯାଉଥାଏ ସେହି ସ୍ଥାନର ଖାଇବା ଯାତ୍ରୀଙ୍କୁ ପରୋଷା ଯାଏ। ଏହି ଟ୍ରେନ୍‌ରେ ଯାତ୍ରା କରିବାକୁ ହେଲେ ଭାରତୀୟ ମୁଦ୍ରାରେ ୪୫,୦୦୦ ଟଙ୍କାରୁ ଟିକେଟ ଆରମ୍ଭ ହୋଇଥାଏ। ସେହିପରି ଟ୍ରେନ୍‌ରେ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଖରେ ଚୀନ୍, ମଙ୍ଗୋଲିଆ ଏବଂ ରୁଷ୍ ତିନିଟି ଦେଶର ଟୁରିଷ୍ଟ ଭିସା ରହିଥିବା ଜରୁରି।

## ସମ୍ଭାବନା



# କଣ୍ଟେଣ୍ଟ କ୍ରିଏସନ୍



ରିପୋର୍ଟ ଅନୁସାରେ, ଡିଜିଟାଲ କଣ୍ଟେଣ୍ଟ ତିଆରି କରିବା ମାମଲାରେ ମେଟ୍ରୋ ସହର ସବା ଆଗରେ ରହିଥାଏ। ହେଲେ ଏବେ ସ୍ମାର୍ଟଫୋନ୍ ଏବଂ ଇଣ୍ଟରନେଟ୍ ଏହି ଦୂରତ୍ୱକୁ କମ୍ କରିଛି। ଏବେ ଛୋଟ ସହରର କ୍ରିଏଟର ନିଜ ଆଞ୍ଚଳିକ ଭାଷାରେ କଣ୍ଟେଣ୍ଟ ପ୍ରସ୍ତୁତ କରି ବିଶ୍ୱରେ ଲୋକପ୍ରିୟ ହେବାର ପ୍ରୟାସ କରୁଛନ୍ତି। ସ୍ଥାନୀୟ ଭାଷା, ସଂସ୍କୃତି ଓ କାହାଣୀକୁ ବିଶ୍ୱର କୋଣଅନୁକୋଣର ଲୋକେ ବି ପସନ୍ଦ କରୁଛନ୍ତି। ତେଣୁ ଏମିତି କୁହାଯାଇପାରିବ ଯେ, ସାମାଜିକ ଗଣମାଧ୍ୟମ ସମସ୍ତଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି।


ସେହିପରି ୭୫ ପ୍ରତିଶତ ଯୁବପିଢ଼ି କଣ୍ଟେଣ୍ଟ କ୍ରିଏସନକୁ ଗୁରୁତର କ୍ୟାରିୟର ଭାବେ ଦେଖୁଛନ୍ତି। ଏ ଲାଗି ୟୁଟ୍ୟୁବ୍, ଇନଷ୍ଟାଗ୍ରାମ୍ କେବଳ ମନୋରଞ୍ଜନର ସାଧନ ନ ହୋଇ କ୍ୟାରିୟରର ନୂଆ ବିକଳ୍ପ ପାଲଟିଛି। ଏହାକୁ ଯୁବପିଢ଼ି ବିଜନେସ୍ ଟୁଲ୍ ଭଳି ଦେଖୁଛନ୍ତି। ତେବେ ରିପୋର୍ଟ ଅନୁସାରେ, ୫୫ ପ୍ରତିଶତ ଯୁବପିଢ଼ି ଏହା ଦ୍ୱାରା ଆର୍ଥିକ ଭାବେ ଆତ୍ମନିର୍ଭରଶୀଳ ହୋଇଥିବା କହିଛନ୍ତି।

କଣ୍ଟେଣ୍ଟ କ୍ରିଏଟ୍ ଲାଗି ୟୁଟ୍ୟୁବ୍ ଯୁବପିଢ଼ିଙ୍କର ପ୍ରଥମ ପସନ୍ଦ ପାଲଟିଛି। ତେଣୁ ୯୦ ପ୍ରତିଶତରୁ ଅଧିକ ଜେନ୍ ଜି କଣ୍ଟେଣ୍ଟ କ୍ରିଏଟର ୟୁଟ୍ୟୁବ୍‌ରେ ଅଛନ୍ତି। ସେହିପରି ହିନ୍ଦୀ ସହିତ ଆଞ୍ଚଳିକ ଭାଷାରେ ତିଆରି କଣ୍ଟେଣ୍ଟକୁ ଲୋକମାନେ ଖୁବ୍ ପସନ୍ଦ କରୁଛନ୍ତି।

**ଭାରତରେ ଡିଜିଟାଲ ଦୁନିଆରେ ଏକ ନୂଆ ପରିବର୍ତ୍ତନ ଆସିଛି। ଭାରତର ଯୁବପିଢ଼ି ମୁଖ୍ୟତଃ ୧୮-୨୪ ବର୍ଷ ବୟସ ଅର୍ଥାତ୍ ଜେନ୍ ଜି ଇଣ୍ଟରନେଟ୍‌ରେ ନିଜସ୍ୱ ପରିଚୟ ତିଆରି କରୁଛନ୍ତି। ୟୁଟ୍ୟୁବ୍ ଇଣ୍ଡିଆ ଏବଂ ସ୍ମିଥ୍‌ଗିଗରର ନୂଆ ରିପୋର୍ଟ ଅନୁସାରେ, ୮୩ ପ୍ରତିଶତ ଭାରତୀୟ ଯୁବପିଢ଼ି ନିଜକୁ କଣ୍ଟେଣ୍ଟ କ୍ରିଏଟର ବୋଲି ମାନୁଛନ୍ତି। ତେଣୁ ଏବେ କଣ୍ଟେଣ୍ଟ କ୍ରିଏସନ କେବଳ ଏକ ସଉକ ନୁହେଁ, ଏହା କ୍ୟାରିୟରର ନୂଆ ବିକଳ୍ପ ପାଲଟିଛି। ଏଥିରୁ ମିଳୁଥିବା ଆର୍ଥିକ ସ୍ୱାଧୀନତା ଯୁବପିଢ଼ିଙ୍କୁ ଡିଜିଟାଲ ଦୁନିଆରେ ଆଗକୁ ନେଉଛି।**

# ସଫଳତାରେ ବାଧକ ଖରାପ ଅଭ୍ୟାସ

**ପରୀକ୍ଷା ତଥା ଜୀବନରେ ସମସ୍ତେ ସଫଳତା ପାଇବାକୁ ଚାହାଁନ୍ତି। ସେହିପରି କଠିନ ପରିଶ୍ରମ କରିବା ସତ୍ତ୍ୱେ ଅନେକଙ୍କୁ ସଫଳତା ମିଳି ନ ଥାଏ। ହେଲେ କିଛି ଖରାପ ଅଭ୍ୟାସ ମଧ୍ୟ ସଫଳତାରେ ବାଧା ସୃଷ୍ଟି କରିଥାଏ।**



- ପଢ଼ିବା ପାଇଁ ଶାନ୍ତ ଜାଗା ନ ମିଳିବା। ଆଖପାଖର କୋଳାହଳପୂର୍ଣ୍ଣ ବାତାବରଣ, ଫୋନ, ଟିଭି ଏବଂ ସାମାଜିକ ଗଣମାଧ୍ୟମ ଯୋଗୁଁ କାମ ତଥା ପଢ଼ାରେ ଧ୍ୟାନ କେନ୍ଦ୍ରିତ ହୋଇପାରେ ନାହିଁ।
- ଗୋଟେ ସମୟରେ ସବୁ କିଛି କରିବାର ପ୍ରବୃତ୍ତି ବେଳେ ବେଳେ ସମସ୍ୟାରେ ପକାଏ। ଏଣୁ ଗୋଟିଏ ସମୟରେ ଗୋଟିଏ କାମ ଉପରେ ଗୁରୁତ୍ୱ ଦେବା ଦରକାର।
- ସେହିପରି ଡେରିରେ ଶୋଇବା ଏବଂ ବିଳମ୍ବରେ ଉଠିବା ଅଭ୍ୟାସ ବି ଦାୟୀ। ଏପରିକି ୭-୮ ଘଣ୍ଟା ନ ଶୋଇବା ଦ୍ୱାରା କାମରେ ସଫଳତା ମିଳେ ନାହିଁ।
- ଉତ୍ତମ ଭୋଜନ ନ କରିବା ମଧ୍ୟ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ଠିକ୍ ଖାଦ୍ୟ ନ ଖାଇବା ଦ୍ୱାରା ଶରୀରର ଅସୁସ୍ଥ ହୁଏ। ପଢ଼ା କିମ୍ବା କୌଣସି କାର୍ଯ୍ୟରେ ମନ ଲାଗେ ନାହିଁ।
- ଖଟ ଉପରେ ଶୋଇ ରହି ପଢ଼ିବା ଅଭ୍ୟାସରୁ ଦୂରେଇ ରହିବା ଉଚିତ। ଚେୟାର୍ ଟେବୁଲ ପଢ଼ାଭ୍ୟାସକୁ ଆପଣାଇବା ଭଲ।
- ଦୀର୍ଘ ସମୟ ଧରି ବସି ପଢ଼ିବା ଆଦୌ ଠିକ୍ ନୁହେଁ। ପଢ଼ା ମଝିରେ ୧୦-୧୫ ମିନିଟ୍‌ର ବ୍ରେକ ନେବା ଭଲ।

# ହ୍ୱାଟ୍ସଆପ୍‌ର ନୂଆ ଫିଚର୍

ଇନଷ୍ଟାଗ୍ରାମ୍ ନୋଟ୍‌ସ ଭଳି ହ୍ୱାଟ୍ସଆପ୍ ଏକ ନୂଆ ଫିଚର୍‌କୁ ପରିଚିତ କରାଇଛି। ଏହାର ନାଁ 'ଏବାଉଟ୍'। ତେବେ ହ୍ୱାଟ୍ସଆପ୍‌ରେ ପୂର୍ବରୁ ଥିବା ଷ୍ଟାଟସ୍‌ର ଏହା ହେଉଛି ଅପଗ୍ରେଡ୍ ଭର୍ସନ। ଏବେ ବ୍ୟବହାରକାରୀ ଛୋଟ ଛୋଟ ଟେକ୍ସଟ୍ ଅପଡେଟ୍ ଏଥିରେ ସେୟାର୍ କରିପାରିବେ। ଏହା ସେମାନଙ୍କର ୱାନ୍-ଟୁ-ୱାନ୍ ଚାଟ୍ ଉପରେ ଦେଖିବାକୁ ମିଳିବ। ଏପରିକି ସେମାନଙ୍କ ପ୍ରୋଫାଇଲ ପେଜ୍‌ରେ ବି ଦେଖିବାକୁ ମିଳିବ। ବ୍ୟବହାରକାରୀ ଏହା ମାଧ୍ୟମରେ ନିଜ ବିଷୟରେ ଏଇ ଯେମିତି କଣ କରୁଛନ୍ତି, କାହିଁକି ବ୍ୟସ୍ତ ଆଦି ଅନ୍ୟ ବିବରଣୀ ଶୀଘ୍ର ଅପଡେଟ୍ ସେୟାର୍ କରିପାରିବେ।



ଅନ୍ୟପଟେ କିଛି ଲୋକଙ୍କୁ ଏହି ଫିଚର୍ ନୂଆ ଲାଗିବ। ହେଲେ 'ଏବାଉଟ୍' ଫିଚର୍ ଆପ୍‌ରେ ପୂର୍ବରୁ ଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିରେ ବ୍ୟବହାରକାରୀ ଛୋଟ ଛୋଟ ଅପଡେଟ୍ ସେୟାର୍ କରୁଥିଲେ ଇନଷ୍ଟାଗ୍ରାମ୍ ନୋଟ୍ ଭଳି। ହେଲେ ଏଥର ଏହି ଫିଚରକୁ ଉନ୍ନତମାନର କରାଯାଇଛି। ଏହି ଅପଡେଟ୍ ଚାଟ୍ ଉପରେ ଦେଖିବାକୁ ମିଳୁଛି ଏବଂ ବ୍ୟବହାରକାରୀ ଏଥିରେ ଟ୍ୟାପ୍ କରି ସିଧା ରିପ୍ଲାଏ ଦେଇପାରିବେ। ଏହି ଅପେଡଟ୍ ୨୪ ଘଣ୍ଟାରେ ଗାଏବ ହୋଇଯାଏ। କାରଣ ଏହା ହେଉଛି ଡିଫଲ୍ଟ ସେଟିଂ। ଅବଶ୍ୟ ଏବେ ଏହା ଇନଷ୍ଟାଗ୍ରାମ୍ ନୋଟ୍ ଭଳି ଆଡଭାନ୍ସ ନୁହେଁ। ହ୍ୱାଟ୍ସଆପ୍‌ର ଏହି ଫିଚର୍ କେବଳ ଟେକ୍ସଟ୍ ଅପଡେଟ୍ ଯାଏଁ ସୀମିତ।

# ସମୟ ପରିଚାଳନାର ଉପାୟ

**କିଛି ଲୋକ ଏମିତି ଥାନ୍ତି, ଯେଉଁମାନଙ୍କ ଅଭ୍ୟାସ ସବୁ କାମ ବିଳମ୍ବରେ କରିବା। ଏଭଳି ଲୋକ ସବୁ ସ୍ଥାନରେ ବିଳମ୍ବରେ ପହଞ୍ଚି ଥାନ୍ତି। ତା'ସହ ସେମାନଙ୍କର ସମୟଜ୍ଞାନ ନ ଥିବା କଥାକୁ ସ୍ପଷ୍ଟ କରିଥାଏ। ତେବେ ସମୟକୁ କିଭଳି ପରିଚାଳନା କଲେ, ସବୁ କାମ ସମୟରେ କରିପାରିବେ, ସେ ସମ୍ପର୍କରେ ଜ୍ଞାନ ରହିବା ଉଚିତ।**

- ସମୟରେ କାମ କରିବାକୁ ଚାହୁଁଥିଲେ, ଆଲାର୍ମ ଏବଂ ଟାଇମର୍ ବ୍ୟବହାର କରନ୍ତୁ। ଏଭଳି କରିବା ଦ୍ୱାରା ବିଳମ୍ବ ହେବ ନାହିଁ।
- ନିତିଦିନର କାମ ଠିକ୍ ସମୟରେ କରିପାରୁ ନ ଥିଲେ, ତାହାର ଏକ ତାଲିକା ପ୍ରସ୍ତୁତ କରନ୍ତୁ। ଏହି ତାଲିକା ଅନୁସାରେ, କାମ କରିବା ଦ୍ୱାରା ସବୁ କାମ ସମୟ ଅନୁସାରେ ହୋଇପାରିବ।



- କୌଣସି କାମକୁ ସମୟରେ କରିବା ପାଇଁ ସମୟ ସାରଣୀ ପ୍ରସ୍ତୁତ କରନ୍ତୁ। ସେଥିରେ ସବୁ କାମ ପାଇଁ ନିର୍ଦ୍ଦିଷ୍ଟ ଏକ ସମୟ ଲେଖନ୍ତୁ ଏବଂ ତଦନୁସାରେ କାର୍ଯ୍ୟ କରନ୍ତୁ।
- ଧ୍ୟାନ କରିବା କାମ ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହଜ ହୁଏ। ଫଳରେ କାମ କରିବାରେ ଆଗ୍ରହ ସୃଷ୍ଟି ହୁଏ। ସମୟ ଅନୁସାରେ କାମ କରିବା ସହଜ ହୋଇଥାଏ।

## ଦ୍ୱିତୀୟ ଟେଷ୍ଟ: ଭାରତ ଆଗରେ ୫୪୯ ରନ୍‌ର ଅସମ୍ଭବ ବିଜୟ ଲକ୍ଷ୍ୟ

# ସିରିଜ୍ ସୁଇପ୍ ଦ୍ୱାରଦେଶରେ ଦକ୍ଷିଣ ଆଫ୍ରିକା



ବର୍ଷାପଡା, ୨୫।୧୧(ଏଜେନ୍ସି): ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଜିତିବାକୁ ଭାରତ ଆଗରେ ୫୪୯ ରନ୍‌ର ଅସମ୍ଭବ ବିଜୟ ଲକ୍ଷ୍ୟ ଦେଇଛି ଦକ୍ଷିଣ ଆଫ୍ରିକା। ଏହି ଲକ୍ଷ୍ୟକୁ ପିଛା କରି ମଙ୍ଗଳବାର ଚତୁର୍ଥ ଦିନ ଖେଳ ଶେଷସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ ୨୭ ରନ୍‌ରେ ୨ଟି ୱିକେଟ ହରାଇ ଅଧିକ ବିପଦକୁ ଆମନ୍ତ୍ରଣ କରିଛି। ଭାରତୀୟ ଦଳରେ ସ୍ଥାନ ପାଇଥିବା ଦୁଇ ଟେଷ୍ଟ ଓପନର ଯଶସ୍ୱୀ ଜୟସ୍ୱାଲ ୧୩ ଓ ଲୋକେଶ ରାହୁଲ ୬ ରନ୍ କରି ଆଉଟ ହୋଇଛନ୍ତି। ଏମାନଙ୍କ ଆଉଟ ସହ ଘରୋଇ ଦଳର ମ୍ୟାଚ୍ ଡ୍ର ରଖିବା ଆଶା ମଧ୍ୟ ଦୂରେଇଯାଇଛି। ସାଇ ସୁଦର୍ଶନ ୨୫ ବଲ୍‌ରୁ ୨ ଓ କୁଲଦୀପ ଯାଦବ ୨୨ ବଲ୍‌ରୁ ୪ ରନ୍ କରି ଏପ୍ରକାର ଅସମ୍ଭବ ବିଜୟ ଲକ୍ଷ୍ୟକୁ ହାସଲ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର କୋଲକାତାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଦକ୍ଷିଣ ଆଫ୍ରିକା ୩୦ ରନ୍‌ରେ ବିଜୟୀ ହୋଇଥିଲା। ଏହା ଫଳରେ ଭାରତ ମାଟିରେ ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ ସିରିଜ୍ ଏବଂ ପ୍ରଥମ ସିରିଜ୍ ସ୍ୱିପ୍‌ର ଦ୍ୱାରଦେଶରେ ପହଞ୍ଚିଛି। ପୂର୍ବରୁ ଖେଳାଯାଇଥିବା ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକାର ୪୮୯ ରନ୍ ଜବାବରେ ଭାରତ ମାତ୍ର ୨୦୧ ରନ୍ କରିଥିଲା। ୨୮୮ ରନ୍‌ର ପ୍ରଥମ ଇନିଂସ ଅଗ୍ରଣୀ ଥିବା ଦକ୍ଷିଣ ଆଫ୍ରିକା ୫ ୱିକେଟରେ ୨୬୦ ରନ୍ କରି ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିଥିଲା। ଘରୋଇ ଦଳ ୫୪୯ ରନ୍‌ର ଲକ୍ଷ୍ୟକୁ ପିଛା କରି ୨ ୱିକେଟରେ ୨୭ ରନ୍ ଭରଣା କରିନେଇଛି। ଏହା ଫଳରେ ଆସନ୍ତାକାଲି ଶେଷ ଦିନ ଖେଳରେ ଭାରତକୁ ବାକିଥିବା ୮ ୱିକେଟ ବିନିମୟରେ ଆଉ ୫୨୨ ରନ୍ ସଂଗ୍ରହ କରିବ। ଭାରତ ଯଦି ଏହି ମ୍ୟାଚ୍‌କୁ ଡ୍ର ରଖିପାରିଲେ, ନିଶ୍ଚିତ ଏହା ଏକ ବିସ୍ମୟକର ଫଳାଫଳ ହେବ।

ପୂର୍ବରୁ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୫ ୱିକେଟ ହରାଇ ୨୬୦ ରନ୍ କରିବା ପରେ ଦଳ ତାହାର ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିଥିଲା। ଟ୍ରିଷ୍ଟାନ ଷ୍ଟବ୍ସ ୧୮୦ ବଲ୍ ଖେଳି ୯୪, ଟୋନି ଡି ଜୋର୍ଜି ୪୯ ରନ୍ କରିଥିଲେ। ୱିଆନ୍ ମୁଲ୍ଡର ଅପରାଜିତ ରହି ଓ ରିୟାନ ରିକେଲଟନ ୩୫ ରନ୍ ଲେଖାଏଁ କରିଥିଲେ। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ସର୍ବାଧିକ ୪ଟି ୱିକେଟ ପାଇଥିଲେ ମଧ୍ୟ ଆବଶ୍ୟକ ବେଳେ ଏହା କିଛି କାମରେ ଆସି ନ ଥିଲା।

### ସଂକ୍ଷିପ୍ତ ସ୍କୋର

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୪୮୯/୧୦** (ମୁଥୁସ୍ୱାମୀ-୧୦୯, ଜାନ୍‌ସେନ୍-୯୩, କୁଲଦୀପ-୪/୧୧୫)।
**ଭାରତ ପ୍ରଥମ ଇନିଂସ: ୨୦୧/୧୦** (ଜୟସ୍ୱାଲ-୫୮, ସୁନ୍ଦର-୪୮, ଜାନ୍‌ସେନ୍- ୬/୪୮, ହାର୍ମର-୩/୬୪)।
**ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୨୬୦/୫, ଘୋଷିତ** (ଷ୍ଟବ୍ସ-୯୪, ଡି ଜୋର୍ଜି-୪୯, ମୁଲ୍ଡର-୩୫ଅ, ଜାଡେଜା-୪/୬୨)।
**ଭାରତ ଦ୍ୱିତୀୟ ଇନିଂସ: ୨୭/୨**।

● ଆଜିଠୁ ସୟଦ ମୁସ୍ତାକ ଅଲି ଟି-୨୦

## ଓଡ଼ିଶା ସାମ୍ନାରେ ସାମସନ୍ ଚ୍ୟାଲେଞ୍ଜ

କଟକ,୨୫।୧୧(ସମିସ): ଭାରତୀୟ ଘରୋଇ କ୍ରିକେଟର ଟି-୨୦ ଫର୍ମାଟ ଟୁର୍ଣ୍ଣାମେଣ୍ଟ ସୟଦ ମୁସ୍ତାକ ଅଲି ଟ୍ରଫିର ୧୮ତମ ସଂସ୍କରଣ ବୁଧବାରଠାରୁ ଆରମ୍ଭ ହେବ। ଗ୍ରୁପ-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ପ୍ରଥମ ଦିବସରେ ଶକ୍ତିଶାଳୀ କେରଳ ଦଳକୁ ଭେଟିବ। ଉଭୟ ଦଳ ଗତ ୧୨ ବର୍ଷ ଭିତରେ ଦୁଇଥର ସାମ୍ନାସାମ୍ନି ହୋଇଥିଲେ ମଧ୍ୟ ଓଡ଼ିଶା ପଛୁଆ ରହିଛି। ଦୁଇଟି ଯାକ ମ୍ୟାଚ୍‌ରେ କେରଳକୁ ବିଜୟ ମିଳିଛି। ଏହି ଧାରା ଭାଙ୍ଗିବା ଲକ୍ଷ୍ୟ ନେଇ ଓଡ଼ିଶା ଦଳ ବୁଧବାର ପଡ଼ିଆକୁ ଓହ୍ଲାଇବ। ଲକ୍ଷ୍ନୌର ଏକନା କ୍ରିକେଟ ଷ୍ଟାଡିୟମରେ କେରଳ ବିପକ୍ଷ ମ୍ୟାଚ୍ ଖେଳାଯିବ। ଅଭିଜ୍ଞ ଅଲରାଉଣ୍ଡର ବିପ୍ଲବ ସାମନ୍ତରାୟଙ୍କୁ ୫ବର୍ଷ ପରେ ଓଡ଼ିଶା ଦଳର ନେତୃତ୍ୱ ଦିଆଯାଇଛି। ଏହାଛଡ଼ା ୬ଜଣ ନବାଗତଙ୍କୁ ଦଳରେ ସାମିଲ କରାଯାଇଛି। ଅନିଲ ପରିଡ଼ା, ବାଦଲ ବିଶ୍ୱାଳ ଏବଂ ସୌରଭ ଗୌଡ ପ୍ରଥମଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ ମଧ୍ୟ ଟି-୨୦ ଫର୍ମାଟରେ ନୂଆ ଚେହେରା। ଏହାଛଡ଼ା ୧୭ବର୍ଷୀୟ ସ୍ପିନର ରାଜା ଯାଦବ ଏବଂ ପେସ୍ ବୋଲର ଭଗୀଶ ଶର୍ମାଙ୍କ ସମେତ ସୌମ୍ୟରଞ୍ଜନ ଲେଙ୍କା ରାଜ୍ୟ ବରିଷ୍ଠ ଦଳରେ ପ୍ରଥମଥର ସୁଯୋଗ ପାଇଛନ୍ତି। ଗୌରବ ଚୌଧୁରୀ, ସ୍ୱସ୍ତିକ ସାମଲ, ଆଦିତ୍ୟ ରାଉତ, ୱିକେଟ କିପର ଆଶୀର୍ବାଦ ସ୍ୱାଇଁଙ୍କ ଭଳି ଯୁବ ପ୍ରତିଭାଙ୍କ ଉପରେ ଦଳର ପ୍ରାରମ୍ଭିକ ବ୍ୟାଟିଂ ଭାର ନିର୍ଭର କରିବ। ଶୁଭ୍ରାଂଶୁ ସେନାପତି, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାରଙ୍କ ସହ ଅଲରାଉଣ୍ଡର ପ୍ରୟାସ କୁମାର ସିଂହ ମଧ୍ୟକ୍ରମ ସମ୍ଭାଳିବେ। ୩ବର୍ଷର ବ୍ୟବଧାନ ପରେ ବାମହାତୀ ସ୍ପିନର ପପୁ ରାୟଙ୍କୁ ଦଳରେ ସୁଯୋଗ ମିଳିଛି। ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ ଚମତ୍କାର ପ୍ରଦର୍ଶନ କରି ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ପରଭେଜ ମହାରୁଫଙ୍କଠାରୁ ପ୍ରଶଂସିତ ହୋଇଥିବା ପେସ୍ ବୋଲର ଭଗୀଶ ଶର୍ମାଙ୍କ ଉପରେ ଦଳର ନଜର ରହିବ। ପେସ୍ ଆଟାକ୍‌ରେ ରାଜେଶ ମହାନ୍ତି, ସର୍ବେଶ୍ୱର ମହାନ୍ତି ଏବଂ ସୌମ୍ୟରଞ୍ଜନ ଲେଙ୍କା ରହିଛନ୍ତି। ଅପରପକ୍ଷରେ ଅନ୍ତର୍ଜାତୀୟ ତାରକା ସଞ୍ଜୁ ସାମସନ କେରଳ ଦଳର ନେତୃତ୍ୱ ନେଉଛନ୍ତି। ୱିକେଟକିପର ବିଷ୍ଣୁ ବିନୋଦ ଜଣେ ବିସ୍ଫୋରକ ବ୍ୟାଟର ଭାବେ ଜଣାଶୁଣା। ଏତଦବ୍ୟତୀତ କେରଳ ଦଳରେ ଏକାଧିକ ଆଇପିଏଲ ତାରକା ମଧ୍ୟ ସ୍ଥାନ ପାଇଛନ୍ତି। ବୁଧବାର ପୂର୍ବାହ୍ନରେ ହେବାକୁ ଥିବା ଏହି ମ୍ୟାଚ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

## ଓଡ଼ିଶାକୁ ଜିତାଇଲେ ଶୁଭ୍ର



କଟକ,୨୫।୧୧(ସମିସ): ୨୩ବର୍ଷରୁ କମ୍ ମହିଳା ଟି-୨୦ ଟ୍ରଫିରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଥିରୁଅନନ୍ତପୁରମ୍ ସେଣ୍ଟ ଜାଭିୟର୍ସ କେସିଏ କ୍ରିକେଟ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୩ ରନ୍‌ରେ ଉତ୍ତରାଖଣ୍ଡକୁ ହରାଇଛି। ଉତ୍ତରାଖଣ୍ଡ ଅଧିନାୟିକା ନନ୍ଦିନୀ କାଶ୍ୟପ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଡାକରା ଦେଇଥିଲେ। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଜିଏମ ଅଲକାନନ୍ଦଙ୍କ ଦ୍ରୁତ ୩୯ରନର ଅପରାଜିତ ପାଳି ସହାୟତାରେ ଓଡ଼ିଶା ୭ ୱିକେଟ ବିନିମୟରେ ୧୧୦ରନ ସଂଗ୍ରହ କରିଥିଲା। ଜବାବରେ ଉତ୍ତରାଖଣ୍ଡ ୬ ୱିକେଟ ହରାଇ ୧୦୭ରନ କରିବାକୁ ସକ୍ଷମ ହୋଇଥିଲା। ରାଘବୀ ଦଳ ପକ୍ଷରୁ ସର୍ବାଧିକ ୩୪ରନ କରିଥିଲେ। ଓଡ଼ିଶାର ଶୁଭ୍ର ନିର୍ଝରିଣୀ ସ୍ୱାଇଁ ୧୪ରନ ବ୍ୟୟ କରି ୩ଟି ୱିକେଟ ଦଖଲ କରିବା ସହ ଦଳ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ।

## ନିର୍ଦ୍ୱନ୍ଦ୍ୱରେ ସଭାପତି ନିର୍ବାଚିତ ହେଲେ କଳିକେଶ



ଭୁବନେଶ୍ୱର, ୨୫।୧୧ (ସମିସ): ପୂର୍ବତନ ସାଂସଦ ତଥା ବିଜେଡି ବିଧାୟକ କଳିକେଶ ନାରାୟଣ ସିଂ ଦେଓ ନିର୍ଦ୍ୱନ୍ଦ୍ୱରେ ଭାରତୀୟ ଜାତୀୟ ରାଇଫଲ୍ ସଂଘ (ଏନ୍‌ଆରଏଆଇ)ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଫଳରେ ସେ ପୁଣିଥରେ ଏହି ଜାତୀୟ ସଂଘର ସଭାପତି ଭାବେ ପଦ ବଜାୟ ରଖିଛନ୍ତି। ଗତ ବର୍ଷ ସେପ୍ଟେମ୍ବରରେ ସଭାପତି ପଦ ଲାଗି ଅନୁଷ୍ଠିତ ନିର୍ବାଚନରେ କଳିକେଶ ୩୬-୨୧ ଭୋଟରେ ଭିକେ ଧଲ୍‌ଙ୍କୁ ପରାସ୍ତ କରିଥିଲେ। କଳିକେଶଙ୍କ ଏହି ବିଜୟ ଜାତୀୟ ରାଇଫଲ ସଂଘର ନେତୃତ୍ୱ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ଅବସରରେ ଓଡ଼ିଶା ରାଇଫଲ୍ ସଂଘ ପକ୍ଷରୁ କଳିକେଶଙ୍କୁ ଅଭିନନ୍ଦନ ଜଣାଯାଇଛି। ଏହା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ରାଜ୍ୟ ସଂଘର ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ କଳିକେଶଙ୍କ ସଭାପତିତ୍ୱ କାର୍ଯ୍ୟକାଳ ସମୟରେ ପ୍ରଥମଥର ଲାଗି ସୁଟିଂ ଲିଗ୍ ଆରମ୍ଭ ହୋଇଥିଲା।

## ଆମେରିକା ସହ ଭାରତର ପ୍ରଥମ ମୁକାବିଲା

ଟି-୨୦ ବିଶ୍ୱକପ୍ ଖେଳସୂଚୀ

ଦୁବାଇ, ୨୫।୧୧ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖଯାଏ ହେବାକୁ ଥିବା ୨୦୨୬ ଟି-୨୦ ବିଶ୍ୱକପ୍ କ୍ରିକେଟର ଖେଳସୂଚୀ ଆଜି ଆଇସିସି ପକ୍ଷରୁ ଘୋଷଣା କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗନେବେ। ଏହା ଲିଗ୍ କମ୍ ନକ୍‌ଆଉଟ ପଦ୍ଧତିରେ ଖେଳାଯିବ। ଫେବୃଆରୀ ୭ରୁ ୨୦ ଯାଏ ଗ୍ରୁପ୍ ଲିଗ୍ ମ୍ୟାଚ୍, ଫେବୃଆରୀ ୨୧ରୁ ମାର୍ଚ୍ଚ ୧ ସୁପର-୮, ମାର୍ଚ୍ଚ ୪ ଓ ୫ରେ ସେମିଫାଇନାଲ ଓ ମାର୍ଚ୍ଚ ୮ରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଏଥିଲାଗି ୮ଟି ଭେନ୍ୟୁ ଚୟନ କରାଯାଇଛି। ଭାରତରେ ୫ଟି ଓ ଶ୍ରୀଲଙ୍କାରେ ୩ଟି ଭେନ୍ୟୁ ରହିଛି। ପାକିସ୍ତାନ ଯେଉଁ ପର୍ଯ୍ୟାୟକୁ ଗଲେ ମଧ୍ୟ ସମସ୍ତ ମ୍ୟାଚ୍ କଲମ୍ବୋରେ ଖେଳିବ। ପାକିସ୍ତାନ ଯଦି ଫାଇନାଲକୁ ଯୋଗ୍ୟତା ଅର୍ଜନ ନ କରେ ତେବେ ଅହମ୍ମାବାଦ୍ ଓ ସେମିଫାଇନାଲକୁ ନ ଯାଏ, ତେବେ ମୁମ୍ବାଇ, କୋଲକାତାରେ ସେମିଫାଇନାଲ ଖେଳାଯିବ। ୧୬ଟି ଦଳ ଭାଗ ନେଉଥିଲାବେଳେ ସେଗୁଡିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଡିଫେଣ୍ଡିଂ ଚାମ୍ପିଅନ ଭାରତ ଗ୍ରୁପ୍-ଏ'ରେ ଆମେରିକା, ପାକିସ୍ତାନ, ନାମିବ୍ୟା ଓ ନେଦରଲାଣ୍ଡସ ସହ ସ୍ଥାନ ପାଇଛି। ଭାରତ ତାହାର ପ୍ରଥମ ମ୍ୟାଚ୍ ମୁମ୍ବଇରେ ଆମେରିକା ସହ ଫେବୃଆରୀ ୭ରେ, ଦ୍ୱିତୀୟ ମ୍ୟାଚ୍ ଦିଲ୍ଲୀରେ ନାମିବ୍ୟା ସହ ଫେବୃଆରୀ ୧୨ରେ, ତୃତୀୟ ମ୍ୟାଚ୍ ପାକିସ୍ତାନ ସହ କଲମ୍ବୋରେ ଫେବୃଆରୀ ୧୫ରେ ଓ ଚତୁର୍ଥ ମ୍ୟାଚ୍ ଅହମ୍ମଦାବାଦ୍‌ରେ ନେଦରଲାଣ୍ଡସ ସହ ଫେବୃଆରୀ ୧୮ରେ ଖେଳିବ।

### କନିଷ୍ଠ ମହିଳା ଏକାଡେମୀ ଚାମ୍ପିଅନସିପ୍

## ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଚାମ୍ପିଅନ



ଭୁବନେଶ୍ୱର, ୨୫।୧୧ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ହରିୟାଣାରେ ତୃତୀୟ ହକି ଇଣ୍ଡିଆ କନିଷ୍ଠ ମହିଳା ଏକାଡେମୀ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଛି। ଏଥିରେ ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) କ୍ରମାଗତ ୨ୟ ବର୍ଷ ଲାଗି ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛି। ଫାଇନାଲରେ ଓଡ଼ିଶା ନାଭାଲ ଦଳ ୨-୦ ଗୋଲରେ ରାଉଣ୍ଡଗ୍ଲାସ ପଞ୍ଜାବ ହକି ଏକାଡେମୀକୁ ପରାସ୍ତ କରିଥିଲା। ଏଥିପୂର୍ବରୁ ସେମିଫାଇନାଲରେ ଓଡ଼ିଶା ନାଭାଲ ୪-୦ ଗୋଲରେ ଭାରତ ହକି ଏକାଡେମୀକୁ ହରାଇଥିଲା। ମିଡ୍‌ଫିଲ୍ଡର ପ୍ରଜ୍ଞା ପଟେଲ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହି ସଫଳତା ଲାଗି ଓଡ଼ିଶା ନାଭାଲ ଟାଟା ହକି ଏଚପିସି ପକ୍ଷରୁ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଅଭିନନ୍ଦନ ଜଣାଯାଇଛି।

## ବେଲ୍‌ଜିୟମଠୁ ହାରିଲା ଭାରତ

ଇପୋ, ୨୫।୧୧ (ଏଜେନ୍ସି): ମାଲେସିଆରେ ଚାଲିଥିବା ୩୧ତମ ସୁଲତାନ ଆଜଲାନ ଶାହ କପ୍ ହକିରେ ଭାରତ ପ୍ରଥମ ପରାଜୟବରଣ କରିଛି। ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ବେଲ୍‌ଜିୟମ ୩-୨ ଗୋଲ୍‌ରେ ଭାରତକୁ ହରାଇଦେଇଛି। ରୋମାନ ଡୁଭେକେଟ୍ ଡବଲ୍ ଗୋଲ୍ ଦେଇ ବେଲ୍‌ଜିୟମକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଭାରତ ପକ୍ଷରୁ ଅଭିଷେକ ଓ ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚ୍ ଶେଷ ହେବାକୁ ୩ ମିନିଟ୍ ବାକି ଥିବାବେଳେ ଶିଳାନନ୍ଦ ଦଳ ପାଇଁ ଦ୍ୱିତୀୟ ଗୋଲ୍‌ଟି ଦେଇ କିଛିଟା ଆଶା ଉଜ୍ଜିବୀତ କରିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ଏଥିପୂର୍ବରୁ ଭାରତ ପ୍ରଥମ ମ୍ୟାଚରେ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ହରାଇଥିଲା। ଭାରତ ବୁଧବାର ମାଲେସିଆକୁ ଭେଟିବ।

### ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ପ୍ରତ୍ୟାଶାଙ୍କୁ ସ୍ୱର୍ଣ୍ଣ; କିଟ୍‌କୁ ୩ ପଦକ

ଭୁବନେଶ୍ୱର, ୨୫।୧୧ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା (କେଆଇୟୁଜି)ର ଦ୍ୱିତୀୟ ଦିବସରେ ସୋମବାର ଓଡ଼ିଆ କ୍ରୀଡ଼ାବିତ୍‌ମାନେ ଦମ୍‌ଦାର ପ୍ରଦର୍ଶନ କରି ୬ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସନ୍ତରଣକାରୀ ପ୍ରତ୍ୟାଶା ରାୟ ଶ୍ରେଷ୍ଠ ପ୍ରଦର୍ଶନ କରି ଗୋଟିଏ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ପ୍ରତ୍ୟାଶା ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ଓ ୪୦୦ ମିଟର ଫ୍ରିଷ୍ଟାଇଲରେ କାଂସ୍ୟ ପଦକ ହାସଲ କରିଥିଲେ। ଓଡ଼ିଶାର ରିଙ୍କି ନାୟକଙ୍କୁ ଭାରୋତ୍ତୋଳନରେ ରୌପ୍ୟ ମିଳିଛି। ଅପରପକ୍ଷରେ ମଙ୍ଗଳବାର କିଟ୍ ବିଶ୍ୱବିଦ୍ୟାଳୟକୁ ୩ଟି କାଂସ୍ୟ ପଦକ ସଫଳତା ମିଳିଛି। ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକରେ ଦିବ୍ୟାଙ୍କା ପ୍ରଧାନ, ମହିଳା ୫୦ ମିଟର ଫ୍ରିଷ୍ଟାଇଲରେ ନୀଳାବ୍‌ଜା ଘୋଷ ଓ ମହିଳା ୪ ଗୁଣା ୨୦୦ ମିଟର ଫ୍ରିଷ୍ଟାଇଲ ସୁଇମିଂ ରିଲେ ଟିମ୍ କାଂସ୍ୟ ପଦକ ଜିତିଛନ୍ତି।



ପ୍ରତ୍ୟାଶା



ରିଙ୍କି

## ଦିନିକିଆ ରାପିଡ୍ ଚେସ୍: ହର୍ଷିତ, ମନୀଷ ଚାମ୍ପିଅନ

ଭୁବନେଶ୍ୱର,୨୪।୧୧ (ସମିସ): କଟକର ଇଣ୍ଡସ ଚେସ୍ ଏକାଡେମୀ ଆନୁକୂଲ୍ୟରେ ଏକ ଦିନିକିଆ ରାପିଡ୍ ଚେସ୍ ପ୍ରତିଯୋଗିତା ରୁଦ୍ରପୁରସ୍ଥିତ ସିମ୍ଫୋନୀ ମଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓପନ ବିଭାଗରେ କଟକର ହର୍ଷିତ ରଞ୍ଜନ ସାହୁ ପ୍ରଥମ, ପୁରୀର ଜଗଦୀଶ ନାୟକ ଦ୍ୱିତୀୟ ଓ ଖୋର୍ଦ୍ଧାର ଓମ୍‌ଆଦିତ୍ୟ ଖାଡଙ୍ଗା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କନିଷ୍ଠ ବର୍ଗରେ ଖୋର୍ଦ୍ଧାର ମନୀଷ ମିଶ୍ର ପ୍ରଥମ, କଟକର ଦୁଇ ଖେଳାଳି ଅତିକ ସାହାଣୀ ଓ ଇ. ରାଗିଣୀ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ମୁଖ୍ୟ ଅତିଥି, ଫିଡେ ଆର୍ବିଟର ଗଜେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ସାହୁ, ତାପସ ମହାନ୍ତି, ସନ୍ତୋଷ ମହାପାତ୍ର ଓ ସୁରଜ କାନୁନଗୋ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।








PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS